

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ମଙ୍ଗଳବାର ୦୬ ଅକ୍ଟୋବର ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 06 October 2026

Vol.No. 36 ■ No.262 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା

ସାଗରିକା

(ରଥ ସଂଖ୍ୟା)

ଡିଜିଟାଲ୍ ଫର୍ମାଟରେ

ମଧ୍ୟ ଉପଲବ୍ଧ...

ପ୍ରାପ୍ତିସ୍ଥାନ: ନଲେଜ୍ ସେଣ୍ଟର, ବସଷ୍ଟାଣ୍ଡ ସାମ୍ନା, ବାଲେଶ୍ୱର

website : sagarika.in.net


# ଏସ୍ଆଇଆର ବିବାଦରେ ସୁପ୍ରିମକୋର୍ଟଙ୍କ କଡ଼ା ଟିପ୍ପଣୀ: ଫର୍ମ-୬ ପରିବର୍ତ୍ତନକୁ ମଞ୍ଜୁର କରିନାହାନ୍ତି କୋର୍ଟ



ନୂଆଦିଲ୍ଲୀ,୦୫/୧୦ : ଏସ୍ଆଇଆର ବିବାଦକୁ ନେଇ 'ସୁପ୍ରିମ୍' ଟିପ୍ପଣୀ । 'ବେଆଇନ କାମ କରିଥିଲେ ପରିଣାମ ଭୋଗିବେ'। ସିଇସି ଜ୍ଞାନେଶ କୁମାରଙ୍କୁ ଖଣ୍ଡପୀଠଙ୍କ ଜବାବ ତଲବ । ସର୍ବୋଚ୍ଚ ନ୍ୟାୟାଳୟରେ ମୁଖ୍ୟନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ବିରୋଧରେ ହୋଇଥିବା ଆବେଦନ ଓ ଫର୍ମ-୬ରେ ପରିବର୍ତ୍ତନ ମାମଲାର ଶୁଣାଣି ହୋଇଛି। ସିଜେଆଇଙ୍କ ଖଣ୍ଡପୀଠ ସମସ୍ତଙ୍କ ପକ୍ଷ ଶୁଣିବା ପରେ ଏସଆଇଆର ପ୍ରକ୍ରିୟାରେ ବ୍ୟବହାର ହେଉଥିବା ଫର୍ମ-୬କୁ ନେଇ ସୁପ୍ରିମକୋର୍ଟ ବଡ଼ ଟିପ୍ପଣୀ ଦେଇଛନ୍ତି । କହିଛନ୍ତି, ଫର୍ମ-୬ର ପରିବର୍ତ୍ତନକୁ କୋର୍ଟ ମଞ୍ଜୁର କରିନାହାନ୍ତି । ରେକର୍ଡ ଦାଖଲ ପରେ ଦେଖାଯିବ ଫର୍ମ-୬ରେ କିଏ ପରିବର୍ତ୍ତନ କରିଛନ୍ତି ? ସାମ୍ବିଧାନିକ ସଂସ୍ଥା ଆଇନ ଅନୁସାରେ କାମ କରିଥିବ ବୋଲି ଆଶା ଅଛି। ଯଦି କୌଣସି ବେଆଇନ କାମ କରିଥିବେ, ତାହାର ପରିଣାମ ଭୋଗିବେ। ଏଥିସହ ନିର୍ବାଚନ କମିସନର ଓ କେନ୍ଦ୍ର ସରକାରଙ୍କୁ ମଧ୍ୟ ନୋଟିସ ଦିଆଯାଇଛି । ସାମାଜିକ କର୍ମକର୍ତ୍ତା ରାକେଶ କୁମାର ସିଂ ଓ ଆଇନଜୀବୀ ଶୈଳେନ୍ଦ୍ର ମଣିଙ୍କ ପକ୍ଷରୁ ହୋଇଥିବା ଆବେଦନର ସିଇସିଙ୍କ ବିରୋଧରେ ସାଂଘାତିକ ଅଭିଯୋଗ ରହିଛି। ଆବେଦନରେ ଉଲ୍ଲେଖ ଅଛି ଏସ୍ଆଇଆର, ଫର୍ମ-୬ରେ ପରିବର୍ତ୍ତନ ଓ ନିର୍ବାଚନ କମିସନଙ୍କ ବହୁ ନିଷ୍ପତ୍ତି ସର୍ବସମ୍ମତିରେ ନିଆଯାଇନାହିଁ । ଯାହା ପୂର୍ବ ନିର୍ଦ୍ଧାରିତ ଆଇନର ଖୋଲାଖୋଲି ଉଲ୍ଲଂଘନ। ଶୁଣାଣି ସମୟରେ ଖଣ୍ଡପୀଠ କହିଛନ୍ତି ଏକ ନ୍ୟୁଜ ରିପୋର୍ଟ ଆଧାରରେ ଆବେଦନକାରୀ ନିଜ ପକ୍ଷ ରଖୁଛନ୍ତି। ଖବର କାଗଜ ରିପୋର୍ଟ ଆଧାରରେ କୋର୍ଟ ରାୟ ଶୁଣାଇ ପାରିବେ ନାହିଁ। ଆବେଦନକାରୀଙ୍କ ଓକିଲ କହିଥିଲେ ନିର୍ବାଚନ କମିସନଙ୍କ ପ୍ରେସ ରିଲିଜରେ ଖବର କାଗଜ ରିପୋର୍ଟକୁ ଖଣ୍ଡନ କରି ନାହାନ୍ତି। ଖଣ୍ଡପୀଠ ଜବାବ ଆସିବା ଯାଏଁ ଅପେକ୍ଷା କରିବାକୁ କହିଛନ୍ତି । ତେବେ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ଖଣ୍ଡପୀଠ ଜ୍ଞାନେଶ କୁମାରଙ୍କ ନିଲମ୍ବନ ଆବେଦନକୁ ଖାରଜ କରିଦେଇଛନ୍ତି।

# କ୍ୟାମ୍ପସରେ ବାଜିଲା ନିର୍ବାଚନ ବିଗୁଲ୍: ୧୫ରେ ଛାତ୍ର ସଂସଦ ନିର୍ବାଚନ



ଭୁବନେଶ୍ୱର, ୦୫/୧୦ (ନି.ପ୍ର): ଛାତ୍ର ସଂସଦ ନିର୍ବାଚନ ପାଇଁ ବାଜିଲା ବିଗୁଲ। ଅକ୍ଟୋବର ୧୫ରେ ହେବ ଛାତ୍ର ସଂସଦ ନିର୍ବାଚନ। ଅକ୍ଟୋବର ୧୫ରେ ନିର୍ବାଚନ ଏବଂ ୧୬ରେ ଶପଥ ଗ୍ରହଣ ପରେ କଲେଜଗୁଡ଼ିକରେ ଦଶହରା ଛୁଟି ଆରମ୍ଭ ହେବ। ରାଜ୍ୟର ସମସ୍ତ ସରକାରୀ ଅନୁଦାନପ୍ରାପ୍ତ କଲେଜରେ ଅକ୍ଟୋବର ୧୫ ତାରିଖରେ ଛାତ୍ର ସଂସଦ ନିର୍ବାଚନ ହେବ। ଏନେଇ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଘୋଷଣା କରିଛନ୍ତି। ନିର୍ବାଚନ ପାଇଁ ଅକ୍ଟୋବର ୭ ତାରିଖରେ ନୋଟିଫିକେସନ୍ ପ୍ରକାଶ ପାଇବ। ଅକ୍ଟୋବର ୯ରେ ନୋମିନେସନ୍ ଦାଖଲ ପ୍ରକ୍ରିୟା ଅନୁଷ୍ଠିତ ହେବ। ଏହାପରେ ଅକ୍ଟୋବର ୧୫ରେ ଭୋଟଗ୍ରହଣ କରାଯିବ। ନିର୍ବାଚନରେ ବିଜୟୀ ହୋଇଥିବା ନବନିର୍ବାଚିତ ଛାତ୍ର ପ୍ରତିନିଧିମାନେ ଅକ୍ଟୋବର ୧୬ରେ ଶପଥ ଗ୍ରହଣ କରିବେ। ରାଜ୍ୟର ସମସ୍ତ ସରକାରୀ ଅନୁଦାନପ୍ରାପ୍ତ କଲେଜରେ ଅକ୍ଟୋବର ୧୫ ତାରିଖରେ ଛାତ୍ର ସଂସଦ ନିର୍ବାଚନ ଅନୁଷ୍ଠିତ ହେବ। ଏନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏନେଇ ଆଜି ଘୋଷଣା କରିଛନ୍ତି। ଦୀର୍ଘ ୮ ବର୍ଷ ପରେ କଲେଜଗୁଡ଼ିକରେ ଛାତ୍ର ସଂସଦ ନିର୍ବାଚନ ହେବାକୁ ଥିବାରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ସାହ ବଢ଼ିଛି। ବିଭିନ୍ନ ଛାତ୍ର ସଂଗଠନ ନିର୍ବାଚନକୁ ନେଇ ନିଜ ନିଜ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ନିର୍ବାଚନ ପ୍ରକ୍ରିୟାକୁ ଶାନ୍ତିପୂର୍ଣ୍ଣ ଓ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ପାଇଁ କଲେଜ କର୍ତ୍ତୃପକ୍ଷଙ୍କୁ ଆବଶ୍ୟକ ବ୍ୟବସ୍ଥା କରିବାକୁ କୁହାଯିବ। ନିର୍ବାଚନ ପରେ କଲେଜଗୁଡ଼ିକରେ ଦଶହରା ଛୁଟି ଆରମ୍ଭ ହେବ। ନିର୍ବାଚନକୁ ଶାନ୍ତିପୂର୍ଣ୍ଣ ଓ ଶୃଙ୍ଖଳିତ ଭାବେ କରିବା ପାଇଁ କଲେଜ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଆବଶ୍ୟକ ବ୍ୟବସ୍ଥା କରାଯିବ। ନିର୍ବାଚନ ଘୋଷଣା ପରେ କଲେଜ ପରିସରରେ ଛାତ୍ର ରାଜନୀତି ସରଗରମ ହେବା ସହ ନିର୍ବାଚନୀ ମାହୋଲ ଆରମ୍ଭ ହୋଇଛି।

◆◆ପୃଷ୍ଠା ୭

# ୩ ବୈଜ୍ଞାନିକଙ୍କୁ ମେଡିସିନରେ ନୋବେଲ ପୁରସ୍କାର




ନୂଆଦିଲ୍ଲୀ,୦୫/୧୦ : ମେଡିସିନ୍ କ୍ଷେତ୍ରରେ ୨୦୨୬ ମସିହା ପାଇଁ ନୋବେଲ ପୁରସ୍କାର ଘୋଷଣା ହୋଇଛି। ଜର୍ମାନୀର ପିଟର ହେଗେମାନ୍ ଓ ଜର୍ଜ ନାଗେଲ୍ ଏବଂ ଆମେରିକାର କାର୍ଲ ଡାଇସେରୋଥ୍‌ଙ୍କୁ ମିଳିଛି ଏହି ସମ୍ମାନ। ଆଲୋକ ଦ୍ୱାରା ନିୟନ୍ତ୍ରିତ ଆୟନ୍ ଚ୍ୟାନେଲ୍ ଓ ଓପଟ୍ରୋଜେନେଟିକ୍ସର ବିକାଶ କ୍ଷେତ୍ରରେ ସେମାନଙ୍କ ଅବଦାନ ପାଇଁ ଏହି ପୁରସ୍କାର ଦିଆଯାଇଛି । ଓପଟ୍ରୋଜେନେଟିକ୍ସ ହେଉଛି ଏକ ବୈଜ୍ଞାନିକ ପ୍ରଣାଳୀ, ଯାହା ସାହାଯ୍ୟରେ ଆଲୋକ ବ୍ୟବହାର କରି ନିର୍ଦ୍ଦିଷ୍ଟ ନ୍ୟୁରନ୍ ବା ତାନ୍ତ୍ରିକ କୋଷିକାର କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରାଯାଇପାରେ। ଏହାଦ୍ୱାରା କେଉଁ ନ୍ୟୁରନ୍ କେଉଁ କାମ କରୁଛି ଏବଂ ମସ୍ତିଷ୍କର ନିର୍ଦ୍ଦିଷ୍ଟ ସର୍କିଟ୍ କିପରି ସ୍ମୃତି, ଭାବନା ଓ ବ୍ୟବହାରକୁ ପ୍ରଭାବିତ କରୁଛି, ତାହା ଅଧିକ ସଠିକ୍ ଭାବେ ଅଧ୍ୟୟନ କରିବା ସମ୍ଭବ ହୋଇଛି। ପୂର୍ବରୁ ମସ୍ତିଷ୍କର ଅନେକ ନ୍ୟୁରନ୍ ଏକାସାଙ୍ଗରେ ସକ୍ରିୟ ହେଉଥିବାରୁ କୌଣସି ନିର୍ଦ୍ଦିଷ୍ଟ କୋଷିକାର ଭୂମିକା ଜାଣିବା କଷ୍ଟକର ଥିଲା। କିନ୍ତୁ ଓପଟ୍ରୋଜେନେଟିକ୍ସ ମାଧ୍ୟମରେ ଚୟନିତ ନ୍ୟୁରନ୍‌କୁ ଆଲୋକରେ ସକ୍ରିୟ କିମ୍ବା ନିଷ୍କ୍ରିୟ କରି ତାହାର ପ୍ରଭାବ ଅଧ୍ୟୟନ କରିହେଉଛି। ଏହା ମସ୍ତିଷ୍କର କାର୍ଯ୍ୟପ୍ରଣାଳୀ ବୁଝିବାରେ ଗବେଷକଙ୍କୁ ନୂଆ ଉପାୟ ଦେଇଛି। ଏହି ପ୍ରଯୁକ୍ତି ମାଧ୍ୟମରେ ସ୍ମୃତି, ଭାବନା, ବ୍ୟବହାର, ଯନ୍ତ୍ରଣା ଓ ବିଭିନ୍ନ ମସ୍ତିଷ୍କ ସର୍କିଟ୍ ଉପରେ ଗବେଷଣା ଆହୁରି ସଠିକ୍ ହୋଇଛି। ଡିପ୍ରେସନ୍, ପାର୍କିନସନ୍ସ୍, ଏପିଲେପ୍ସି ଓ ଦୀର୍ଘକାଳୀନ ଯନ୍ତ୍ରଣା ଭଳି ରୋଗ ସହ ଜଡ଼ିତ ନ୍ୟୁରାଲ୍ ସର୍କିଟ୍ ବୁଝିବାରେ ମଧ୍ୟ ଏହି ପ୍ରଯୁକ୍ତି ଗବେଷଣାର ନୂଆ ଦିଗ ଖୋଲିଛି। ତେବେ ଏହାକୁ ଏବେ ମୁଖ୍ୟତଃ ଏକ ଗବେଷଣା ଉପକରଣ ଭାବେ ଦେଖାଯାଉଛି। ଓପଟ୍ରୋଜେନେଟିକ୍ସର ପ୍ରଭାବ କେବଳ ମସ୍ତିଷ୍କ ଗବେଷଣାରେ ସୀମିତ ନୁହେଁ। ଦୃଷ୍ଟିଶକ୍ତି ହରାଇବା ସହ ଜଡ଼ିତ କିଛି ରେଟିନା ରୋଗରେ ଆଲୋକ ସମ୍ବେଦନଶୀଳ ପ୍ରୋଟିନ୍ ବ୍ୟବହାର କରି ଦୃଷ୍ଟିର କିଛି ଅଂଶ ଫେରାଇବାର ସମ୍ଭାବନା ଉପରେ ମଧ୍ୟ ଗବେଷଣା ଚାଲିଛି। ମାନବ ପରୀକ୍ଷଣରେ ଗୁରୁତର ରେଟିନା କ୍ଷୟ ଥିବା କିଛି ରୋଗୀଙ୍କଠାରେ ପ୍ରାରମ୍ଭିକ ଭାବେ ଆଲୋକ ଅନୁଭବ କରିବାର ପ୍ରମାଣ ମିଳିଛି । ନୋବେଲ କମିଟିର ମତରେ, ଏହି ତିନି ବୈଜ୍ଞାନିକଙ୍କ ଆବିଷ୍କାର ଜୀବନ୍ତ ମସ୍ତିଷ୍କର ନ୍ୟୁରନ୍‌ଗୁଡ଼ିକୁ ନିୟନ୍ତ୍ରଣ କରି ସେମାନଙ୍କ କାର୍ଯ୍ୟ ବୁଝିବାର ଏକ ନୂଆ ରାସ୍ତା ଖୋଲିଛି। ୨୦୨୬ର ମେଡିସିନ୍ ନୋବେଲରେ ଏହି ଗବେଷଣାକୁ ମିଳିଥିବା ସ୍ୱୀକୃତି ନ୍ୟୁରୋସାଇନ୍ସ ଓ ଭବିଷ୍ୟତର ଚିକିତ୍ସା ଗବେଷଣା ପାଇଁ ମଧ୍ୟ ଗୁରୁତ୍ୱ ବହନ କରୁଛି।

# ଭିଜିଲାନ୍ସ ଜାଲରେ ବେତନଟୀ ଆର ଆଣ୍ଡବି ନିର୍ବାହୀ ଯନ୍ତ୍ରୀ

## ବେତନଟୀ, ବାଲେଶ୍ୱର, ଖୋର୍ଦ୍ଧାର ୧୦ଟି ସ୍ଥାନରେ ଚଢ଼ାଉ

## ଘର, ପ୍ଲଟ, ଫର୍ମହାଉସ ସହ ବ୍ୟାପକ ସମ୍ପତ୍ତି ଜବଦ



ବାରିପଦା, ୦୫/୧୦ (ନି.ପ୍ର): ଆୟଠାରୁ ଅଧିକ ସମ୍ପତ୍ତି (ଡିଏ) ଠୁଳ କରିଥିବା ଅଭିଯୋଗରେ ମୟୁରଭଞ୍ଜ ଜିଲ୍ଲା ବେତନଟୀ ଆର ଆଣ୍ଡବି ସବଡିଭିଜନର ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଅରବିନ୍ଦ ମହାନ୍ତିଙ୍କ ସମ୍ପର୍କିତ ୧୦ଟି ସ୍ଥାନରେ ଆଜି ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ଏକକାଳୀନ ଚଢ଼ଉ କରାଯାଉଛି। ବାରିପଦା ଭିଜିଲାନ୍ସ ସ୍ୱତନ୍ତ୍ର ଅଦାଲତର ମାନ୍ୟବର ବିଚାରପତିଙ୍କ ଦ୍ୱାରା ଜାରି ସର୍ଚ୍ଚ ୱାରେଣ୍ଟ ବଳରେ ୫ ଜଣ ଡିଏସପି, ୮ ଜଣ ଇନ୍ସପେକ୍ଟର ଓ ଅନ୍ୟାନ୍ୟ କର୍ମଚାରୀଙ୍କୁ ନେଇ ଭିଜିଲାନ୍ସର ଟିମ ଏହି ଚଢ଼ଉ କରୁଛି। ଭିଜିଲାନ୍ସ ପକ୍ଷରୁ ବାଲେଶ୍ୱର ଜିଲ୍ଲା ଅଙ୍ଗାରଗଡ଼ିଆ ସ୍ଥିତ ଶ୍ରୀ ମହାନ୍ତିଙ୍କ ତିନି ମହଲା ବାସଭବନ, ଖୋର୍ଦ୍ଧା ଜିଲ୍ଲା ବାଲିଅନ୍ତାସ୍ଥିତ ଦୁଇ ମହଲା କୋଠା, ବେତନଟୀ ଆର ଆଣ୍ଡ ବି ସବଡିଭିଜନ କାର୍ଯ୍ୟାଳୟ ଓ ବେତନଟୀସ୍ଥିତ ତାଙ୍କ ବାସଭବନରେ ତଲାସୀ ଚାଲିଛି। ସେହିପରି ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଅଞ୍ଚଳର ରାୟଣ-ରାମଚନ୍ଦ୍ରପୁରସ୍ଥିତ ପୈତୃକ ଘର, ବସନ୍ତପୁରସ୍ଥିତ ଫାର୍ମ ହାଉସ, ବାମପଦାସ୍ଥିତ ଅନ୍ୟ ଏକ ଘର ଏବଂ ଅଙ୍ଗାରଗଡ଼ିଆ ସ୍ଥିତ ଜଣେ ଘନିଷ୍ଠ ସହଯୋଗୀଙ୍କ ଘରେ ମଧ ଚଢ଼ଉ ହୋଇଛି। ମୟୁରଭଞ୍ଜ ଜିଲ୍ଲା ବୈଶିଙ୍ଗାସ୍ଥିତ ଅନ୍ୟ ଜଣେ ଘନିଷ୍ଠ ସହଯୋଗୀଙ୍କ ଘର ଏବଂ ବାଲେଶ୍ୱର ଜିଲ୍ଲା ବାମପଦାସ୍ଥିତ ଆଉ ଜଣେ ସହଯୋଗୀଙ୍କ ଘରେ ମଧ ଭିଜିଲାନ୍ସ ଟିମ ତଲାସୀ ଜାରି ରଖିଥିବା ବେଳେ ବହୁ ମୂଲ୍ୟବାନ ସମ୍ପତ୍ତିର ସନ୍ଧାନ ମିଳିଛି। ଏପର୍ଯ୍ୟନ୍ତ ତାଙ୍କ ଓ ପରିବାର ସଦସ୍ୟଙ୍କ ନାମରେ ବାଲେଶ୍ୱର ଅଙ୍ଗାରଗଡ଼ିଆରେ ପ୍ରାୟ ୩୫୦୦ ବର୍ଗଫୁଟ ଅଞ୍ଚଳର ଏକ ତିନି ମହଲା କୋଠା ଏବଂ ଖୋର୍ଦ୍ଧା ଜିଲ୍ଲା ବାଲିଅନ୍ତାରେ ପ୍ରାୟ ୧୮୦୦ ବର୍ଗଫୁଟ ଅଞ୍ଚଳର ଏକ ଦୁଇ ମହଲା କୋଠା ଠାବ ହୋଇଛି। ସେହିପରି ବାଲେଶ୍ୱର ଜିଲ୍ଲା ବସନ୍ତପୁରରେ ପ୍ରାୟ ୫ ଏକର ଜମିରେ ଥିବା ଏକ ଫାର୍ମହାଉସ୍‌ର ସନ୍ଧାନ ମିଳିଛି। ଏହି ଫାର୍ମହାଉସ୍‌ରେ ୨ଟି ମାଛ ପୋଖରୀ ଓ ପୋଲ୍ଟ୍ରି ଫାର୍ମ ଥିବା ଜଣାପଡ଼ିଛି। ଏଥିସହ ବାଲେଶ୍ୱର ସହର ଓ ଏହାର ଆଖପାଖ ଅଞ୍ଚଳରେ ୨୦ଟି ମୂଲ୍ୟବାନ ପ୍ଲଟ ଠାବ ହୋଇଛି। ଠାବ

◆◆ପୃଷ୍ଠା ୭

## ଲିଗାଲ ହେୟାର ସାର୍ଟିଫିକେଟ ପାଇଁ ୫ ହଜାର ଲାଞ୍ଚ: ଭିଜିଲାନ୍ସ ଜାଲରେ ଆରଆଇ

ଖୋର୍ଦ୍ଧା, ୫/୧୦: ଲିଗାଲ ହେୟାର ସାର୍ଟିଫିକେଟ ପ୍ରଦାନ ପାଇଁ ୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଜଣେ ରାଜସ୍ୱ ନିରୀକ୍ଷକ (ଆର .ଆଇ) ଭିଜିଲାନ୍ସ ଟିମ୍ ହାତରେ ଧରାପଡ଼ିଥିବା ଜଣାପଡ଼ିଛି। ଭୁବନେଶ୍ୱର ଭିଜିଲାନ୍ସ ଟିମ୍ ପକ୍ଷରୁ ଖୋର୍ଦ୍ଧା ଠାରେ ଖୋର୍ଦ୍ଧା ଭିଜିଲାନ୍ସ ଡି.ଏସ୍.ପି .ବ୍ରଜ କିଶୋର ସାହୁଙ୍କ ତତ୍ତ୍ୱାବଧାନରେ ଏହି ଚଢ଼ାଉ ଚାଲିଛି। ସୂଚନା ଅନୁଯାୟୀ, ଅଭିଯୁକ୍ତ ଆରଆଇ ନିରଞ୍ଜନ ସିଂ ଲିଗାଲ ହେୟାର ସାର୍ଟିଫିକେଟ ଦେବା ପାଇଁ ଜଣେ ବ୍ୟକ୍ତିଙ୍କଠାରୁ ୫ ହଜାର ଟଙ୍କା ଦାବି କରିଥିଲେ। ଲାଞ୍ଚ ନେବା ସମୟରେ ଭୁବନେଶ୍ୱରରେ ଭିଜିଲାନ୍ସ ଟିମ୍ ତାଙ୍କୁ ଧରିଥିବା ଜଣାପଡ଼ିଛି।

◆◆ପୃଷ୍ଠା ୭

# ଆସନ୍ତାକାଲି ସୁନାବେଡ଼ା ଆସିବେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ



ଭୁବନେଶ୍ୱର, ୦୫/୧୦ (ନି.ପ୍ର): ଆସନ୍ତାକାଲି କୋରାପୁଟ ସୁନାବେଡ଼ା ଗସ୍ତରେ ଆସିବେ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ। ତାଙ୍କ ସହ ଓଡ଼ିଶା ଗସ୍ତରେ ରହିବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ନୂଆଦିଲ୍ଲୀରୁ ବିଶାଖାପାଟଣା ଏବଂ ସେଠାରୁ ସିଧାସଳଖ ସୁନାବେଡ଼ାର ଟିଟିଏସ୍ ହେଲିପ୍ୟାଡରେ ପହଞ୍ଚିବେ ରାଜନାଥ ସିଂ। ସୁନାବେଡ଼ାସ୍ଥିତ ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍ ପରିଦର୍ଶନ କରିବେ ପ୍ରତିରକ୍ଷା ମନ୍ତ୍ରୀ । ଶକ୍ତି ଇଞ୍ଜିନ ସହ ଜଡ଼ିତ ନୂତନ ଉତ୍ପାଦନ ଓ ଭିତ୍ତିଭୂମି ସୁବିଧାର ଉଦ୍‌ଘାଟନ ସହ ନୂଆ ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିବେ । ଏହାସହ HAL ସୁନାବେଡ଼ା ଡିଭିଜନର ବିଭିନ୍ନ କାର୍ଯ୍ୟକ୍ଷମ ୟୁନିଟ୍, ଇଞ୍ଜିନ ଉତ୍ପାଦନ ଲାଇନ ଓ ରକ୍ଷଣାବେକ୍ଷଣ ସୁବିଧାର ସମୀକ୍ଷା କରିବେ ରାଜନାଥ ସିଂ । ସୁଖୋଇ-୩୦ MKI ଇଞ୍ଜିନ ସହ ଜଡ଼ିତ କାର୍ଯ୍ୟ, ବିଶେଷକରି ଇଞ୍ଜିନ ନମ୍ବର ୨୦୦୦ ସମ୍ପର୍କିତ କାର୍ଯ୍ୟର ମଧ୍ୟ ସମୀକ୍ଷା କରିବେ । ଦେଶର ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରତା ଓ ସ୍ୱଦେଶୀ ଉତ୍ପାଦନକୁ ଆହୁରି ମଜଭୁତ କରିବା ଉପରେ ଗୁରୁତ୍ୱ ରହିବ । ଏନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, HALର ବରିଷ୍ଠ ଅଧିକାରୀ ଓ ବୈଷୟିକ ବିଶେଷଜ୍ଞଙ୍କ ସହ ରାଜନାଥ ସିଂ ଆଲୋଚନା କରିବେ । ଆତ୍ମନିର୍ଭର ଭାରତ ଅଧୀନରେ ପ୍ରତିରକ୍ଷା ଉତ୍ପାଦନ ବଢ଼ାଇବା ସହ ଓଡ଼ିଶାରେ ଆଧୁନିକ ପ୍ରତିରକ୍ଷା ଓ ଏରୋସ୍ପେସ୍ ଉତ୍ପାଦନର ସମ୍ଭାବନା ନେଇ ମଧ୍ୟ ଆଲୋଚନା ହେବ ।

# ନଭେମ୍ବର ୩ ପରେ ଇରାନକୁ ନେଇ ଟ୍ରମ୍ପଙ୍କ ବଡ଼ ଆକ୍ସନ: ସାମରିକ ପ୍ରସ୍ତୁତି ଦେଖି ବଢୁଛି ଭୟ



ନୂଆଦିଲ୍ଲୀ,୦୫/୧୦ : ଆମେରିକା ଓ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧ ଏବେ ଅଷ୍ଟମ ମାସରେ ପହଞ୍ଚିଛି। ଏହାରି ମଧ୍ୟରେ ଆମେରିକାର ମିଡ୍-ଟର୍ମ ନିର୍ବାଚନ ନଭେମ୍ବର ୩, ୨୦୨୬ରେ ହେବାକୁ ଯାଉଛି। ନିର୍ବାଚନରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ରିପବ୍ଲିକାନ୍ ପାର୍ଟିକୁ କଂଗ୍ରେସରେ ନିଜ ସ୍ଥିତି ବଜାୟ ରଖିବାକୁ ହେବ। ଏହି ପରିସ୍ଥିତିରେ ଇରାନ ବିରୋଧରେ ଟ୍ରମ୍ପଙ୍କ ପରବର୍ତ୍ତୀ ପଦକ୍ଷେପକୁ ନେଇ ଚର୍ଚ୍ଚା ଜୋର ଧରିଛି। ରିପୋର୍ଟ ଅନୁସାରେ, ଇରାନ ପକ୍ଷରୁ ଦିଆଯାଇଥିବା ୭ ଦିନିଆ ଯୁଦ୍ଧବିରତି ପ୍ରସ୍ତାବକୁ ଟ୍ରମ୍ପ ଗ୍ରହଣ କରିନାହାନ୍ତି। ଏପରିକି ନିର୍ବାଚନ ପରେ ଇରାନ ଉପରେ ପୁଣି ବୋମା ବର୍ଷା ଆରମ୍ଭ ହୋଇପାରେ ବୋଲି ସେ ନିଜ ସହଯୋଗୀମାନଙ୍କୁ କହିଥିବା ଦାବି କରାଯାଉଛି। ଟ୍ରମ୍ପଙ୍କ ମତରେ, ଇରାନ ଆମେରିକାରେ ଦୁର୍ବଳ ସରକାର ଗଠନ ହେବା ପର୍ଯ୍ୟନ୍ତ ସମୟ ଅପେକ୍ଷା କରୁଛି। ଅନ୍ୟପଟେ ଆମେରିକା ମଧ୍ୟପ୍ରାଚ୍ୟରେ ନିଜ ସାମରିକ ଉପସ୍ଥିତି ବଢାଇ ଚାଲିଛି। ତୃତୀୟ ବିମାନବାହୀ ଯୁଦ୍ଧଜାହାଜ USS Theodore Roosevelt ଅଞ୍ଚଳ ଆଡକୁ ଯାତ୍ରା କରିଥିବା ବେଳେ ଏହା ସହ ହଜାର ହଜାର ମେରିନ୍ ସୈନିକ ଥିବା ଏକ ଆମ୍ଫିବିୟସ୍ ଗ୍ରୁପ୍ ମଧ୍ୟ ଯାଉଛି। ପ୍ରାୟ ୯ରୁ ୧୦ ହଜାର ଅତିରିକ୍ତ ସୈନିକ ମଧ୍ୟ ପଠାଯାଉଥିବା ରିପୋର୍ଟ ରହିଛି। ବର୍ତ୍ତମାନ USS George H.W. Bush I USS George Washington ମଧ୍ୟ ଅଞ୍ଚଳରେ ମୁତୟନ ଅଛି। ଏହା ସହ ଗ-୩୫ ଭଳି ଯୁଦ୍ଧବିମାନ

◆◆ପୃଷ୍ଠା ୭

# ଏସଆଇଆରକୁ ନେଇ ବିରୋଧୀଙ୍କ ମେଳିରେ ଫାଟ: ଆପ୍ ଦୂରେଇଲା, କଂଗ୍ରେସର ବଡ଼ ଆନ୍ଦୋଳନ ଘୋଷଣା



ନୂଆଦିଲ୍ଲୀ,୦୫/୧୦ : ନିର୍ବାଚନ କମିଶନଙ୍କ ଏସଆଇଆର ବା ସ୍ପେଶାଲ ଇଣ୍ଟେନସିଭ୍ ରିଭିଜନ୍‌କୁ ନେଇ ବିରୋଧୀ ଦଳଗୁଡ଼ିକର ପ୍ରତିବାଦ ଜୋରଦାର ହେବାକୁ ଯାଉଛି। ତେବେ ଏହି ପ୍ରସଙ୍ଗରେ ଇଣ୍ଡିଆ ଆଲାଏନ୍ସ ଭିତରେ ମତଭେଦ ଦେଖାଦେଇଛି। ଅକ୍ଟୋବର ୬ ତାରିଖରେ ନିର୍ବାଚନ କମିଶନଙ୍କ ନିକଟକୁ ପଦଯାତ୍ରା କରିବାକୁ ବିରୋଧୀ ଦଳଗୁଡ଼ିକ ଘୋଷଣା କରିଥିଲେ। କିନ୍ତୁ ଏବେ ଆମ୍ ଆଦମୀ ପାର୍ଟି ଏହି ପଦଯାତ୍ରାରୁ ନିଜକୁ ଦୂରେଇ ରଖିଛି । ସେହିପରି ଡିଏମକେ ମଧ୍ୟ ଏଥିରେ ସାମିଲ ହେବ କି ନାହିଁ,

◆◆ପୃଷ୍ଠା ୭

# ଅନ୍ତରୀକ୍ଷ ପତ୍ରିକାର ଶାରଦୀୟ ସଂଖ୍ୟା ଉନ୍ମୋଚନ



କଟକ ,୦୫/୧୦ (ନି.ପ୍ର): ରାଜ୍ୟର ଅଗ୍ରଣୀ ଅନୁଷ୍ଠାନ ଅନ୍ତରୀକ୍ଷ ଚାରିଟେବୁଲ ଟ୍ରଷ୍ଟର ତ୍ରୟମାସିକ ସାହିତ୍ୟ ପତ୍ରିକା ଅନ୍ତରୀକ୍ଷ ର ଶାରଦୀୟ ସଂଖ୍ୟା ୨୦୨୬ ସଫଳତାର ସହିତ କଟକର ଶ୍ରୀରାମଚନ୍ଦ୍ର ଭବନ ଠାରେ ଉନ୍ମୋଚନ ହୋଇଯାଇଛି। ଏହି ଉନ୍ମୋଚନ ଉତ୍ସବରେ ଦୁଇ ପର୍ଯ୍ୟାୟ ବିଶିଷ୍ଟ ସଭାର ଆୟୋଜନ କରାଯାଇଥିଲା। ସଭାର ପ୍ରଥମ ପର୍ବରେ ଧର୍ମଶାଳା ମହିଳା ମହାବିଦ୍ୟାଳୟ ର ଅଧାପିକା ମାଙ୍ଗଳିକା ଦାସ ସଭାପତିତ୍ୱ ରେ , ମୁଖ୍ୟ ଅତିଥି ସମାଜସେବୀ.କବି - ଡକ୍ଟର ଗୀତାଞ୍ଜଳି ମହାପାତ୍ର , ମୁଖ୍ୟ ବକ୍ତା ଶିକ୍ଷୟତ୍ରୀ ସବିତା କର ( ତ୍ରିପାଠୀ) , ସମ୍ମାନିତ ଅତିଥି - କବି ସାହିତ୍ୟିକା ସଂତୋଷିନୀ ଦାଶ (ଗିରି), ବରେଣ୍ୟ ଅତିଥି - କବି , ସୁଲେଖିକା , ହେମାଙ୍ଗିନୀ ପଟ୍ଟନାୟକ ଓ ବିଶିଷ୍ଟ ଅତିଥି - ସୁଲେଖିକା, ଲୀଳାମୟୀ ଦାଶ ଯୋଗଦେଇଥିଲେ । କନ୍ଧମାଳରୁ କବି ଓ ଆଇନଜୀବୀ ନିଳାଦ୍ରୀ କେଶରୀ ସାହାଣୀ ଙ୍କ ସଂଯୋଜନାରେ ବହୁ ସଂଖ୍ୟାରେ କବି ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ଦ୍ୱିତୀୟାର୍ଦ୍ଧରେ ବିଶିଷ୍ଟ ସମାଜସେବୀ ବିଶ୍ୱଜିତ୍ ସୂର୍ଯ୍ୟବଂଶୀ ଙ୍କ ସଭାପତିତ୍ୱ ରେ ସମାଜସେବୀ ସଞ୍ଜୟ କୁମାର ଦାସ ମୁଖ୍ୟ ଅତିଥି , କେନ୍ଦ୍ର ଓ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କୃତ କବି ରାଜକିଶୋର ପାଢ଼ୀ ମୁଖ୍ୟ ବକ୍ତା , ସମ୍ମାନିତ ବକ୍ତା - କଟକର ବରିଷ୍ଠ ଭେଷଜ ବିଶେଷଜ୍ଞ ଡାକ୍ତର ବିଶ୍ୱଜିତ୍ କର , ସମ୍ମାନୀତ ଅତିଥି - ବ୍ୟଙ୍ଗ କଥାକାର - ପ୍ରାକ୍ତନ ସରକାରୀ ଯନ୍ତ୍ରୀ ଇଞ୍ଜିନିୟର ସୌରାଂଶୁ ପଟ୍ଟନାୟକ, ବରେଣ୍ୟ ଅତିଥି - ଦାସ କେୟାର ହସ୍ପିଟାଲ ର ସ୍ୱତ୍ୱାଧିକାରି ହେମନ୍ତ ଭରଦ୍ୱାଜ ଓ ବିଶିଷ୍ଟ ଅତିଥି - କୁଙ୍ଗଙ୍କଷ୍ଟ ର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ , ସଂଯୋଗ ପୁରୀ ସ୍ୱର୍ଗଦ୍ୱାର ପ୍ରଶାସନ, କଟକ ମହାନଗର ଏକତା କମିଟିର ସଭାପତି, ପ୍ରକାଶ କୁମାର ମହାନ୍ତି , ଉତ୍କଳ ସାହିତ୍ୟ ସମାଜର ସେକ୍ରେଟାରୀ , ଆଇନଜୀବୀ , ବିଶିଷ୍ଟ ସାହିତ୍ୟିକ ରାଜୀବ ଲୋଚନ ଷଡ଼ଙ୍ଗୀ ଯୋଗଦେଇ ଆମ ଉତ୍କଳୀୟ ସାହିତ୍ୟ ସଂସ୍କୃତି ଉପରେ ଅନେକ ସମ୍ବେଦନଶିଳ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋଚନା କରିବା ସହିତ ଅନ୍ତରୀକ୍ଷ ର ଶାରଦୀୟ ସଂଖ୍ୟା ଉନ୍ମୋଚନ କରିଥିଲେ । ପରେ ପରେ ଅନ୍ତରୀକ୍ଷ ପ୍ରକାଶନ ରୁ ପ୍ରକାଶିତ କବି ସୁ ସାହିତ୍ୟିକା ଶ୍ରୀମତୀ ସଂତୋଷିନୀ ଦାଶ (ଗିରି )ଙ୍କ ଶିଶୁ କବିତା ସଂକଳନ' ଟୁନା ଟୁନା ତାରାଫୁଲ ' , ଅମ୍ଳାନ କବି ଅରୁଣ କୁମାର ବାରିକ ଙ୍କ କବିତା ବହି 'ସ୍ମୃତିଲଗ୍ନା' ଓ ଆନନ୍ଦ କୁମାର ମାଇତି ଷଷ୍ଠ ଗଳ୍ପ ସଂକଳନ 'ତୁ ପ୍ରିୟତମା' ଉନ୍ମୋଚନ କରାଯାଇଥିଲା। ପ୍ରଥମ କରି ଅନ୍ତରୀକ୍ଷ ତାର ଅନୁଷ୍ଠାନର ମର୍ଯ୍ୟାଦା ପୂର୍ଣ୍ଣ ଉପାଧି ' ଅନ୍ତରୀକ୍ଷ ର ଶବ୍ଦର ଯାଦୁଗର ଉପାଧି ' ଶ୍ରୀଯୁକ୍ତ ପ୍ରକାଶ କୁମାର ମହାନ୍ତି ଙ୍କୁ ସମ୍ମାନ ପତ୍ର , ଫଳକ, ଉତ୍ତରୀୟ , ପୁଷ୍ପଗୁଚ୍ଛ ଦେଇ ଉପାଧୀରେ ଭୂଷିତ କରାଯାଇଥିଲା । ସମସ୍ତ କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସ୍ଥାୟୀ ସଭାପତି ଆନନ୍ଦ କୁମାର ମାଇତି ତତ୍ତ୍ୱାବଧାନ କରୁଥିବା ବେଳେ ଟ୍ରଷ୍ଟ ର ମ୍ୟାନେଜିଂ ଟ୍ରଷ୍ଟି ଓ ଅନ୍ତରୀକ୍ଷ ପତ୍ରିକାର ସମ୍ପାଦିକା ଲକ୍ଷ୍ମୀପ୍ରିୟା ମାଇତି ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଅନୁଷ୍ଠାନର ସହ ସମ୍ପାଦିକା ସ୍ନେହଲତା ଧୀର ଧନ୍ୟବାଦ୍ ଅର୍ପଣ କରିବା ପରେ ସଭା ସାଙ୍ଗ କରାଯାଇଥିଲା।

# ବକ୍ସି ଜଗବନ୍ଧୁ ବିଦ୍ୟାଧର ହାଇସ୍କୁଲର ୧୨୫ତମ ବାର୍ଷିକ ସମାରୋହରେ ଯୋଗଦେଲେ ରାଜ୍ୟପାଳ

ଭୁବନେଶ୍ୱର,୦୫/୧୦ (ନି.ପ୍ର): ଶିକ୍ଷା କେବଳ ଜୀବିକା ନିର୍ବାହ ପାଇଁ ଛାତ୍ରଛାତ୍ରୀଙ୍କୁ ପ୍ରସ୍ତୁତ କରିବା ନୁହେଁ, ବରଂ ଚରିତ୍ର ଗଠନ , ଦାୟିତ୍ୱବୋଧ ଓ ମର୍ଯ୍ୟାଦାପୂର୍ଣ୍ଣ ଜୀବନଯାପନ କରିବାରେ ଶିକ୍ଷାର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ମାନ୍ୟବର ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି କହିଛନ୍ତି। ଶନିବାର ଦିନ ଖୋର୍ଦ୍ଧାସ୍ଥିତ ବକ୍ସି ଜଗବନ୍ଧୁ ବିଦ୍ୟାଧର ହାଇସ୍କୁଲର ୧୨୫ତମ ବାର୍ଷିକ ସମାରୋହରେ ଉଦବୋଧନ ଦେଇ ରାଜ୍ୟପାଳ ଏହା କହିଛନ୍ତି। ଏହି ସମାରୋହରେ ଉଦବୋଧନ ଦେଇ ରାଜ୍ୟପାଳ କହିଥିଲେଯେ, ଏହି ଐତିହାସିକ ଅବସର ଶିକ୍ଷା, ଚରିତ୍ର ଗଠନ ଓ ସେବାର ଦୀର୍ଘ ପରମ୍ପରାକୁ ସ୍ମରଣ କରିବାର ଅବସର। ଏହି ଶିକ୍ଷାନୁଷ୍ଠାନ ପିଢ଼ି ପରେ ପିଢ଼ି ଛାତ୍ରଛାତ୍ରୀଙ୍କୁ ଗଢ଼ି ତୋଳିବା ସହ ଓଡ଼ିଶାର ବୌଦ୍ଧିକ ଓ ସାମାଜିକ ବିକାଶରେ ଅବଦାନ ରଖିଛି ବୋଲି କହିଥିଲେ। ଅନୁଷ୍ଠାନର ନାମ ଓ ଏହାର ଅବସ୍ଥିତିର ଐତିହାସିକ ଗୁରୁତ୍ୱ ସମ୍ପର୍କରେ ଉଲ୍ଲେଖ କରି ରାଜ୍ୟପାଳ ବକ୍ସି ଜଗବନ୍ଧୁଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ୧୮୧୭ର ପାଇକ ବିଦ୍ରୋହ ସମେତ ଓଡ଼ିଶାର ଇତିହାସରେ ଖୋର୍ଦ୍ଧାର ଗୁରୁତ୍ୱପୂର୍ଣ୍ଣ ସ୍ଥାନ ରହିଛି ବୋଲି ସେ କହିଥିଲେ। ବକ୍ସି ଜଗବନ୍ଧୁଙ୍କ ସାହସ ଓ ତ୍ୟାଗ ଅନ୍ୟାୟ ବିରୋଧରେ ଲଢ଼େଇ କରିବା ଦେଶସେବା ପାଇଁ ପିଢ଼ି ପରେ ପିଢ଼ିକୁ ପ୍ରେରଣା ଦେଇଆସୁଛି ବୋଲି ରାଜ୍ୟପାଳ କହିଥିଲେ। ଏହି ଐତିହ୍ୟ ସହ ଶିକ୍ଷାର ଭୂମିକାକୁ ଯୋଡ଼ି ରାଜ୍ୟପାଳ କହିଥିଲେ ଯେ, ଏକ ବିଦ୍ୟାଳୟର ପ୍ରକୃତ ଐତିହ୍ୟ କେବଳ ଏହାର କୋଠା କିମ୍ବା ଉପଲବ୍ଧିରେ ନୁହେଁ, ବରଂ ଏହା ଗଢ଼ି ତୋଳିଥିବା ଜୀବନରେ ପ୍ରତିଫଳିତ ହୁଏ। ପିଢ଼ି ପରେ ପିଢ଼ି ଶିକ୍ଷକମାନେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଶୃଙ୍ଖଳା, ଆତ୍ମବିଶ୍ୱାସ, ସଚ୍ଚୋଟତା, ଦୃଢ଼ତା, ସହାନୁଭୂତି, ସାହସ ଓ ଦାୟିତ୍ୱବୋଧ ବିକଶିତ କରିଆସିଛନ୍ତି ବୋଲି ସେ କହିଥିଲେ। ସାହସର ସହ ସ୍ୱପ୍ନ ଦେଖିବା, ସଚ୍ଚୋଟ ଭାବେ ପରିଶ୍ରମ କରିବା ଏବଂ ଶିକ୍ଷକ ଓ ଅଭିଭାବକଙ୍କୁ ସମ୍ମାନ କରିବାକୁ ଛାତ୍ରଛାତ୍ରୀମାନଙ୍କୁ ରାଜ୍ୟପାଳ ଆହ୍ୱାନ ଦେଇଥିଲେ। ଏକ ରାଷ୍ଟ୍ରର ଶକ୍ତି ଏହାର ଯୁବପିଢ଼ିର ଚରିତ୍ର ଉପରେ ନିର୍ଭର କରେ ବୋଲି ସେ କହିଥିଲେ। ସମୟର ପରିବର୍ତ୍ତନ ସହ ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଆବଶ୍ୟକ ହେଲେ ମଧ୍ୟ ଏହା ମୂଲ୍ୟବୋଧ ସହ ଜଡ଼ିତ ରହିବା ଉଚିତ ବୋଲି ରାଜ୍ୟପାଳ କହିଥିଲେ। ଜାତୀୟ ଶିକ୍ଷା ନୀତି ୨୦୨୦ରେ ସାମଗ୍ରିକ ଓ ଅନୁଭୂତିଭିତ୍ତିକ ଶିକ୍ଷା, ସୁକ୍ଷ୍ମ ଚିନ୍ତନ, ବୃତ୍ତିଗତ ଶିକ୍ଷା, ଡିଜିଟାଲ ସାକ୍ଷରତା, ଭାରତୀୟ ଜ୍ଞାନ ପରମ୍ପରା, କଳା, କ୍ରୀଡ଼ା ଓ ଜୀବନ କୌଶଳ ଉପରେ ଗୁରୁତ୍ୱ ଦିଆଯାଇଛି। ମୁଖସ୍ଥ ଶିକ୍ଷାରୁ ଜିଜ୍ଞାସା, ସୃଜନଶୀଳତା, ଦକ୍ଷତା ଓ ଚରିତ୍ର ଗଠନ ଦିଗରେ ଏହି ପରିବର୍ତ୍ତନ ବିଦ୍ୟାଳୟର ଘଉଡ, ସ୍କାଉଟ୍ସ, କ୍ରୀଡ଼ା ଓ ନୈତିକ ଶିକ୍ଷା ଉପରେ ଥିବା ଗୁରୁତ୍ୱ ସହ ସମନ୍ୱିତ ବୋଲି ସେ କହିଥିଲେ। ଏହି ଐତିହାସିକ ଅବସରରେ ପୂର୍ବତନ ଛାତ୍ରଛାତ୍ରୀ, ଶିକ୍ଷକ, କର୍ମଚାରୀ, ବର୍ତ୍ତମାନର ଛାତ୍ରଛାତ୍ରୀ, ବିଦ୍ୟାଳୟ କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନକୁ ଅଭିନନ୍ଦନ ଜଣାଇ ରାଜ୍ୟପାଳ ଆଶା ପ୍ରକାଶ କରିଥିଲେ ଯେ, ଏହି ଅନୁଷ୍ଠାନ ଆଗାମୀ ୧୨୫ ବର୍ଷ ଓ ତା'ପରେ ମଧ୍ୟ ଯୁବପିଢ଼ିକୁ ଗଢ଼ି ତୋଳିବା ସହ ଓଡ଼ିଶାର ବିକାଶରେ ଅବଦାନ ଜାରି ରଖିବ। ସମାରୋହରେ ବିଦ୍ୟାଳୟର ଚାରିଜଣ ବିଶିଷ୍ଟ ପୁରାତନ ଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ବିଦ୍ୟାଳୟର ପତ୍ରିକା 'ଅବକାଶ–୧୨୫' ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ମାନ୍ୟବର ଖୋର୍ଦ୍ଧା ବିଧାୟକ ଶ୍ରୀ ପ୍ରଶାନ୍ତ କୁମାର ଜଗଦେବ, ସମ୍ବାଦ ଗ୍ରୁପର ପ୍ରତିଷ୍ଠାତା ତଥା ପୂର୍ବତନ ସାଂସଦ ଶ୍ରୀ ସୌମ୍ୟରଞ୍ଜନ ପଟ୍ଟନାୟକ, ମେଜର ଜେନେରାଲ (ଅବସରପ୍ରାପ୍ତ) ଅସୀମ କୋହଲି ଏବଂ ଆୟୋଜକ ସମ୍ପାଦକ ତଥା ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ପ୍ରିୟଦର୍ଶିନୀ ପଣ୍ଡା ବକ୍ତବ୍ୟ ପ୍ରଦାନ କରିଥିଲେ। ଆଲୁମନି ଆସୋସିଏସନର ମୁଖ୍ୟ ସଂଯୋଜକ ଶ୍ରୀ ବି. କେ. ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଉତ୍ସବ କମିଟିର ସଭାପତି ପ୍ରଫେସର (ଡ.) ନାରାୟଣ ରାଓ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପୂର୍ବରୁ ରାଜ୍ୟପାଳ ଛାତ୍ରଛାତ୍ରୀଙ୍କ ସହ ବାର୍ତ୍ତାଳାପ କରିବା ସହ ପ୍ରଦର୍ଶନୀର ଉଦ ଘାଟନ କରିଥିଲେ।

# ଜଳେଶ୍ୱର ଓ ରାଇବଣିଆରେ ବିଶାଳ ନିଶା ନିବାରଣ ଶୋଭାଯାତ୍ରା




ଜଳେଶ୍ୱର,୦୫/୧୦ (ନି.ପ୍ର): ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଜନ୍ମଜୟନ୍ତୀ ଉପଲକ୍ଷେ ଜଳେଶ୍ୱର ଅଞ୍ଚଳରେ ନିଶାମୁକ୍ତ ସମାଜ ଗଠନ ପାଇଁ ଜନଜାଗରଣର ନୂତନ ଫର୍ଦ୍ଦ ଯୋଡ଼ିହୋଇଛି ।ଓଡ଼ିଶାର ଅଗ୍ରଣୀ ସଂଗଠନ 'ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ' (ମୋନା) ଏବଂ 'ଆମ୍ବେଦକର ସମତା ମଞ୍ଚ'ର ମିଳିତ ସହଯୋଗରେ ଜଳେଶ୍ୱର ମ୍ୟୁନିସିପାଲିଟିର ଶାନ୍ତିଆ ଗ୍ରାମରୁ ଜଳେଶ୍ୱର ବ୍ଲକ ଅଫିସ ପର୍ଯ୍ୟନ୍ତ ଏକ ବିଶାଳ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପ୍ରତି ଗାଁ,ପଞ୍ଚାୟତ ଓ ୱାର୍ଡରେ ମହିଳାମାନଙ୍କୁ ସଂଗଠିତ କରି ନିଶା ବେପାର ବିରୋଧରେ ଆନ୍ଦୋଳନ କରିବାକୁ ଏହି କାର୍ଯ୍ୟକ୍ରମରେ ଆହ୍ୱାନ ଦିଆଯାଇଛି। ନିଶାଦ୍ରବ୍ୟ କାରବାରକୁ ରୋକିବାରେ ସରକାର ଅସମର୍ଥ ହୋଇଥିବା ବେଳେ ବେଆଇନ ମଦ ବ୍ୟବସାୟର କଳା ସାମ୍ରାଜ୍ୟ କାୟାବିସ୍ତାର କରିବାରେ ଲାଗିଛି। ଶିକ୍ଷାନୁଷ୍ଠାନର ୫୦୦ ମିଟର ପରିସର ମଧ୍ୟରେ ମଦଦୋକାନ ନିଷେଧ ନିୟମକୁ ସରକାର ନିଜେ ଉଲ୍ଲଂଘନ କରି ବିଦ୍ୟାଳୟ ନିକଟରେ ମଦଦୋକାନ ଖୋଲିବାକୁ ଅନୁମତି ଦେଉଥିବା ନେଇ ବକ୍ତାମାନେ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହାଦ୍ୱାରା କୋମଳମତି ଛାତ୍ରଛାତ୍ରୀ ଓ ଯୁବପିଢ଼ିଙ୍କୁ ପଥଭ୍ରଷ୍ଟ କରାଯାଉଥିବା ଅଭିଯୋଗ ହୋଇଛି। ରାଜ୍ୟର ଡାକ୍ତରଖାନା ଗୁଡ଼ିକରେ ନିଶା ଜନିତ ରୋଗୀଙ୍କ ଚିକିତ୍ସା ପାଇଁ ଆବଶ୍ୟକ ଡାକ୍ତର ନାହାନ୍ତି,ଅପରପକ୍ଷରେ ସରକାର ଜାଣିଶୁଣି ମଦର ପ୍ରସାରକୁ ବ୍ୟାପକ କରୁଛନ୍ତି। ଭୋଗରାଇ ବ୍ଲକର ମା' ଓ ଭଉଣୀମାନେ ସଂଗଠିତ ହୋଇ ବେଆଇନ ମଦଭାଟି ଭାଙ୍ଗିବା ସହ ନିଶା ମାଫିଆଙ୍କୁ ସଜାଡ଼ି ପ୍ରଶାସନକୁ ହସ୍ତାନ୍ତର କରିବା ପ୍ରସଙ୍ଗ ଏଠାରେ ଉଦାହରଣ ସୃଷ୍ଟି ହୋଇଛି ।ସମାଜ ଓ ପରିବାରକୁ ବଞ୍ଚାଇବା ପାଇଁ ସମସ୍ତଙ୍କୁ ଏକଜୁଟ ହୋଇ ରାଜରାସ୍ତାକୁ ଓହ୍ଲାଇବାକୁ ମଞ୍ଚର ସଭାପତି ଅଶୋକ କୁମାର ଜେନା, ସାମ୍ବାଦିକ ରବୀନ୍ଦ୍ର ସେନାପତି ଏବଂ ସମ୍ପାଦକ ପ୍ରଦୀପ ସିଂ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ଶାନ୍ତିଆ ଗ୍ରାମର ଗଣେଶ ଚନ୍ଦ୍ର ଜେନା, ଜ୍ୟୋତ୍ସ୍ନା ଜେନା, ମକର ଦେହୁରୀ, କେଦାର ଜେନା, ହେମା ଜେନା, ମଦନ ଜେନା, ଲକ୍ଷ୍ମୀ ଦେହୁରୀ, ଆରତୀ ଦେହୁରୀ,ମୀନା ଜେନା,ବିଷ୍ଣୁ ପଦ ଜେନା, ବାସନ୍ତୀ ପାତ୍ର, ଚୈତନ୍ୟ ଜେନା,ବନ ପାତ୍ରଙ୍କ ସମେତ ବହୁ ସ୍ଥାନୀୟ ଗ୍ରାମବାସୀ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ଗତ ଅକ୍ଟୋବର ୩ ତାରିଖରେ ଜଳେଶ୍ୱର ବ୍ଲକ ଅନ୍ତର୍ଗତ ରାଇବଣିଆ ଅଞ୍ଚଳର ମାଙ୍କଡ଼ିଆ ପଞ୍ଚାୟତରେ 'ମିତ୍ରଶକ୍ତି ସଂଗଠନ' ତରଫରୁ ବିଶିଷ୍ଟ ସମାଜସେବୀ ଗୋବିନ୍ଦ ଭଗବାନ ଏବଂ ସରପଞ୍ଚ ନିମାଇଁ ଚନ୍ଦ୍ର ଘୋଷଙ୍କ ଆହ୍ୱାନରେ ଏକ ବିଶାଳ ନିଶା ନିବାରଣ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ହଜାର ହଜାର ସଂଖ୍ୟାରେ ଗ୍ରାମବାସୀ ଏକତ୍ରିତ ହୋଇ ସମ୍ପୂର୍ଣ୍ଣ ମାଙ୍କଡ଼ିଆ ପଞ୍ଚାୟତ ପରିକ୍ରମା କରିଥିଲେ।ଏହି ସମାବେଶରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ବିଶିଷ୍ଟ ସମାଜସେବୀ 'ମୋନା' ଜଳେଶ୍ୱର ଶାଖା ସଭାପତି ଅଶୋକ କୁମାର ଜେନା,ଡାକ୍ତର ଡି.ବି.ହୃଦୟ, ଶ୍ରୀମତୀ ଜ୍ୟୋତ୍ସ୍ନା ମହାନ୍ତି,ସୁରେଶ ସ୍ୱାଇଁ,ସିତାଂଶୁ ବାରିକ,ହେମନ୍ତ ମହାପାତ୍ର,ପ୍ରଭାତ ଦାସ,ସଞ୍ଜୟ କୁମାର ମହାନ୍ତି ଏବଂ ବିକର୍ତ୍ତନ କବି ପ୍ରମୁଖ ଯୋଗଦେଇ ନିଶାମୁକ୍ତ ସୁସ୍ଥ ସମାଜ ଗଠନ ପାଇଁ ବିଶେଷ ସଚେତନତା ବାର୍ତ୍ତା ଦେଇଥିଲେ।

# ସାବରମତୀ ରିଭରଫ୍ରଣ୍ଟ ଓ ଅଟଳ ବ୍ରିଜ୍ ପରିଦର୍ଶନ କଲେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ

ଭୁବନେଶ୍ୱର,୦୫/୧୦ (ନି.ପ୍ର): ଗୁଜରାଟ ଗସ୍ତ ଅବସରରେ ଓଡ଼ିଶାର ଆଇନ ଓ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଅହମ୍ମଦାବାଦସ୍ଥିତ ପ୍ରସିଦ୍ଧ ସାବରମତୀ ରିଭରଫ୍ରଂଟ ଏବଂ ଅଟଳ ବ୍ରିଜ୍ ପରିଦର୍ଶନ କରିଛନ୍ତି। ଏହି ଅବସରରେ ସେ ସାବରମତୀ ରିଭରଫ୍ରଂଟ ଡେଭେଲପମେଂଟ କର୍ପୋରେସନ ଲିମିଟେଡର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅମୃତେଶ କାଳିଦାସ ଆଉରଙ୍ଗାବାଦକରଙ୍କ ସହ ପ୍ରକଳ୍ପ ସମ୍ପର୍କରେ ଆଲୋଚନା କରିବା ସହ ଏକ ସମୀକ୍ଷା ବୈଠକରେ ଯୋଗଦେଇଥିଲେ। ବୈଠକରେ ସାବରମତୀ ରିଭରଫ୍ରଂଟର ବିକାଶ, ନଦୀ ପୁନରୁଦ୍ଧାର, ନଗରୀୟ ଭିତ୍ତିଭୂମି, ପରିବେଶ ସୁରକ୍ଷା ଏବଂ ପର୍ଯ୍ୟଟନ ସମ୍ପର୍କିତ ବିଭିନ୍ନ ଦିଗ ବିଷୟରେ ମନ୍ତ୍ରୀ ଅବଗତ ହୋଇଥିଲେ। ସାବରମତୀ ରିଭରଫ୍ରଂଟ ଓ ଅଟଳ ବ୍ରିଜ୍ ନଗରୀୟ ବିକାଶ, ପରିବେଶ ସୁରକ୍ଷା, ନଦୀର ପୁନରୁଦ୍ଧାର, ମନୋରଞ୍ଜନ ଓ ପର୍ଯ୍ୟଟନକୁ ଏକାଠି କରିବାର ଉଲ୍ଲେଖନୀୟ ଉଦାହରଣ ବୋଲି ହରିଚନ୍ଦନ କହିଛନ୍ତି। ବିକାଶ ଓ ପରିବେଶ ମଧ୍ୟରେ ସନ୍ତୁଳନ ରକ୍ଷା କରି ଏପରି ପ୍ରକଳ୍ପ କିପରି ବିକଶିତ କରାଯାଇପାରେ, ଏହି ଅଭିଜ୍ଞତା ଓଡ଼ିଶାର ଆଗାମୀ ନଗରୀୟ ବିକାଶ ପ୍ରକଳ୍ପ ପାଇଁ ପ୍ରେରଣାଦାୟୀ ହେବ ବୋଲି ସେ ଉଲ୍ଲେଖ କରିଛନ୍ତି। ଏହାଛଡ଼ା ଗୁଜରାଟରେ ଆୟୋଜିତ 'ଚିନ୍ତନ ଶିବିର'ରେ ଯୋଗଦେବା ପୂର୍ବରୁ ମନ୍ତ୍ରୀ ଗାନ୍ଧୀନଗରସ୍ଥିତ ମହାତ୍ମା ମନ୍ଦିର କନଭେନସନ୍ ସେଂଟର ଓ ପ୍ରଦର୍ଶନୀ କେନ୍ଦ୍ର ପରିଦର୍ଶନ କରିଥିଲେ। ଏହି କନଭେନସନ୍ ସେଂଟରରେ ୧,୦୦୦ରୁ ୫,୦୦୦ ଲୋକଙ୍କ କ୍ଷମତା ବିଶିଷ୍ଟ ଏକାଧିକ ସମ୍ମିଳନୀ କେନ୍ଦ୍ର, ବିଭିନ୍ନ ବୋର୍ଡରୁମ୍ ଏବଂ ପ୍ରାୟ ୯,୦୦୦ ବର୍ଗମିଟର ବିଶାଳ ପ୍ରଦର୍ଶନୀ କ୍ଷେତ୍ର ରହିଛି। ଭୁବନେଶ୍ୱରରେ ପରିକଳ୍ପନା କରାଯାଉଥିବା 'ଓଡ଼ିଶା ମଣ୍ଡପ'ରେ ମହାତ୍ମା ମନ୍ଦିର ଭଳି ଉଚ୍ଚକୋଟୀର ଭିତ୍ତିଭୂମିର ପ୍ରତିଫଳନ କରାଯାଇପାରିବ ବୋଲି ମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି। ଗୁଜରାଟ ଗସ୍ତ ସମୟରେ ମିଳିଥିବା ଅଭିଜ୍ଞତା ଓଡ଼ିଶାର ଭବିଷ୍ୟତ ନଗରୀୟ ବିକାଶ ଏବଂ ପ୍ରକଳ୍ପ ପରିକଳ୍ପନାରେ ଉପଯୋଗୀ ହେବ ବୋଲି ସେ କହିଛନ୍ତି।

# ପ୍ରଶାସନ ଶୁଣିଲାନି: ନିଜ ପାଣ୍ଠିରେ ଖେଳପଡ଼ିଆ ସମତଳ କଲେ ଏମଭି-୩୮ ଗ୍ରାମବାସୀ

ମାଲକାନଗିରି,୦୫/୧୦ (ନି.ପ୍ର): ଗାଁରେ ଖେଳପଡ଼ିଆ ନଥିବାରୁ ଦୀର୍ଘଦିନ ଧରି ଅସୁବିଧା ଭୋଗୁଥିଲେ କୋରୁକୋଣ୍ଡା ବ୍ଲକ ଏମଭି-୩୮ ଗ୍ରାମବାସୀ। ପ୍ରଶାସନ ନିକଟରେ ବାରମ୍ବାର ଦାବି ଜଣାଇଥିଲେ ମଧ୍ୟ ଆଶାନୁରୂପ ପଦକ୍ଷେପ ନ ନେବାରୁ ଶେଷରେ ଗ୍ରାମବାସୀ ନିଜସ୍ୱ ପାଣ୍ଠିରୁ ଅର୍ଥ ଖର୍ଚ୍ଚ କରି ଖେଳପଡ଼ିଆ ନିର୍ମାଣ ପାଇଁ ଅଣ୍ଟା ଭିଡ଼ିଛନ୍ତି। ଗ୍ରାମମଙ୍ଗଳ କମିଟି ସଭାପତି ପଙ୍କଜ ମଣ୍ଡଳଙ୍କ କହିବା ଅନୁସାରେ, ଗାଁ ଶେଷରେ ଥିବା ସରକାରୀ ଜମିକୁ ଗ୍ରାମବାସୀଙ୍କ ପାଣ୍ଠିରୁ ଅର୍ଥ ଖର୍ଚ୍ଚ କରି ସମତଳ କରାଯାଉଛି। ଏଥିରେ ବର୍ତ୍ତମାନ କୌଣସି ସରକାରୀ ପାଣ୍ଠି ବିନିଯୋଗ ହୋଇନାହିଁ। ସରକାରୀ ସହାୟତା ମିଳିଲେ ଏଠାରେ ଆହୁରି ଉନ୍ନତମାନର ଖେଳପଡ଼ିଆ ନିର୍ମାଣ କରାଯାଇପାରିବ ବୋଲି ସେ କହିଛନ୍ତି। ଖେଳପଡ଼ିଆ ନିର୍ମାଣ ପାଇଁ ଜମି ଯୋଗାଇବାରେ ମଧ୍ୟ କେତେକ ଗ୍ରାମବାସୀ ସହଯୋଗର ହାତ ବଢ଼ାଇଛନ୍ତି। ବିଷ୍ଣୁଦାସଙ୍କୁ ବାଦ୍ ଦେଲେ ଦେବବ୍ରତ ଦାସ ଓ କିଶୋର ଦାସଙ୍କ ସମେତ କେତେକ ବ୍ୟକ୍ତି ନିଜ ଦଖଲରେ ଥିବା ଜମିର କିଛି ଅଂଶ ଗାଁର ଖେଳପଡ଼ିଆ ପାଇଁ ଛାଡ଼ିଥିବା ଜଣାପଡ଼ିଛି।
ଗ୍ରାମର ଜଣେ ଏସ୍‌ଏଚ୍‌ଜି ମହିଳା କହିଛନ୍ତି, ଗାଁରେ ଏକ ଖେଳପଡ଼ିଆ ହେଲେ ଯୁବକ-ଯୁବତୀଙ୍କ ଖେଳକୁଦ ସହିତ ଗ୍ରାମର ବିଭିନ୍ନ ସାମାଜିକ ଓ ସାମୂହିକ କାର୍ଯ୍ୟକ୍ରମ ମଧ୍ୟ ଏଠାରେ ଆୟୋଜନ କରାଯାଇପାରିବ।
ଏ ସମ୍ପର୍କରେ ସରପଂଚଙ୍କ ସ୍ୱାମୀ ଗାଁରେ ପହଂଚି ଆମ ପ୍ରତିନିଧିଙ୍କୁ କହିଛନ୍ତି ଯେ, ଗ୍ରାମବାସୀଙ୍କ ସାମୂହିକ ନିଷ୍ପତି କ୍ରମେ ଏହି କାମ ଆରମ୍ଭ ହୋଇଛି। ଗାଁରେ ଦୀର୍ଘଦିନ ଧରି ଖେଳପଡ଼ିଆ ନଥିବା ବେଳେ ଗ୍ରାମବାସୀ ନିଜସ୍ୱ ପାଣ୍ଠିରେ ଏଭଳି ପଦକ୍ଷେପ ନେଇଥିବାରୁ ସେ ଏହାକୁ ସ୍ୱାଗତ କରିଛନ୍ତି। ଅନ୍ୟପକ୍ଷରେ ବିଷ୍ଣୁ ଦାସଙ୍କ କହିବାନୁସାରେ, ତହସିଲଦାରଙ୍କ ପରାମର୍ଶ କ୍ରମେ ଖେଳପଡ଼ିଆ ପାର୍ଶ୍ୱରେ ତାଙ୍କ ଦଖଲରେ ଥିବା କିଛି ଜମି ସେ ଗାଁର ଖେଳପଡ଼ିଆ ପାଇଁ ଛାଡ଼ି ଦେଇଛନ୍ତି। ଏପରିକି ରାସ୍ତାର ଅପରପାର୍ଶ୍ୱରେ ୨୫ ବର୍ଷରୁ ଅଧିକ ସମୟ ଧରି ଦଖଲରେ ଥିବା ଜମିକୁ ମଧ୍ୟ ଗ୍ରାମମଙ୍ଗଳ ପାଇଁ ଛାଡ଼ିବାକୁ ତହସିଲଦାର କହିଲେ, ସେ ମଧ୍ୟ ନିଜ ଦଖଲରେ ଥିବା ଜମି ଛାଡ଼ିବାକୁ ପ୍ରସ୍ତୁତ ବୋଲି କହିଛନ୍ତି। ଖେଳପଡ଼ିଆ ନିର୍ମାଣ ନେଇ ଗ୍ରାମବାସୀ ସରପଂଚ, ବିଡିଓ, ବିଧାୟକ ଓ ସାଂସଦ ପ୍ରତିନିଧିଙ୍କୁ ଭେଟି ଗାଁର ସମସ୍ୟା ସମ୍ପର୍କରେ ଅବଗତ କରାଇଥିବା ଜଣାପଡ଼ିଛି। ତେବେ ବର୍ତ୍ତମାନ ମିଳୁଥିବା ସୂଚନା ଅନୁସାରେ, ଖେଳପଡ଼ିଆର ଉନ୍ନତି ପାଇଁ ପ୍ରାୟ ୯ ଲକ୍ଷ ଟଙ୍କା ବିଭିଜିରାମଜୀ ଯୋଜନାରେ ଅନ୍ତର୍ଭୁକ୍ତ କରି ଆହୁରି ବଡ଼ ଓ ସୁନ୍ଦର ଖେଳପଡ଼ିଆ ନିର୍ମାଣ କରିବା ନେଇ ସରକାରୀ ସ୍ତରରେ ଯୋଜନା ରହିଥିବା କୁହାଯାଉଛି। ନିଜ ଉଦ୍ୟମରେ ଗାଁର ଖେଳପଡ଼ିଆ ପାଇଁ ଅଂଟା ଭିଡ଼ିଥିବା ଏମଭି-୩୮ ଗ୍ରାମବାସୀଙ୍କ ଏହି ପଦକ୍ଷେପ ଅନ୍ୟ ଗ୍ରାମ ପାଇଁ ମଧ୍ୟ ଉଦାହରଣ ପାଲଟିଛି।

# ମେଧାବୀ ଛାତ୍ରୀଙ୍କୁ ଧର୍ମଶାଳା ବିଧାୟକଙ୍କ ପକ୍ଷରୁ ଲ୍ୟାପଟପ୍ ପ୍ରଦାନ

ଧର୍ମଶାଳା,୦୫/୧୦ (ନି.ପ୍ର): ଶିକ୍ଷା କ୍ଷେତ୍ରରେ ମେଧାବୀ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ସହ ଉଚ୍ଚଶିକ୍ଷା ପାଇଁ ଆବଶ୍ୟକ ସହଯୋଗ ଯୋଗାଇଦେବା ଉଦ୍ଦେଶ୍ୟରେ ଯାଜପୁର ଜିଲା ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ପକ୍ଷରୁ ଜଣେ ମେଧାବୀ ଛାତ୍ରୀଙ୍କୁ ଲ୍ୟାପଟପ୍ ପ୍ରଦାନ କରାଯାଇଛି । ରସୁଲପୁର ବ୍ଲକ ଅନ୍ତର୍ଗତ କଲଣ ପଂଚାୟତସ୍ଥ ନୂଆହାଟ ଗ୍ରାମର ମେଧାବୀ ଛାତ୍ରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ପୃଷ୍ଟିଙ୍କୁ ବିଧାୟକ ଶ୍ରୀ ସାହୁ ଏହି ଲ୍ୟାପଟପ୍ ପ୍ରଦାନ କରିଛନ୍ତି । ଶିକ୍ଷା କ୍ଷେତ୍ରରେ ଆଗକୁ ବଢ଼ିବା ସହ ଡିଜିଟାଲ୍ ଶିକ୍ଷା ଓ ଉଚ୍ଚଶିକ୍ଷା ପାଇଁ ଲ୍ୟାପଟପ୍ ଟି ପ୍ରିୟଙ୍କାଙ୍କୁ ଅଧିକ ସହାୟକ ହେବ ବୋଲି ଆଶା ପ୍ରକାଶ କରାଯାଇଛି । ମେଧାବୀ ଛାତ୍ରଛାତ୍ରୀଙ୍କ ପ୍ରତିଭାକୁ ପ୍ରୋତ୍ସାହନ ଦେଇ ସେମାନଙ୍କ ଶିକ୍ଷା ଯାତ୍ରାରେ ସହଯୋଗ କରିବାର ଏଭଳି ପଦକ୍ଷେପକୁ ଅଂଚଳବାସୀ ସ୍ୱାଗତ କରିଛନ୍ତି । ପ୍ରିୟଙ୍କା ଭବିଷ୍ୟତରେ ନିଜ ଲକ୍ଷ୍ୟ ହାସଲ କରି ନିଜ ପରିବାର ତଥା ଅଂଚଳର ଗୌରବ ବଢ଼ାଇବେ ବୋଲି ବିଧାୟକ ଶ୍ରୀ ସାହୁ ଆଶା ପ୍ରକାଶ କରିଛନ୍ତି ।

# ଝାରସୁଗୁଡ଼ାରେ ପ୍ରଥମ ଗଣେଶ ପୂଜା ପୁରସ୍କାର : ହାଉସିଂ ବୋର୍ଡ କଲୋନୀକୁ ଶ୍ରେଷ୍ଠ ପୂଜା ମଣ୍ଡପ ସମ୍ମାନ, ରାଧାମାଧବ ମନ୍ଦିରକୁ ଶ୍ରେଷ୍ଠ ମୂର୍ତ୍ତି ପୁରସ୍କାର

ଝାରସୁଗୁଡ଼ା,୦୫/୧୦ (ନି.ପ୍ର): ଝାରସୁଗୁଡ଼ାରେ ପ୍ରଥମଥର ପାଇଁ ଆୟୋଜିତ 'ଝାରସୁଗୁଡ଼ା ଗଣେଶ ପୂଜା ପୁରସ୍କାର-୨୦୨୬'ର ଫଳାଫଳ ଘୋଷିତ ହୋଇଛି। ହାଉସିଂ ବୋର୍ଡ କଲୋନୀ ଗଣେଶ ପୂଜା କମିଟି ଶ୍ରେଷ୍ଠ ମଣ୍ଡପ ଓ ସାଜସଜ୍ଜା ବର୍ଗରେ ବିଜେତା ହୋଇଥିବା ବେଳେ ପୁରୁଣାବସ୍ତିର ରାଧାମାଧବ ମନ୍ଦିର ଗଣେଶ ପୂଜା କମିଟି ଶ୍ରେଷ୍ଠ ଗଣେଶ ମୂର୍ତ୍ତି ବର୍ଗରେ ବିଜୟୀ ହୋଇଛି। ବେହେରାମାଲସ୍ଥିତ ଏମ୍ସିଏଲ୍ ଅଡିଟୋରିୟମ୍ ରେ ଏକ ଭବ୍ୟ ସାଂସ୍କୃତିକ ଓ ପୁରସ୍କାର ବିତରଣ ସମାରୋହରେ ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା। ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟ ଅତିଥି ଏବଂ ଝାରସୁଗୁଡ଼ା ଏସ୍ପି ଜି.ଆର.ରାଘବେନ୍ଦ୍ର, ଆଇପିଏସ୍ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସିଦ୍ଧାର୍ଥ ଆଗ୍ରୱାଲ୍ଷ୍ଟୀ, ରିତେଶ ଶର୍ମା ଓ କୃଷ୍ଣ ମୁନ୍ଦ୍ରାଙ୍କୁ ନେଇ ଗଠିତ ଝାରସୁଗୁଡ଼ା ପୂଜା ପୁରସ୍କାର କମିଟି ପକ୍ଷରୁ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଅନଲାଇନ୍ ଭୋଟିଂ ମାଧ୍ୟମରେ ତିନିଟି ପ୍ରମୁଖ ବର୍ଗରେ ବିଜେତା ଚୟନ କରାଯାଇଥିଲା। ମୋଟ ୬୬,୯୬୩ ଭୋଟ ପଡ଼ିଥିବା ବେଳେ ୨୩,୭୭୨ ଜଣ ଲୋକ ଭୋଟିଂରେ ଅଂଶଗ୍ରହଣ କରିଥିଲେ। ଶ୍ରେଷ୍ଠ ମଣ୍ଡପ ଓ ସାଜସଜ୍ଜା ବର୍ଗରେ ହାଉସିଂ ବୋର୍ଡ କଲୋନୀ ପୂଜା କମିଟିକୁ ୩୧ ହଜାର ଟଙ୍କା ଏବଂ ପୁରୁଣାବସ୍ତିର ଶ୍ରୀଶ୍ରୀ ଗଣେଶ ପୂଜା କମିଟିକୁ ରନର୍ସଅପ୍ ଭାବେ ୧୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଶ୍ରୀଶ୍ରୀ ଗଣେଶ ପୂଜା କମିଟି ପକ୍ଷରୁ ତିରୁପତି ମନ୍ଦିର ଥିମ୍ ରେ ମଣ୍ଡପ ନିର୍ମାଣ କରାଯାଇଥିଲା। ଶ୍ରେଷ୍ଠ ଗଣେଶ ମୂର୍ତ୍ତି ବର୍ଗରେ ରାଧାମାଧବ ମନ୍ଦିର ଗଣେଶ ପୂଜା କମିଟି ୨୧ ହଜାର ଟଙ୍କାର ପ୍ରଥମ ପୁରସ୍କାର ହାସଲ କରିଥିବା ବେଳେ ବିଟିଏମ୍ ର ବ୍ରଦର୍ସ କ୍ଲବ୍ ୧୧ ହଜାର ଟଙ୍କାର ରନର୍ସଅପ୍ ପୁରସ୍କାର ପାଇଥିଲା। ସେହିପରି ସ୍ୱଚ୍ଛ ଓ ଶୃଙ୍ଖଳିତ ମଣ୍ଡପ ବର୍ଗରେ ମଙ୍ଗଳବଜାରର ଶିବଶକ୍ତି ନବଯୁବକ ସଂଘ ପ୍ରଥମ ହୋଇ ୧୧ ହଜାର ଟଙ୍କା ପାଇଥିବା ବେଳେ କାଳୀମନ୍ଦିରର ବିଘ୍ନହର୍ତା କ୍ଲବ୍ କୁ ୫,୧୦୦ ଟଙ୍କାର ଦ୍ୱିତୀୟ ପୁରସ୍କାର ମିଳିଥିଲା। ଶ୍ରେଷ୍ଠ ବିସର୍ଜନ ବର୍ଗରେ ବୁରୋମାଲର ଡିଏକ୍ସ କ୍ଲବ୍ ଓ ପୁରୁଣାବସ୍ତିର ଶ୍ରୀଶ୍ରୀ ଗଣେଶ ପୂଜା କମିଟି ଯୁଗ୍ମ ବିଜେତା ହୋଇଥିଲେ। ଉଭୟ କମିଟିକୁ ୧୧ ହଜାର ଟଙ୍କା ଲେଖାଏଁ ପୁରସ୍କାର ଦିଆଯାଇଥିଲା। ଏହା ବ୍ୟତୀତ ୭ଟି ସ୍ୱତନ୍ତ୍ର ଜୁରି ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରତ୍ୟେକ ପୁରସ୍କାରର ମୂଲ୍ୟ ୫,୧୦୦ ଟଙ୍କା ଥିଲା। ରାଧାମାଧବ ଗଣେଶ ପୂଜା କମିଟି, ବିବେକାନନ୍ଦ କ୍ଲବ୍, ବୃନ୍ଦାବନ ଯୁବଶକ୍ତି କ୍ଲବ୍ ଓ ଥାନା ଛକ୍ କେ ରାଜାଙ୍କୁ ସୃଜନଶୀଳ ମଣ୍ଡପ ପାଇଁ ସମ୍ମାନିତ କରାଯାଇଥିଲା। ଜୟ ମାତା ଦି କ୍ଲବ୍, ଦ କିଙ୍ଗ୍ ଅଫ୍ ମଙ୍ଗଳବଜାର-ଷ୍ଟାର କ୍ଲବ୍ ଏବଂ ଶ୍ରୀ ସିଂହବାହିନୀ ଗଣେଶ ପୂଜା ଅନୁଷ୍ଠାନକୁ ସୃଜନଶୀଳ ଗଣେଶ ମୂର୍ତ୍ତି ପାଇଁ ପୁରସ୍କୃତ କରାଯାଇଥିଲା। ତିନିଟି ପ୍ରମୁଖ ବର୍ଗର ସମୁଦାୟ ଭୋଟ ହିସାବରେ ହାଉସିଂ ବୋର୍ଡ ଗଣେଶ ପୂଜା କମିଟି ସର୍ବାଧିକ ୧୩,୨୩୦ ଭୋଟ ପାଇ ପ୍ରଥମ ସ୍ଥାନରେ ରହିଥିଲା। ରାଧାମାଧବ ମନ୍ଦିର ଗଣେଶ ପୂଜା କମିଟି ୧୩,୧୬୩ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିଲା। ଶ୍ରୀଶ୍ରୀ ଗଣେଶ ପୂଜା କମିଟି ୬,୪୪୦, ବ୍ରଦର୍ସ କ୍ଲବ୍ ୬,୦୨୦ ଏବଂ ଡିଏକ୍ସ କ୍ଲବ୍ ୫,୬୦୯ ଭୋଟ ପାଇଥିଲେ। ସମାରୋହର ଏକ ଭାବବିହ୍ୱଳ ମୁହୂର୍ତରେ ରାଧାମାଧବ ମନ୍ଦିର ଗଣେଶ ପୂଜା କମିଟି ନିଜର ୨୧ ହଜାର ଟଙ୍କାର ସମ୍ପୂର୍ଣ୍ଣ ପୁରସ୍କାର ରାଶି ଯାଜପୁରର ଚିକିତ୍ସାଧୀନ ଶିଶୁ ତ୍ରିଶାଙ୍କ ଚିକିତ୍ସା ପାଇଁ ଦାନ କରିଥିଲେ। ଶିଶୁଟିର ଚିକିତ୍ସା ପାଇଁ ବହୁ ଅର୍ଥର ଆବଶ୍ୟକତା ରହିଛି। ଗଣେଶ ପୂଜା ଓ ବିସର୍ଜନ ସମୟରେ ଶାନ୍ତିଶୃଙ୍ଖଳା ଏବଂ ଆଇନଶୃଙ୍ଖଳା ବଜାୟ ରଖିବା ପାଇଁ ଝାରସୁଗୁଡ଼ା ଜିଲ୍ଲା ପୁଲିସକୁ ମଧ୍ୟ ସମାରୋହରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଫ୍ରିନ୍ସ ଡ୍ୟାନ୍ସ ଗ୍ରୁପ୍, ଅମନ ଚାଟାର୍ଜୀ, ରୁବି'ସ ନାଟ୍ୟମ୍ ଡ୍ୟାନ୍ସ ଏକାଡେମୀ ଓ ବୃନ୍ଦାବନ ଷ୍ଟୁଡିଓ ପକ୍ଷରୁ ଆକର୍ଷଣୀୟ ସାଂସ୍କୃତିକ ପରିବେଷଣ ହୋଇଥିଲା। ଜୟନ୍ତ ନନ୍ଦ ଓ ଅଧ୍ୟାପିକା ସୁଚିସ୍ମିତା ଗୁରୁ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ। ଝାରସୁଗୁଡ଼ା ପୌରପାଳିକା ଉପାଧ୍ୟକ୍ଷ ରାଜୁ ପାଣିଗ୍ରାହୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଏହି ସମାରୋହରେ ଉପସ୍ଥିତ ଥିଲେ। ବ୍ରାହ୍ମଣ ମହିଳା ସମିତି, ଜେସିଆଇ ଆଟିଭର୍ସ ଓ ରୋଟାରି କ୍ଲବ୍ ଅଫ୍ ଝାରସୁଗୁଡ଼ା ଗ୍ରୀନ୍ ସମେତ ବିଭିନ୍ନ ସାମାଜିକ ସଂଗଠନର ସଦସ୍ୟମାନେ ମଧ୍ୟ ଯୋଗଦେଇଥିଲେ। ଆୟୋଜକଙ୍କ କହିବା ଅନୁଯାୟୀ, ଝାରସୁଗୁଡ଼ାର ପାରମ୍ପରିକ ଉତ୍ସବ ସଂସ୍କୃତିକୁ ଆହୁରି ପ୍ରୋତ୍ସାହିତ କରିବା, ପୂଜା କମିଟିଗୁଡ଼ିକ ମଧ୍ୟରେ ସୃଜନଶୀଳତା, ପରିଚ୍ଛନ୍ନତା ଓ ଶୃଙ୍ଖଳାକୁ ଉତ୍ସାହିତ କରିବା ସହ ଜନସାଧାରଣଙ୍କ ସ୍ୱଚ୍ଛ ଓ ସ୍ୱଚ୍ଛନ୍ଦ ଅଂଶଗ୍ରହଣ ପାଇଁ ଏହି ପୁରସ୍କାରର ପରିକଳ୍ପନା କରାଯାଇଛି।

# ଟିପ୍ପରର ଧକ୍କାରେ ଶିକ୍ଷକଙ୍କ ମୃତ୍ୟୁ

ମାଲକାନଗିରି,୦୫/୧୦ (ନି.ପ୍ର): ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଚିନ୍ତଲୱାଡା ସ୍କୁଲର ଶିକ୍ଷକ ନବ କୁମାର ସରକାରଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି । ସୂଚନା ଅନୁସାରେ, ଗତ ବୁଧବାର ଦିନ ସେ ସ୍କୁଲରୁ ଫେରୁଥିବା ବେଳେ ରାସ୍ତାରେ ପଛପଟୁ ଏକ ଟିପ୍ପର ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା । ଫଳରେ ତାଙ୍କ ଛାତିରେ ଗୁରୁତର ଆଘାତ ଲାଗିଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ମେଡିକାଲରେ ଭର୍ତି କରିଥିଲେ । ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ତାଙ୍କର ମୃତ୍ୟୁ ଘଟିଛି । ଏହି ଘଟଣାକୁ ନେଇ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଛି ।

# ଅନଲାଇନ୍ ଖାଦ୍ୟ ... ସହଜ କିନ୍ତୁ ଭାରି ବିପଦ

ଆଜିର ପ୍ରତିଯୋଗିତା ମୂଳକ ସମାଜରେ ପରିବାର ଚଳାଇବାକୁ ସମସ୍ତଙ୍କୁ କର୍ମଜୀବୀ ହେବାକୁ ପଡୁଛି । ଆଗ ଭଳି ଖୁବ୍ କମ୍ ପରିବାର ଅଛନ୍ତି ଯେଉଁଠି ଘରେ ରହି କାମ କରିବାକୁ ପରିସ୍ଥିତି ସହଯୋଗ କରୁଛି । ସମସ୍ତେ ଟିକେ ସହଜରେ ଓ ସ୍ୱାଚ୍ଛନ୍ଦରେ ରହିବାକୁ ଉଭୟ ସ୍ୱାମୀ , ସ୍ତ୍ରୀଙ୍କୁ କାମ କରିବାକୁ ପଡୁଛି , ତେଣୁ ଅନେକ ସମୟରେ ରୋଷେଇ କରିବାକୁ ସମୟ ନଥାଏ , ତେଣୁ ବାଧ ହୋଇ ସେମାନେ ଖାଦ୍ୟ ଅର୍ଡର କରି ଖାଆନ୍ତି । ସହରରେ ଅନେକ ପରିବାର ପାଇଁ ଅର୍ଡର କରି ଖାଦ୍ୟ ଖାଇବା ଅଭ୍ୟାସରେ ପରିଣତ ହୋଇଗଲାଣି । ଯୁବଗୋଷ୍ଠୀ ମଧ୍ୟ ଅନଲାଇନ୍ ଫୁଡ୍ ମାୟାରେ ପଡ଼ିଗଲେଣି । ଏଥିରେ ଅତି ସହଜରେ ଖାଦ୍ୟ ପାଖରେ ପହଞ୍ଚିଯାଏ କିନ୍ତୁ ଜାଣନ୍ତି ,ଏହି ଖାଦ୍ୟ ଶରୀର ପାଇଁ ଘୋର ବିପଦ ।



ଯୁବ ସମାଜ ଏହି ଅଭ୍ୟାସ ତାଙ୍କର ଏକ ପ୍ରକାର ନିଶାରେ ପରିଣତ ହେଲାଣି । ହେଲେ ଏଥିରେ ଏକାଧିକ ଶାରୀରିକ ସମସ୍ୟା ଦେଖାଯାଉଛି । ପ୍ରଥମତଃ ମେଦବହୁଳତା ସମସ୍ୟା ଦେଖାଯାଉଛି ଏବଂ ପାଚନ କ୍ରିୟା ଦେଖାଯାଉଛି । କେବଳ ଶାରୀରିକ ନୁହେଁ ବରଂ ମାନସିକ ମାନସିକ ସ୍ୱାସ୍ଥ୍ୟ ଉପରେ ମଧ୍ୟ କୁପ୍ରଭାବ ପକାଉଛି ।

ପୋଷଣ ଅଭାବ :
ଫୁଡ୍ ଡେଲିଭରୀରେ ମିଳୁଥିବା ଅଧିକାଂଶ ଖାଦ୍ୟ ଫାଷ୍ଟଫୁଡ୍ , ପ୍ରୋସେସଡ୍ ଫୁଡ୍ ବ୍ୟତୀତ ଅଧିକ କ୍ୟାଲୋରୀ ଓ କମ୍ ପୋଷଣଯୁକ୍ତ ଖାଦ୍ୟ ମିଳିଥାଏ । ସମୟ ସହ ଲୋକଙ୍କର ନିର୍ଭରଶୀଳତା ଫଳରେ ଅସନ୍ତୁଳିତ ଡାଏଟର ମାତ୍ରା କ୍ରମଶଃ ବଢ଼ିଚାଲିଛି । ଏହାଦ୍ୱାରା ଶରୀରରେ ଆବଶ୍ୟକ ଭିଟାମିନ୍, ଖଣିଜ ପଦାର୍ଥ, ଓ ପୋଷକ ତତ୍ତ୍ୱ ଅଭାବ ହେବାର ଆଶଙ୍କା ବଢ଼ିପାରେ ।

ଓଜନ ଓ ମୋଟାପଣ :
ଅଧିକ କ୍ୟାଲୋରୀଯୁକ୍ତ ଖାଦ୍ୟ ଏବଂ ସ୍ୱାସ୍ଥ୍ୟକୁ କ୍ଷତି ପହଞ୍ଚାଉଥିବା ଖାଦ୍ୟ ଓଜନ ବଢ଼ାଇବା ସହିତ ମୋଟାପଣ ବଢ଼ାଇଥାଏ ।ଏଥିରେ ଅସ୍ୱାସ୍ଥ୍ୟକର ଶର୍କରା, ଓ ସୋଡିୟମର ମାତ୍ରା ଅଧିକ ରହିଥାଲ ଫଳରେ ମେଟାବୋଲିଜିମ୍ ସହ ଶରୀରରେ ଆବଶ୍ୟକତାଠାରୁ ଅଧକ ଫ୍ୟାଟ୍ ଜମା ହୋଇ ଘାତକ ପ୍ରମାଣିତ ହୋଇପାରେ ।

ହୃଦଘାତ ସମସ୍ୟା :
ସ୍ୱାସ୍ଥ୍ୟକୁ କ୍ଷତି ପହଞ୍ଚାଉଥିବା ଖାଦ୍ୟ ଖାଇବା ଦ୍ୱାରା କାର୍ଡିଓ ଭାସ୍କୁଲାର
ବା ହୃଦଘାତ ଜନିତ ସମସ୍ୟା ହେବାର ଆଶଙ୍କା ବଢ଼ିପାରେ, ଯାହା ରକ୍ତଚାପ , ହୃଦରୋଗ ଓ ଷ୍ଟ୍ରୋକକୁ ନିମନ୍ତ୍ରଣ କରେ । ଆବଶ୍ୟକତା ଠାରୁ ଅଧିକ ଫ୍ରାଏଡ୍ ଫୁଡ୍ ଓ ପ୍ରୋସେସଡ ଫୁଡ ଖାଇଲେ ଶରୀରରେ କୋଲେଷ୍ଟରେଲ ସ୍ତର ବଢ଼ିଯାଇ ହାର୍ଟଆଟାକ୍ ସମସ୍ୟାକୁ ବଢ଼ାଇଥାଏ ।

ପାଚନ ସମସ୍ୟା :
ଅନଲାଇନରେ ମିଳୁଥିବା ଖାଦ୍ୟରେ ଫାଇଭର ଓ ପୋଷକ ତତ୍ତ୍ୱ ନଥାଏ ।ଫଳରେ ପାଚନ ସମସ୍ୟା ସୃଷ୍ଟି ହୋଇଥାଏ । କୋଷ୍ଠକାଠିନ୍ୟ, ବାନ୍ତି ହେବା ପେଟରେ ଗ୍ୟାସ ହେବା ସହ ଫୁଲିଯିବା ପରି ସମସ୍ୟା ଦେଖାଯାଏ ।

ରକ୍ତରେ ଶର୍କରା ମାତ୍ରା ବୃଦ୍ଧି :
ଅଧିକ ମିଠା ଓ ଅଧିକ କାର୍ବୋହାଇଡ୍ରୋଟ୍ ଯୁକ୍ତ ଖାଦ୍ୟ ସାଙ୍ଗକୁ ଖାଇବାରେ ଅନିୟମିତତା ରକ୍ତରେ ଶର୍କରାର ମାତ୍ରା ବଢ଼ାଇଦିଏ । ଏହାଦ୍ୱାରା ଇନସୁଲିନ୍ ସୃଷ୍ଟିରେ ବାଧା ସୃଷ୍ଟି ହେବା ସହ ଫଳରେ ଟାଇପ୍ -୨ ଡାଇବେଟିସ୍ ହୋଇଥାଏ ।

ଚିଡ଼ଚିଡ଼ାପଣ :
ଅର୍ଡର କରି ପୋସେସଡ୍ ଖାଦ୍ୟ ଲଗାତାର ଖାଇଲେ ମାନସିକ ସ୍ୱାସ୍ଥ୍ୟ ପ୍ରଭାବିକ ହୋଇଥାଏ ।କଥାରେ ଅଛି ଯେପରି ଖାଦ୍ୟ ସେପରି ମନର ସ୍ଥିତି । କହିବାର ଅର୍ଥ ଆମେ ଯେପରି ଖାଦ୍ୟ ଖାଇବା ଆମ ମନ ଓ ଶରୀର ଉପରେ ସେହିପରି ପ୍ରଭାବ ପଡ଼ିବ । ତେଣୁ ଲଗାତାର ଅର୍ଡର ଫୁଡ ଖାଇଲେ ଜଣଙ୍କଠାରେ ଅବସାଦ ଓ ଚିଡ଼ିଚିଡ଼ାପଣ ଦେଖାଯିବାର ଅଧିକ ସମ୍ଭାବନା ଥାଏ ।

କହିବାକୁ ଗଲେ ଅର୍ଡର କରି ଖାଦ୍ୟ ଖାଇଲେ ରୋଗ ତ କିଣିବେ, ଡାକ୍ତର ପାଖରେ ଟଙ୍କା ଦେଇ ଦେଇ ଦେବାଳିଆ ବି ହେବେ ।ଏବେ ଆପଣ କୁହନ୍ତୁ ଟିକେ ସମୟ କାଢି ଘରେ ରୋଷେଇ କରି ସ୍ୱାସ୍ଥ୍ୟକର ଖାଦ୍ୟ ଖାଇବେ ନା ଅନଲାଇନ୍ ଖାଦ୍ୟ ଖାଇ ବିପଦକୁ ବରଣ କରିବେ ।

# ବର୍ଷା ଦିନରେ ବି ଷ୍ଟାଇଲିସ୍ ଦେଖାଯିବେ : ଆପଣାନ୍ତୁ ଏସବୁ ସହଜ ଟିପ୍ସ

**ବର୍ଷା ଋତୁ ସବୁଜ ସବୁଜ ଏବଂ ଥଣ୍ଡା ପବନ ସହିତ ନିଜସ୍ୱ ଆନନ୍ଦ ଆଣିଦିଏ, କିନ୍ତୁ ବର୍ଷା ସମୟରେ ବାହାରକୁ ବାହାରିବା ସବୁବେଳେ ସୁବିଧାଜନକ ନୁହେଁ । ତଥାପି, ଫ୍ୟାସନେବଲ୍ ଦେଖାଯିବାସହିତ ଆପଣ ନିଜକୁ ଭିଜିବାରୁ ରକ୍ଷା କରିବାକୁ ଚାହୁଥିଲେ ଏସବୁ ଟିପ୍ସକୁ ଆପଣାନ୍ତୁ ।**

ହାଲୁକା, ଶୀଘ୍ର ଶୁଖିଯାଉଥିବା କପଡ଼ା ବାଛନ୍ତୁ : ରେୟନ୍, ପଲିଷ୍ଟର କିମ୍ବା ଲିନେନ୍ ଭଳି କପଡା ବାଛିବା ଏକ ଭଲ ଧାରଣା କାରଣ ଏଗୁଡ଼ିକ ହାଲୁକା ଏବଂ ସହଜରେ ଶୁଖିଯାଏ । କପା କିମ୍ବା ଡେନିମ୍ ଉଭୟ ପାଣି ସହିତ ଭାରି ହୋଇଯାଏ ଏବଂ ଗତି କରିବା କଷ୍ଟକର ହୋଇଯାଏ ।

ଲାଇଟ୍ ଜ୍ୟାକେଟ୍ ପିନ୍ଧନ୍ତୁ : ହାଲୁକା ଗ୍ରୀଷ୍ମ ଜ୍ୟାକେଟ୍ ଏବଂ ସାର୍ଟ ସହିତ ଲେୟାରିଂ ଋତୁରେ ଭଲ କାମ କରେ । ଏହା କେବଳ ଆପଣଙ୍କୁ ସୁନ୍ଦର ଦେଖାଏ ନାହିଁ, ବରଂ ବର୍ଷାରେ ଓଦା ହେବାରୁ ରକ୍ଷା କରି ସୁରକ୍ଷାର ଏକ ସ୍ତର ମଧ୍ୟ ଯୋଡେ ।

ୱାଟରପ୍ରୁଫ୍ ଟ୍ରେଞ୍ଚ କୋଟ୍ ଚେଷ୍ଟା କରନ୍ତୁ : ଅନେକଙ୍କୁ ରେନ୍ ଜ୍ୟାକେଟ୍ ପିନ୍ଧିବାକୁ କଷ୍ଟକର ଲାଗେ । ଷ୍ଟାଇଲିସ୍, ହାଲୁକା ଏବଂ ୱାଟରପ୍ରୁଫ୍ କୋଟ୍ ଏଥିପାଇଁ ସବୁଠୁ ଭଲ । ଏଗୁଡ଼ିକ ଷ୍ଟାଇଲିସ୍ ଦେଖାଯାଏ, ବିଶେଷକରି ଯେତେବେଳେ ଏଗୁଡ଼ିକରେ ବେଲ୍ଟ ହୋଇଥାଏ ।

ବ୍ରିଜି ସିଲୁଏଟ୍ ପିନ୍ଧନ୍ତୁ : ବର୍ଷାରେ ଟାଇଟ୍-ଫିଟିଂ ପୋଷାକ ଯଦି ଆପଣ ଭିଜି ଯାଆନ୍ତି ତେବେ ଆପଣଙ୍କୁ ଅସହଜ ଅନୁଭବ କରାଇପାରେ । ଏହା ବଦଳରେ, ଏକ କୋ-ଅର୍ଡ ସେଟ୍ କିମ୍ବା ଏକ ଫ୍ଲୋଇଂ ଡ୍ରେସ୍ ଭଳି ଷ୍ଟାଇଲିସ୍ ଆଉଟଫିଟ୍ ବର୍ଷା ଦିନ ପାଇଁ ବହୁତ ଭଲ ଯାହା ଆପଣଙ୍କୁ ଷ୍ଟାଇଲିସ୍ ଲୁକ୍ ଦେବ ।

ଛୋଟ ହେମ୍ସ ବାଛନ୍ତୁ : ଗୋଡ଼ ଛୁଇଁବା ଭଳି ଫିଟ୍ ପିନ୍ଧିବା ଆପଣଙ୍କୁ ଓଦା କରିପାରେ, କିନ୍ତୁ ବର୍ଷାରେ ଅତ୍ୟଧିକ ଛୋଟ ପୋଷାକ ପିନ୍ଧିବା ମଧ୍ୟ ଉପଯୁକ୍ତ ନୁହେଁ । ଆରାମଦାୟକ ରହିବା ପାଇଁ କ୍ରପ୍ ଟ୍ରାଉଜର କିମ୍ବା ମିଡି ଡ୍ରେସ୍ ପିନ୍ଧିବାକୁ ଚେଷ୍ଟା କରନ୍ତୁ ।

ହାଲକା ରଙ୍ଗ ବାଛନ୍ତୁ : ବର୍ଷା ଦିନେ ହାଲକା ରଙ୍ଗର ପୋଷାକ ବାଛନ୍ତୁ । କାରଣ ହାଲକା ରଙ୍ଗର ପୋଷାକ ବର୍ଷା ଦିନେ ଆମ ମନ ଉପରେ ସୁପ୍ରଭାବ ପକାଇବା ସହ ଆପଣଙ୍କୁ ଖୁସି ରଖିବାରେ ସହାଯ୍ୟ କରେ ।

ୱାଟରପ୍ରୁଫ୍ ଆଉଟଫିଟ୍ : ଯଦି ଆପଣ ନିଜକୁ ଷ୍ଟାଇଲିସ୍ ଲୁକ୍ ଦେବାକୁ ଚାହାନ୍ତି ତେବେ ରଙ୍ଗୀନ ଛତା, ୱାଟରପ୍ରୁଫ୍ ଟୋପି ଏବଂ ଘଣ୍ଟା ଭଳି ଟ୍ରେଣ୍ଡିଂ ଆସେସୋରିଜ୍ କିଣନ୍ତୁ । ଏଗୁଡ଼ିକ ଆପଣଙ୍କୁ



ଭିଡ଼ରୁ ଅଲଗା ଦେଖାଯିବାରେ ସାହାଯ୍ୟ କରିବ ।

ସଠିକ୍ ଫୁଟୱେର୍ ବାଛନ୍ତୁ : ବୁଟ୍, ରବର ଫ୍ଲାଟ୍, କ୍ରୋକ୍ସ ଏବଂ ଜୋତା ଯାହା ଆପଣଙ୍କୁ ଓଦା ହୋବରୁ ବଞ୍ଚାଇବା ସହ ଷ୍ଟାଇଲିସ୍ ଲୁକ୍ ଦେଖାଯିବାରେ ସହଯୋଗ କରିବ ।




ଆପଣ ପ୍ରତିଦିନ ଖାଉଥିବା ଗରମ ଗରମ ରୁଟି ଆପଣଙ୍କୁ ଅଜାଣତରେ ରୋଗୀ କରୁନି ତ ? ଗ୍ୟାସ୍ ଜାଳରେ ସିଧା ରୁଟି ସେକିବା ପଛରେ ଲୁଚି ରହିଛି ବଡ଼ ବିପଦ ! ଏହି ଗୋଟିଏ ଅଭ୍ୟାସ ଶରୀରରେ ବିଷାକ୍ତ କେମିକାଲ୍ ସୃଷ୍ଟି କରିପାରେ ! କିଛି ଲୋକ ରୁଟି ଖାଇବାକୁ ଭାରି ପସନ୍ଦ କରନ୍ତି । ରୁଟିର ଉପକାରିତା ବି ଅନେକ । ଏହା ସ୍ୱାସ୍ଥ୍ୟ ପାଇଁ ଭାରି ହିତକର । କିନ୍ତୁ ରୁଟିକୁ ଆପଣ କେମିତି ରୋଷେଇ କରୁଛନ୍ତି ଏହା ଉପରେ ନିର୍ଭର କରେ ରୁଟିର ଗୁଣବତ୍ତା । କାରଣ କିଛି ଲୋକ ରୁଟିକୁ ତାଓ୍ୱା ବଦଳରେ ସିଧା ଗ୍ୟାସ୍ ଉପରେ ହିଁ ସେକିବା ଆରମ୍ଭ କରିଦିଅନ୍ତି । ଯାହା ସ୍ୱାସ୍ଥ୍ୟ ପାଇଁ ଆଦୌ ଠିକ୍ ନୁହେଁ । ଯେହେତୁ ଗ୍ୟାସ୍ ଉପରେ ରୁଟିକୁ ସେକିଲେ ଏହା ଫୁଲିବା ସହ ଖାଇବାକୁ ଭଲ ଲାଗିଥାଏ ତେଣୁ ଲୋକ ନିଜ ସ୍ୱାସ୍ଥ୍ୟକୁ ପ୍ରାଧାନ୍ୟ ଦେବା ବଦଳରେ ପାଟି ସୁଆଦକୁ ଅଧିକ ଦେଖିଥା'ନ୍ତି । ଗ୍ୟାସ୍ ଉପରେ ସେକା ରୁଟିକୁ ପରିବାର ଅଧିକ ଖାଉଥିବା ଦେଖି ଘରର ଗୃହିଣୀ ମଧ ଏହି ପଦ୍ଧତିକୁ ଆପଣାଇଥା'ନ୍ତି । କିନ୍ତୁ ସ୍ୱାଦ ସ୍ୱାସ୍ଥ୍ୟ ଉପରେ କେତେ ପ୍ରଭାବ ପକାଏ ତାହା ସେମାନେ ଜାଣିପାରନ୍ତି ନାହିଁ । ସିଧା ଗ୍ୟାସ୍ ନିଆଁ ଉପରେ ସେକା ରୁଟି ପୂରା ପରିବାରକୁ ହସ୍ପିଟାଲରେ ପହଞ୍ଚାଇପାରେ । ପରିବେଶ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ପତ୍ରିକାରେ ପ୍ରକାଶିତ ଏକ ଅଧ୍ୟୟନ ଅନୁସାରେ ଏହି ଉପାୟରେ ରୁଟି ସେକିବା ଦ୍ୱାରା ବାୟୁ ପ୍ରଦୂଷକ ନିର୍ଗତ ହୁଏ ଯାହାକୁ ଡବ୍ଲ୍ୟୁଏଚଓ କ୍ଷତିକାରକ ବୋଲି କହିଛି । ଏହି ପ୍ରଦୂଷକଗୁଡ଼ିକ ମଧ୍ୟରେ କାର୍ବନ ମନୋକ୍ସାଇଡ୍ ଏବଂ ନାଇଟ୍ରୋଜେନ୍ ଡାଇଅକ୍ସାଇଡ୍ ଅନ୍ତର୍ଭୁକ୍ତ । ଫୁଡ୍ ଷ୍ଟାଣ୍ଡାର୍ଡସ୍ ଅଷ୍ଟ୍ରେଲିଆ ଏବଂ ନ୍ୟୁଜିଲାଣ୍ଡର ବୈଜ୍ଞାନିକ ଡକ୍ଟର ପଲ୍ ବ୍ରେଣ୍ଟଙ୍କ ଦ୍ୱାରା ପ୍ରକାଶିତ ଗବେଷଣାରେ କୁହାଯାଇଛି ଯେ ସିଧାସଳଖ ଗ୍ୟାସର ନିଆଁରେ ରୁଟି ସେକିବା ଦ୍ୱାରା କର୍କଟ ରୋଗ ସୃଷ୍ଟି ହୋଇପାରେ ଯାହା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ । ଏହା ଶ୍ୱାସକ୍ରିୟା ରୋଗ ହୃଦ୍ ?ରୋଗ ଏବଂ କର୍କଟ ସହିତ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟା ସହିତ ଜଡ଼ିତ ।

ଦିଲ୍ଲୀର ଜଣେ ଲୋକପ୍ରିୟ ମେଡିକାଲ୍ ଅଙ୍କୋଲୋଜିଷ୍ଟ - ଡକ୍ଟର ଶ୍ୟାମ ଅଗ୍ରୱାଲଙ୍କ ମତରେ ଉଚ୍ଚ-ତାପମାତ୍ରା ରୋଷେଇ ମାଧ୍ୟମରେ ଯେଉଁ ରାସାୟନିକ ପଦାର୍ଥ ସୃଷ୍ଟି ହୁଏ ତାହା ଉଘଇ କ୍ଷତି କରିବାର ସମ୍ଭାବନା ଅଛି । ଯଦି ଜଣେ ବ୍ୟକ୍ତି ନିୟମିତ ଭାବରେ ଏପରି ଖାଦ୍ୟ ଖାଆନ୍ତି ତେବେ ହିଁ କର୍କଟ ରୋଗ ଆପଣଙ୍କ ଶରୀରରେ ପ୍ରବେଶ କରିବ । ତେବେ ତାଓ୍ୱାରେ ରୁଟି ପ୍ରସ୍ତୁତ କରିବା ଭଲ । ବେଳେବେଳେ ଗ୍ୟାସ୍ ଉପରେ ରୁଟି ସେକିଲେ ଚଳିବ କିନ୍ତୁ ପ୍ରତିଦିନ ଯଦି ଏଭଳି ପଦ୍ଧତିରେ ରୁଟି ସେକୁଛନ୍ତି ତା'ହେଲେ ଆଜି ହିଁ ପରିବର୍ତ୍ତନ କରନ୍ତୁ । ସୁସ୍ଥ ଖାଆନ୍ତୁ , ସୁସ୍ଥ ରୁହନ୍ତୁ ।

# ଗ୍ୟାସ ସମସ୍ୟା ନେଇ ଚିନ୍ତିତ କି ? ତେବେ ଆପଣାନ୍ତୁ ଏହି ଉପାୟ

ଗ୍ୟାସ୍ ଏବଂ ଏସିଡିଟି ଏପରି କିଛି ସମସ୍ୟା ଯାହା ଆମ ସମସ୍ତଙ୍କୁ ସାମ୍ନା କରିବାକୁ ପଡ଼ିଥାଏ । କେତେକ ସମୟରେ, ସମୟ ଅନୁସାରେ ନ ଖାଇବା, ଭାରୀ ଜିନିଷ ଖାଇବା କିମ୍ବା ଚାପରେ ରହିବା ଯୋଗୁଁ, ଗ୍ୟାସ୍ ଏବଂ ଏସିଡିଟି ସମସ୍ୟା ଆରମ୍ଭ ହୁଏ । ଏହି କାରଣରୁ, ପେଟ ଫୁଲିବା, ଜଳାପୋଡ଼ା ଏବଂ ଅସ୍ୱସ୍ତିର ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥାଏ । ଆପଣଙ୍କୁ କିଛି ଔଷଧ ଦ୍ୱାରା ଆରାମ ମିଳିପାରେ କିନ୍ତୁ ଏହି ଔଷଧଗୁଡ଼ିକ ଗ୍ୟାସ୍ ଏବଂ ଏସିଡିଟି ସମସ୍ୟାକୁ ସବୁଦିନ ପାଇଁ ଦୂର କରିପାରିବ ନାହିଁ । କିନ୍ତୁ କିଛି ଘରୋଇ ଉପଚାର ମାଧ୍ୟମରେ, ଆପଣ ଗ୍ୟାସ୍ ଏବଂ ଏସିଡିଟି ସମସ୍ୟାରୁ ସବୁଦିନ ପାଇଁ ମୁକ୍ତି ପାଇପାରିବେ ।



ଆସନ୍ତୁ ଜାଣିବା ଏହି ଉପଚାରଗୁଡ଼ିକ ବିଷୟରେ-
ପ୍ରଥମ ଉପଚାର ହେଉଛି ଧନିଆ, ପାନମହୁରି ଏବଂ ଜିରା ଚା । ଏହି ତିନୋଟି ଔଷଧୀୟ ଉପାଦାନ ପାଚନକୁ ପ୍ରୋତ୍ସାହିତ କରେ, ପେଟ ଫୁଲା କମ କରେ ଏବଂ ଏସିଡିଟିକୁ ଶାନ୍ତ କରେ । ଏହା ଏକ ଆୟୁର୍ବେଦିକ ଉପଚାର ।
ଆପଣଙ୍କୁ ଆବଶ୍ୟକ ସାମଗ୍ରୀ ହେଉଛି ଗୋଟିଏ ଚାମଚ ପାନମହୁରି,
୧ ଚାମଚ ଧନିଆ ବିହନ, ୧ ଚାମଚ ପାନମହୁରି, ୨ କପ ପାଣି । ଏହି ଚା ତିଆରି କରିବା ପାଇଁ, ଦୁଇ କପ ପାଣିରେ ଏହି ତିନୋଟି ବିହନ ମିଶାଇ ଆରମ୍ଭ କରନ୍ତୁ । କମ୍ ଆଞ୍ଚରେ ୫-୭ ମିନିଟ୍ ପାଇଁ ଫୁଟାନ୍ତୁ । ଖାଇବା ପରେ ଛାଣି ଗରମ ପିଅନ୍ତୁ ।
ତ୍ରିଫଳା ହେଉଛି ତିନୋଟି ପବିତ୍ର ଫଳରୁ ତିଆରି ଏକ ପ୍ରାଚୀନ ଆୟୁର୍ବେଦିକ ଔଷଧ । ଆମଳା ଥଣ୍ଡା ରଖିଥାଏ ଶରୀରକୁ । ଏହା ଭିଟାମିନ୍ ସି ରେ ଭରପୂର ଏବଂ ପେଟର ଆସ୍ତରଣକୁ ଶାନ୍ତ କରେ ଏବଂ ଏସିଡ୍ ଦ୍ୱାରା କ୍ଷତିଗ୍ରସ୍ତ ଟିସୁକୁ ସୁସ୍ଥ କରିବାରେ ସାହାଯ୍ୟ କରେ ।
ତୃତୀୟ ଔଷଧି ହେଉଛି ହରିତକୀ ଯାହା ବାତକୁ ସନ୍ତୁଳିତ କରେ ଏବଂ ପାଚନ ଶକ୍ତିକୁ ଶକ୍ତିଶାଳୀ କରେ । ପାଚନ, ଏସିଡିଟି ଏବଂ ପ୍ରଦାହରେ ଧୀରେ ଧୀରେ ଉନ୍ନତି ଦେଖିବା ପାଇଁ ଏହାକୁ ପ୍ରତିଦିନ ରାତିରେ ୧୦ ରୁ ୧୫ ଦିନ ପର୍ଯ୍ୟନ୍ତ ସେବନ କରନ୍ତୁ । ଆପଣଙ୍କର ତୃତୀୟ ଉପଚାର ହେଉଛି ଶୁଖିଲା ଅଦା ଏବଂ ଗୁଡ଼ । ଆୟୁର୍ବେଦରେ ଅଦାକୁ ବହୁତ ଲାଭଦାୟକ ବୋଲି ବିବେଚନା କରାଯାଏ । ଅନେକ ଅଧ୍ୟୟନରୁ ଏହା ମଧ୍ୟ ଜଣାପଡିଛି ଯେ ଅଦା ପାଚନ ତନ୍ତ୍ର ପାଇଁ ଲାଭଦାୟକ । ଏହା ପାଚନ ଶକ୍ତି ବୃଦ୍ଧି କରେ ଏବଂ ପେଟ ଫୁଲିବା ଏବଂ ଅସ୍ୱସ୍ତିକୁ ହ୍ରାସ କରେ । ଅନ୍ୟପକ୍ଷରେ, ଗୁଡ଼ ପାଚନ ଏନଜାଇମକୁ ସକ୍ରିୟ କରେ ଏବଂ ଅନ୍ତନଳୀ ଗତିକୁ ସମର୍ଥନ କରେ । ୨ ଚାମଚ ଶୁଖିଲା ଅଦା ପାଉଡର, ୧ ଚାମଚ ଗ୍ରାଟେଡ୍ ଗୁଡ଼, ୧ ଚାମଚ ଘିଅ ସେବନ କରନ୍ତୁ । ଏହା ଆପଣଙ୍କୁ ବହୁତ ଲାଭ ଦେବ ।
ଗ୍ୟାସ୍ ଏବଂ ଏସିଡିଟି ସମସ୍ୟାରୁ ମୁକ୍ତି ପାଇବା ପାଇଁ, ଆପଣଙ୍କୁ ଆପଣଙ୍କ ଜୀବନଶୈଳୀରେ କିଛି ପରିବର୍ତ୍ତନ କରିବାକୁ ପଡିବ । ଯେପରିକି :

- ☐ ପ୍ରତିଦିନ ଠିକ୍ ସମୟରେ ଖାଦ୍ୟ ଖାଇବା ।
- ☐ ହାଲୁକା ଏବଂ ପୁଷ୍ଟିକର ଖାଦ୍ୟ ଖାଆନ୍ତୁ ।
- ☐ ଖାଇବା ପରେ ଟିକେ ଚାଲିବା ଉଚିତ ।
- ☐ ଖାଇବା ପରେ ତୁରନ୍ତ ଶୁଅନ୍ତୁ ନାହିଁ ।
- ☐ ଆପଣଙ୍କ ପାଚନ ତନ୍ତ୍ରକୁ ସଫା କରିବା ପାଇଁ ଉଷୁମ ପାଣି ପିଅନ୍ତୁ ।

# ମହାରାଷ୍ଟ୍ରର କୃଷି ସଙ୍କଟ

ମହାରାଷ୍ଟ୍ରରେ ବର୍ତ୍ତମାନର ମରୁଡ଼ି ପରିସ୍ଥିତି ଏବଂ ଜଳ ସଙ୍କଟ ରାଜ୍ୟର ଗଭୀର ଆର୍ଥିକ ତଥା କୃଷିଗତ ଦୁର୍ବଳତାକୁ ପଦାରେ ପକାଇଛି । ୧୯୭୨ ମସିହାରେ ରାଜ୍ୟରେ ଲଗାତାର ତିନୋଟି ମୌସୁମୀ ବିଫଳ ହେବା ପରେ ଯେଉଁ ଭୟଙ୍କର ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଥିଲା, ଆଜି ମାତ୍ର ଗୋଟିଏ ଖରାପ ଋତୁ ବା ଦୁର୍ବଳ ମୌସୁମୀ ସେହି ସମାନ ସଙ୍କଟ ଡାକି ଆଣିଛି । ଏହା ଏପରି ଏକ ରାଜ୍ୟର ଚିତ୍ର ଯେଉଁଠାରେ ସମଗ୍ର ଦେଶର ସର୍ବାଧିକ ସଂଖ୍ୟକ ବୃହତ୍ ନଦୀବନ୍ଧ ବା ଡ୍ୟାମ୍ ରହିଛି । ତଥ୍ୟ ଅନୁଯାୟୀ, ଭାରତର ପ୍ରାୟ ୪୧ ପ୍ରତିଶତ ଅର୍ଥାତ୍ ୩୨୬୭ ରୁ ଅଧିକ ବୃହତ୍ ନଦୀବନ୍ଧ କେବଳ ମହାରାଷ୍ଟ୍ରରେ ଥିବାବେଳେ, ରାଜ୍ୟର ମୋଟ ଚାଷ ଜମିର ମାତ୍ର ୧୭ ରୁ ୧୮ ପ୍ରତିଶତ ଅଞ୍ଚଳ ଜଳସେଚିତ ହୋଇପାରିଛି । ଗୋଟିଏ ସମୟରେ ନିଜର କୃଷିଗତ ପ୍ରଗତି ପାଇଁ ପ୍ରଶଂସିତ ହେଉଥିବା ଏହି ରାଜ୍ୟ ଆଜି କିପରି ଏକ ଅସହାୟ ସ୍ଥିତିରେ ପହଞ୍ଚିଛି, ତାହା ଏହି ଗୋଟିଏ ଖରାପ ଋତୁରୁ ସ୍ପଷ୍ଟ ହୋଇଯାଉଛି । ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବୀସ ଆଶଙ୍କା ବ୍ୟକ୍ତ କରିଛନ୍ତି ଯେ ଚଳିତ ବର୍ଷର ମରୁଡ଼ି ୧୯୭୨ ମସିହା ଠାରୁ ମଧ୍ୟ ଭୟଙ୍କର ହୋଇପାରେ । କିନ୍ତୁ ଏହି ଆଶଙ୍କା ପଛରେ କେବଳ ପ୍ରାକୃତିକ କାରଣ ନୁହେଁ, ବରଂ ରାଜନୈତିକ ଏବଂ ପ୍ରଶାସନିକ ବିଫଳତା ମଧ୍ୟ ଲୁଚି ରହିଛି । ଗତ ବର୍ଷ ରାଜ୍ୟରେ ପ୍ରଚୁର ଆଗୁଆ ବର୍ଷା ହୋଇଥିଲା ଏବଂ ସମସ୍ତ ନଦୀବନ୍ଧ ଓ ଜଳଭଣ୍ଡାର ପୂର୍ଣ୍ଣ ହୋଇଯାଇଥିଲା। ତଥାପି ଅର୍ଦ୍ଧ ଶତାବ୍ଦୀ ପରେ ଆଜିର ବ୍ୟବସ୍ଥା ଏତେ ଦୁର୍ବଳ ହୋଇପଡ଼ିଛି ଯେ, ଗୋଟିଏ ବର୍ଷର ଦୁର୍ବଳ ବର୍ଷା ରାଜ୍ୟକୁ ଏକ ବଡ଼ ସଙ୍କଟ ଆଡ଼କୁ ଠେଲିଦେଇଛି । ଏହା ଦର୍ଶାଉଛି ଯେ ଜଳ ପରିଚାଳନା ଏବଂ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଦୀର୍ଘଦିନର ଅବହେଳା କିପରି ଏକ ସାଧାରଣ ପରିସ୍ଥିତିକୁ ମଧ୍ୟ ବିପର୍ଯ୍ୟୟରେ ପରିଣତ କରିପାରେ ।

୧୯୭୨ ମସିହାର ମରୁଡ଼ି ସମୟରେ ରାଜନେତାମାନଙ୍କ ମଧ୍ୟରେ ସାଧାରଣ ଜନତାଙ୍କ ପ୍ରତି ଥିବା ପ୍ରକୃତ ସମ୍ବେଦନଶୀଳତା ଦେଖିବାକୁ ମିଳିଥିଲା । ସେହି ସମୟର କଠିନ ପରିସ୍ଥିତିରେ ବିଧାନ ପରିଷଦର ତତ୍କାଳୀନ ଅଧ୍ୟକ୍ଷ ବିଠଲ ସଖାରାମ ପେଜ୍ ନିଜ ପତ୍ନୀଙ୍କୁ ପଚାରିଥିଲେ ଯେ ଘରେ କେତେ ନଗଦ ଟଙ୍କା ଅଛି । ତାଙ୍କ ପତ୍ନୀ ମାତ୍ର ୭୦୦ ଟଙ୍କା ଥିବା କହିଥିଲେ । ଏହି ଟଙ୍କାରେ କେତେ ଜଣ ଶ୍ରମିକ ଚଳିପାରିବେ ବୋଲି ସେ ପଚାରିବାରୁ ପତ୍ନୀ ଉତ୍ତର ଦେଇଥିଲେ ଯେ ପ୍ରାୟ ୧୦ ଜଣ ଶ୍ରମିକ ଦୁଇ ସପ୍ତାହ ପାଇଁ ଚଳିପାରିବେ । ଜଣେ ନିଷ୍ଠାପର ଗାନ୍ଧିବାଦୀ ଭାବରେ ପେଜ୍ ତୁରନ୍ତ ଏହି ପ୍ରସଙ୍ଗକୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବସନ୍ତରାଓ ନାଏକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ଏବଂ ରାଜ୍ୟର ଗରିବ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ପାଣ୍ଠି ଗଠନ କରିବାକୁ ପ୍ରସ୍ତାବ ଦେଇଥିଲେ । ମୁଖ୍ୟମନ୍ତ୍ରୀ ନାଏକ ଏହି ଅର୍ଥ ସଂଗ୍ରହ ବିଷୟରେ ଆଲୋଚନା କରିବା ପାଇଁ ବିରୋଧୀ ଦଳର ନେତା ତଥା ପିଜାଣ୍ଟସ୍ ଆଣ୍ଡ ୱାର୍କର୍ସ ପାର୍ଟିର କୃଷ୍ଣରାଓ ଧୁଲାପଙ୍କୁ ଆମନ୍ତ୍ରଣ କରିଥିଲେ । ଏକ ବିରଳ ତଥା ହୃଦୟସ୍ପର୍ଶୀ ପଦକ୍ଷେପ ସ୍ୱରୂପ, ଧୁଲାପ ଏବଂ ସମଗ୍ର ବିରୋଧୀ ଦଳ ଟିକସ ବୃଦ୍ଧି କରିବାକୁ ପ୍ରସ୍ତାବ ଦେଇଥିଲେ, ଯାହାକୁ ସରକାର ସମର୍ଥନ କରିଥିଲେ । ରାଜ୍ୟ ପରିବହନ ବସ୍ ଟିକେଟ୍ ଉପରେ ଯାତ୍ରୀ ପିଛା ୧୫ ପଇସା ସରଚାର୍ଜ ଲଗାଇବାକୁ ବିଧାନସଭା ସର୍ବସମ୍ମତି କ୍ରମେ ରାଜି ହୋଇଥିଲା । ଏହି ପାଣ୍ଠିରୁ ଏମ୍ପ୍ଲୟମେଣ୍ଟ ଗ୍ୟାରେଣ୍ଟି ସ୍କିମ୍ ସୃଷ୍ଟି ହୋଇଥିଲା, ଯାହାର ନାମ ନିକଟରେ ଭିବି-ଜି ରାମ୍ ଜି ଅର୍ଥାତ୍ ବିକଶିତ ଭାରତ ଗ୍ୟାରେଣ୍ଟି ଫର୍ ରୋଜଗାର ଆଣ୍ଡ ଆଜୀବିକା ମିଶନ ରଖାଯାଇଛି । ବିରୋଧୀ ଦଳ ଟିକସ ବୃଦ୍ଧି ପାଇଁ ଆହ୍ୱାନ ଦେବା ଭଳି ଘଟଣା ରାଜନୀତିରେ ଖୁବ୍ ବିରଳ ଅଟେ । ଏହି ଘଟଣା ପ୍ରମାଣ କରେ ଯେ ସେତେବେଳେ ନେତାମାନେ ନିଜର ରାଜନୈତିକ ସ୍ୱାର୍ଥ ଅପେକ୍ଷା ଜନସାଧାରଣଙ୍କ କଲ୍ୟାଣକୁ ଅଧିକ ଗୁରୁତ୍ୱ ଦେଉଥିଲେ।

କିନ୍ତୁ ୨୦୨୬ ମସିହାର ଚିତ୍ର ସମ୍ପୂର୍ଣ୍ଣ ଅଲଗା ଏବଂ ନିରାଶାଜନକ ଅଟେ । ମୌସୁମୀ ଋତୁ ଆନୁଷ୍ଠାନିକ ଭାବରେ ଶେଷ ହେବା ପୂର୍ବରୁ ହିଁ, ପ୍ରାୟ ୧୧ ଲକ୍ଷ କୋଟି ଟଙ୍କାର ବିପୁଳ ଋଣ ଭାରରେ ଦବି ରହିଥିବା ରାଜ୍ୟ ସରକାର ୪୫,୦୦୦ କୋଟି ଟଙ୍କାର ମରୁଡ଼ି ରିଲିଫ୍ କାର୍ଯ୍ୟକ୍ରମ ପାଇଁ ଅତିରିକ୍ତ ଋଣ ସଂଗ୍ରହ କରିବାରେ ଲାଗିଛନ୍ତି । ଯଦିଓ କେନ୍ଦ୍ର ସରକାର ଚଳିତ ଆର୍ଥିକ ବର୍ଷ ପାଇଁ ୧.୨୦ ଲକ୍ଷ କୋଟି ଟଙ୍କାର ଋଣ ସୀମା ନିର୍ଦ୍ଧାରଣ କରିଛନ୍ତି, ତଥାପି ମରୁଡ଼ି ଆନୁଷ୍ଠାନିକ ଭାବରେ ଘୋଷଣା ହେବା ପୂର୍ବରୁ ରାଜ୍ୟ ସରକାର ମାତ୍ର ପାଞ୍ଚ ମାସ ମଧ୍ୟରେ ୫୦,୦୦୦ କୋଟି ଟଙ୍କାର ଋଣ ବ୍ୟବହାର କରିସାରିଛନ୍ତି । ମାର୍ଚ୍ଚ ମାସରେ ବଜେଟ୍ ଉପସ୍ଥାପନ ସମୟରେ ୪୦,୫୫୨ କୋଟି ଟଙ୍କାର ରାଜସ୍ୱ ନିଅଣ୍ଟ ଏବଂ ୧.୫ ଲକ୍ଷ କୋଟି ଟଙ୍କାର ଆର୍ଥିକ ନିଅଣ୍ଟ ହେବାର ଆକଳନ କରାଯାଇଥିଲା । ଚଳିତ ବର୍ଷ ରାଜ୍ୟ କେବଳ ନିଜର ଋଣର ସୁଧ ପରିଶୋଧ କରିବା ପାଇଁ ୭୦,୦୦୦ କୋଟି ଟଙ୍କାର ବିପୁଳ ଅର୍ଥ ବରାଦ କରିଛି ଏବଂ ଅଧିକ ଋଣ କରାଗଲେ ଏହି ପରିମାଣ ଆହୁରି ବୃଦ୍ଧି ପାଇବାର ଆଶଙ୍କା ରହିଛି। ଏହି ପୃଷ୍ଠଭୂମିରେ ଅର୍ଥ ବିଭାଗ ଦାୟିତ୍ୱରେ ଥିବା ଫଡ଼ନବୀସ ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ମୋଟ ୯୭,୦୦୦ କୋଟି ଟଙ୍କାର ଅତିରିକ୍ତ ବ୍ୟୟ ଦାବି ଉପସ୍ଥାପନ କରିଛନ୍ତି। ଏହା ଦରମା ମିଳିବାର ପରଦିନ ଜଣେ ଅଭ୍ୟାସଗତ ଅପବ୍ୟୟୀ ବ୍ୟକ୍ତି ପାଣ୍ଠି ପାଇଁ ଭିକ ମାଗିବା ସହିତ ସମାନ ଅଟେ । ଆଜିର ମହାରାଷ୍ଟ୍ରକୁ ଏକ ଆର୍ଥିକ ଦୃଷ୍ଟିରୁ ଅବିବେକୀ ଏବଂ ନିଜ ଦ୍ୱାରା ସୃଷ୍ଟି କରାଯାଇଥିବା ସମସ୍ୟାରେ ଛନ୍ଦି ହୋଇପଡ଼ିଥିବା ରାଜ୍ୟ ଭାବରେ ବର୍ଣ୍ଣନା କରାଯାଇପାରେ । ରାଜ୍ୟର ଅର୍ଥନୀତି ଦେଶର ମୋଟ ଜିଡିପିରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଥିଲେ ମଧ୍ୟ, ଏପରି ଖରାପ ଆର୍ଥିକ ପରିଚାଳନା ରାଜ୍ୟର ଦୀର୍ଘକାଳୀନ ବିକାଶକୁ ବାଧାପ୍ରାପ୍ତ କରୁଛି ।

ଅର୍ଥନୈତିକ ସମସ୍ୟା କେବଳ ରାଜ୍ୟର ଏକମାତ୍ର ପ୍ରତିବନ୍ଧକ ନୁହେଁ । ଆଜିର ରାଜ୍ୟ ରାଜନୀତିରେ ଭି.ଏସ୍. ପେଜ୍ ଙ୍କ ଭଳି ବ୍ୟକ୍ତିତ୍ୱ ନାହାଁନ୍ତି, ଯିଏ ସମସ୍ତଙ୍କ ସ୍ୱାର୍ଥ ପାଇଁ ଚତୁର ଉପାୟ ଚିନ୍ତା କରିପାରୁଥିଲେ, କିମ୍ବା କୃଷ୍ଣରାଓ ଧୁଲାପଙ୍କ ଭଳି ବିରୋଧୀ ନେତା ନାହାଁନ୍ତି, ଯିଏ ମରୁଡ଼ିର ମୁକାବିଲା ପାଇଁ ଟିକସ ଲଗାଇବାକୁ ପ୍ରସ୍ତାବ ଦେଇ ପ୍ରକୃତ ଉଦାରତା ଦେଖାଇଥିଲେ । ଏହା ସହିତ ତିନି ଦଳୀୟ ମେଣ୍ଟ ସରକାର ପ୍ରଶାସନ ପାଇଁ ଅନେକ ବଡ଼ ଆହ୍ୱାନ ସୃଷ୍ଟି କରୁଛି । ଶାସକ ଦଳର ପ୍ରତିନିଧିମାନେ ମୁଖ୍ୟତଃ ନିଜ ନିଜ ନିର୍ବାଚନମଣ୍ଡଳୀ ପାଇଁ ମରୁଡ଼ି ପ୍ରଭାବିତ ମାନ୍ୟତା ହାସଲ କରିବାରେ ବ୍ୟସ୍ତ ଅଛନ୍ତି । କ୍ଷମତା ଭାଗବଣ୍ଟା ବ୍ୟବସ୍ଥା କେଉଁ ଅଞ୍ଚଳ ଏହି ମାନ୍ୟତା ପାଇବ ସେ ନେଇ ଏକ ପ୍ରତିଯୋଗିତାମୂଳକ ପରିବେଶ ସୃଷ୍ଟି କରିଛି । ପ୍ରତ୍ୟେକ ପ୍ରମୁଖ ନେତା ନିଜ ନିର୍ବାଚନମଣ୍ଡଳୀକୁ ଏହି ତାଲିକାରେ ଅନ୍ତର୍ଭୁକ୍ତ କରିବାକୁ ପ୍ରୟାସ କରୁଛନ୍ତି । କାରଣ ମରୁଡ଼ିର ଆନୁଷ୍ଠାନିକ ଘୋଷଣା ହେବା ମାତ୍ରେ ରାଜ୍ୟ ସରକାରଙ୍କ ତରଫରୁ ସ୍ୱୟଂଚାଳିତ ଭାବରେ ଆର୍ଥିକ, ପ୍ରଶାସନିକ ଏବଂ ସାମାଜିକ ସହାୟତା ମିଳିବା ଆରମ୍ଭ ହୋଇଯାଏ । ସମସ୍ତ ଅଞ୍ଚଳ ପ୍ରକୃତରେ ପ୍ରଭାବିତ ହୋଇଥାଉ କି ନଥାଉ, ଏହା ସେମାନଙ୍କୁ ସରକାରୀ ଖର୍ଚ୍ଚରେ ଭୋଟରଙ୍କ ଉପରେ ରାଜନୈତିକ ଅନୁଗ୍ରହ ବୃଷ୍ଟି କରିବାକୁ ସୁଯୋଗ ଦେଇଥାଏ । ଚଳିତ ବର୍ଷ ଏପର୍ଯ୍ୟନ୍ତ ରାଜ୍ୟ ସରକାର ୩୫୮ ଟି ତାଲୁକା ମଧ୍ୟରୁ ୨୬୫ ଟିରେ ମରୁଡ଼ି ଘୋଷଣା କରିସାରିଲେଣି। ଖୁବ୍ ଶୀଘ୍ର ସରକାର ସମଗ୍ର ରାଜ୍ୟକୁ ମରୁଡ଼ି ପ୍ରଭାବିତ ବୋଲି ଘୋଷଣା କରିବାର ସମ୍ଭାବନା ରହିଛି। କେବଳ ମୁମ୍ବାଇ ଏବଂ ଏହାର ନିକଟବର୍ତ୍ତୀ ଉପକଣ୍ଠକୁ ଏଥିରୁ ବାଦ୍ ଦିଆଯିବାର କାରଣ ସ୍ପଷ୍ଟ ଅଟେ । ଏହିପରି ଭାବରେ ମରୁଡ଼ିକୁ ଏକ ରାଜନୈତିକ ଅସ୍ତ୍ର ଭାବରେ ବ୍ୟବହାର କରାଯାଉଛି, ଯାହାକି ପ୍ରକୃତ ସମସ୍ୟାର ସମାଧାନ ପରିବର୍ତ୍ତେ କେବଳ କ୍ଷମତା ବଜାୟ ରଖିବାର ଏକ ମାଧ୍ୟମ ପାଲଟିଛି ।

ଏହି ସମସ୍ତ ଘଟଣାକ୍ରମ ଏପରି ଏକ ରାଜ୍ୟରେ ଘଟୁଛି ଯେଉଁଠାରେ ଜଳସେଚନର ଅବସ୍ଥା ଅତ୍ୟନ୍ତ ନୈରାଶ୍ୟଜନକ । ଦେଶର ସର୍ବାଧିକ ନଦୀବନ୍ଧ ଥାଇ ମଧ୍ୟ ମାତ୍ର ୧୭ ରୁ ୧୮ ପ୍ରତିଶତ ଚାଷ ଜମି ଜଳସେଚନ ସୁବିଧା ପାଉଛି । ଏହା ଫଳରେ କୃଷକ ସମ୍ପ୍ରଦାୟର ଏକ ବଡ଼ ଅଂଶ ବିଳମ୍ବିତ କିମ୍ବା ଅପର୍ଯ୍ୟାପ୍ତ ବର୍ଷା ଉପରେ ନିର୍ଭର କରିବାକୁ ବାଧ୍ୟ ହେଉଛନ୍ତି । ରାଜ୍ୟରେ ଆଖୁ ଭଳି ଅଧିକ ଜଳ ଆବଶ୍ୟକ କରୁଥିବା ଫସଲର ଚାଷ ବୃଦ୍ଧି ପାଇବା ଏବଂ କେନାଲ ନେଟୱାର୍କର ଅସମ୍ପୂର୍ଣ୍ଣତା ଯୋଗୁଁ ଜଳର ସୁଷମ ବଣ୍ଟନ ହୋଇପାରୁନାହିଁ । ୨୦୧୨ ମସିହା ଠାରୁ ମହାରାଷ୍ଟ୍ର ଅନେକ ବର୍ଷ ଧରି କୃଷି କ୍ଷେତ୍ରରେ ନକାରାତ୍ମକ ଅଭିବୃଦ୍ଧି ରେକର୍ଡ କରିଛି । ଏପରିକି ଚଳିତ ବର୍ଷର ଅର୍ଥନୈତିକ ସର୍ବେକ୍ଷଣ ମଧ୍ୟ କୃଷି କ୍ଷେତ୍ରରେ ମାତ୍ର ୩.୪ ପ୍ରତିଶତର ସାଧାରଣ ଅଭିବୃଦ୍ଧି ହେବାର ଆକଳନ କରିଛି, ଯାହାକି ଗତ ଆର୍ଥିକ ବର୍ଷରେ ରେକର୍ଡ କରାଯାଇଥିବା ୯.୧ ପ୍ରତିଶତର ଉଚ୍ଚ ଅଭିବୃଦ୍ଧି ତୁଳନାରେ ବହୁତ କମ୍ ଅଟେ । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଗତ ବର୍ଷ ମହାରାଷ୍ଟ୍ରରେ ୧୦୦ ପ୍ରତିଶତରୁ ଅଧିକ ବର୍ଷା ହୋଇଥିଲା, ତଥାପି କୃଷି କ୍ଷେତ୍ରର ଏହି ଦୁର୍ବଳ ସ୍ଥିତି ରାଜ୍ୟର ଗଠନମୂଳକ ତ୍ରୁଟିକୁ ଦର୍ଶାଉଛି। କୃଷି କ୍ଷେତ୍ରର ଏହି ଦୁର୍ବଳତା କେବଳ କୃଷକମାନଙ୍କୁ ଆର୍ଥିକ ସଙ୍କଟରେ ପକାଉନାହିଁ, ବରଂ ରାଜ୍ୟର ସାମଗ୍ରିକ ଅର୍ଥନୀତି ଉପରେ ମଧ୍ୟ ଏକ ବଡ଼ ପ୍ରଭାବ ପକାଉଛି । କୃଷି ଉପରେ ନିର୍ଭରଶୀଳ ଥିବା ଗ୍ରାମୀଣ ଅର୍ଥନୀତି ଭୁଶୁଡ଼ି ପଡ଼ିଲେ, ଏହା ସିଧାସଳଖ ଭାବରେ ସହରାଞ୍ଚଳର ଶିଳ୍ପ ଏବଂ ସେବା କ୍ଷେତ୍ରକୁ ମଧ୍ୟ ପ୍ରଭାବିତ କରିବ ।

ରାଜ୍ୟର ବିପୁଳ ଋଣ ଭାର, ଦୁର୍ବଳ କୃଷି ଭିତ୍ତିଭୂମି ଏବଂ ରାଜନୈତିକ ସ୍ୱାର୍ଥର ଏହି ଜଟିଳ ଚକ୍ରବ୍ୟୂହରୁ ମହାରାଷ୍ଟ୍ର କିପରି ମୁକୁଳିବ, ତାହା ଉପରେ ସମସ୍ତଙ୍କ ନଜର ରହିଛି । କେବଳ ଆର୍ଥିକ ପ୍ୟାକେଜ୍ ଘୋଷଣା କରିଦେଲେ ସମସ୍ୟାର ସମାଧାନ ହୋଇଯିବ ନାହିଁ, ବରଂ ଜଳସେଚନ ବ୍ୟବସ୍ଥାରେ ସୁଧାର, ସଠିକ୍ ଫସଲ ପରିଚାଳନା ଏବଂ ଦୀର୍ଘକାଳୀନ ନୀତି ପ୍ରଣୟନର ଆବଶ୍ୟକତା ରହିଛି । ଏହା ସହିତ ନେତାମାନଙ୍କୁ ନିଜର ସଂକୀର୍ଣ୍ଣ ରାଜନୈତିକ ସ୍ୱାର୍ଥରୁ ଉର୍ଦ୍ଧ୍ୱକୁ ଉଠି ରାଜ୍ୟର ସାମଗ୍ରିକ ବିକାଶ ପାଇଁ ଏକାଠି କାମ କରିବାକୁ ପଡ଼ିବ, ଯେପରି ୧୯୭୨ ମସିହାରେ ହୋଇଥିଲା । ନଚେତ୍, ପ୍ରତିବର୍ଷ ଏହିପରି ମରୁଡ଼ିର ପୂର୍ବାନୁମାନ ସତ୍ୟ ପ୍ରମାଣିତ ହେବ ଏବଂ ରାଜ୍ୟର ଅର୍ଥନୀତି ତଥା କୃଷକମାନଙ୍କର ମେରୁଦଣ୍ଡ ସମ୍ପୂର୍ଣ୍ଣ ରୂପେ ଭାଙ୍ଗିଯିବ । ଏହି ପରିପ୍ରେକ୍ଷୀରେ, ଖାଦ୍ୟ ଆମଦାନୀ ପାଇଁ ବିକଳ୍ପ ଖୋଲା ରଖିବା ମଧ୍ୟ ଏକ ବାଧ୍ୟତାମୂଳକ ପଦକ୍ଷେପ ହୋଇପାରେ, ଯାହାଦ୍ୱାରା ଖାଦ୍ୟ ନିରାପତ୍ତା ସୁନିଶ୍ଚିତ କରାଯାଇପାରିବ । ମହାରାଷ୍ଟ୍ରର ଏହି ସଙ୍କଟ କେବଳ ଗୋଟିଏ ରାଜ୍ୟର ସମସ୍ୟା ନୁହେଁ, ବରଂ ସମଗ୍ର ଦେଶ ପାଇଁ ଏକ ଚେତାବନୀ ଅଟେ ଯେ ଜଳବାୟୁ ପରିବର୍ତ୍ତନ ଏବଂ ଆର୍ଥିକ ଅବ୍ୟବସ୍ଥା କିପରି ଏକ ସମୃଦ୍ଧ ରାଜ୍ୟକୁ ମଧ୍ୟ ବିପର୍ଯ୍ୟୟର ଦ୍ୱାରଦେଶରେ ଛିଡ଼ା କରାଇପାରେ ।

ଧ୍ୱନି ପ୍ରତିଧ୍ୱନି



# ବଡ଼ ଠାକୁରଙ୍କ ଗାଦି 'ଝାଟି ଜାଗା'

**ଡକ୍ଟର ତପନ କୁମାର ପାଳ**

ବିଶ୍ୱବିଶ୍ରୁତ ଜଗନ୍ନାଥ ଧାମ ଓ ପୀଠସ୍ଥ ଦେବତାଙ୍କ ଆବିର୍ଭାବ, ଧାମର ପ୍ରାଚୀନତା ମୂର୍ତ୍ତିତତ୍ତ୍ୱ, ସେମାନଙ୍କର ଅବସ୍ଥିତି ସର୍ବୋପରି ବିବିଧ ଯାତ୍ରା, ସକଳ ବିଷୟ ରହସ୍ୟାବୃତ। ସାଧାରଣ ବ୍ୟକ୍ତି ପକ୍ଷରେ ଏହାର ସୂକ୍ଷ୍ମାତିସୂକ୍ଷ୍ମ ଦର୍ଶନର ପରିଚୟ ପାଇବା ଏକ ଦୁରୂହ ବ୍ୟାପାର। ପୁରୀ ଠାକୁରଙ୍କ ତିନୋଟି ଗାଦି ରହିଛି। ବଡ଼ ଠାକୁରଙ୍କ ଗାଦି ହେଉଛି 'ଝାଟି ଜାଗା'। ଶ୍ରୀଅଙ୍ଗ ଭୂମିରେ ଥାଇ ଶ୍ରୀମୁଖ ବାହାରକୁ ଦୃଶ୍ୟମାନ। ଗୋଲାକୃତି ତଥା ଦେଉଳିଆ ଅବସ୍ଥିତି। ଏହାର ଠିକ ପଛକୁ ରହିଛି ଶ୍ରୀଜଗନ୍ନାଥଙ୍କ ଗାଦି ଭାବେ ପରିଚିତ 'କୁରୁଣ୍ଟି ମଠ'। ଏହି ଦୁଇଟି ମାର୍କଣ୍ଡେଶ୍ୱର ସାହି ଅଧୀନରେ ରହିଥିବା ସ୍ଥଳେ ବାସେଲୀ ସାହିରେ ରହିଛି 'ହାତୀ ଗୁରୁଦେବ ମଠ' ତଥା ଦେବୀ ସୁଭଦ୍ରାଙ୍କ ଗାଦି। ପୁରୀରେ ଏହି ତିନୋଟି ଗାଦି ପୂଜା ପାଇଥାଏ। ଠାକୁରେ ପାତାଳି ହେବା ଅବସରରେ ଏହି ସ୍ଥାନ ମାନଙ୍କରେ ବିଗ୍ରହ ଅବସ୍ଥାନ କରିଥିବା ଜନ ମାନସରେ ବିଶ୍ୱାସ ରହିଛି।

ଝାଟି ଜାଗା ଅର୍ଥ କାଗଜପତ୍ରରେ ତାହା ହେଉଛି 'ଆର୍ତ୍ତତ୍ରାଣଙ୍କ ଗାଦି'। ଅର୍ଥାତ୍ ଶ୍ରୀବଳଭଦ୍ରଙ୍କ ଆସ୍ଥାନ। ଆବହମାନ ସମୟରୁ ବିଶ୍ୱାସ ରହିଛି ମାଳ ମାଳ ନାଗ ସାପ ଠାକୁରଙ୍କ ଆସ୍ଥାନରେ ବୁଲନ୍ତି। ଗାଦି ବ୍ରହ୍ମ ଚାରିପଟେ ଚଳପ୍ରଚଳ ହୁଅନ୍ତି। ସେହି ଭିତରେ ରୁହନ୍ତି। ଅଧିକ ବୟସ ହେବାରେ ବିଶାଳକାୟ ଶରୀର କ୍ରମଶଃ କ୍ଷୟ ହୋଇ ଅନେକ ସେହି ଭିତରେ ଲୀନ ହୋଇଛନ୍ତି। ଜନଗହଳି ଭିତରେ ବିଷଧର ସର୍ପ ଯିବା ଆସିବା କରୁଥିଲେ ମଧ୍ୟ ସର୍ପ ଦଂଶନରେ କେବେ କାହାରି ଜୀବନ ଯାଇଥିବା କେହି ଶୁଣି ନାହାନ୍ତି। ଏସବୁ ବଡ଼ ଠାକୁରଙ୍କ ମାହାତ୍ମ୍ୟ ବୋଲି ସ୍ଥାନୀୟ ବାସିନ୍ଦାଙ୍କ ଦୃଢ଼ ବିଶ୍ୱାସ। ସେଠାରେ ଆଗେ ଥିଲା ଜଙ୍ଗଲମୟ ପରିବେଶ। ସେତେବେଳେ ଏହି ଅଞ୍ଚଳରେ ବାଘ ବି ବୁଲେ। ନିକଟରେ ନଦୀ ଘାଟ ମଙ୍ଗଳା ନଦୀ। ସବୁଜିମାମୟ ପରିବେଶରେ ଗଢ଼ା ହେଉଥିଲା ସମାଜର ଆଧାତ୍ମିକ, ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ। ଯୁବକମାନେ ଏହିଠାକୁ ଆସି ଏସବୁ ଦିଗରେ ନିଜକୁ ପ୍ରସ୍ତୁତ କରୁଥିଲେ। ଆଜି କର୍ପୂର ଉଡିଗଲେ ମଧ୍ୟ ଏହାର ଚାକ୍ଷୁସ ପ୍ରମାଣ ସ୍ୱରୂପ ଆସ୍ଥାନ, ଠାକୁରେ ତଥା ପରମ୍ପରା ବଞ୍ଚିଛି। ହେଲେ ଭୌଗୋଳିକ ସ୍ଥିତିରେ ଅନେକ ପରିବର୍ତ୍ତନ ଆସିଛି। ତଥାପି ଜାଗା ପରିସରରେ ଛଅଟି ପୋଖରୀ ଆଜି ବି ରହିଛି। ଯାହା କି ଅନ୍ୟ ଜାଗାରେ ପ୍ରାୟତଃ ଦେଖାଯାଏନି।

'ମାଦଳା ପାଞ୍ଜି'ର ତଥ୍ୟ ତଥା ସ୍ଥାନୀୟ ପୁରୁଖା ପୁରୀ ବାସିନ୍ଦା ମାନଙ୍କ କହିବା ଅନୁଯାୟୀ ହୁଏତ କ୍ଷୁଦ୍ର କୁଟୀରରେ ସ୍ଥାପିତ ଭାଗବତ ଗାଦିରୁ ଏହି ଅନୁଷ୍ଠାନର ଜନ୍ମ। ଅର୍ଥାତ୍ ଠାକୁରଙ୍କ ଏହି ଆସ୍ଥାନ ବହୁ ପ୍ରାଚୀନ। ମହାରାଜା ପ୍ରତାପ ରୁଦ୍ର ଦେବଙ୍କ ସମୟରେ ଭକ୍ତି ଆନ୍ଦୋଳନରୁ ସୂତ୍ରପାତ ହୋଇଥିଲା ଭାଗବତ ଟୁଙ୍ଗି। ସେଠାରେ ଭାଗବତ ମହାପୁରାଣର ପୂଜନ ଓ ପାରାୟଣ ଆରମ୍ଭ ହୋଇଥିଲା। ଉକ୍ତ ଜାଗାରେ ଆଧାତ୍ମିକ, ମାନସିକ ଓ ଶାରୀରିକ ବିକାଶ ବ୍ୟବସ୍ଥା ହୋଇଥିଲା। ଜାଗାରେ ଗାଦି ଗୁରୁଦେବ ତଥା ହନୁମାନ ମଧ୍ୟ ପୂଜା ପାଉଛନ୍ତି। ସେ କାଳର କିଛି ପରମ୍ପରା ଆଜି ବି ବଞ୍ଚିଛି। ଶ୍ରୀକୃଷ୍ଣ ଲୀଳାରେ ଯମୁନା ଗାଧୁଆ ଓ ଭାଗବତ ଜନ୍ମ ଏଠାରେ ଧୁମଧାମରେ ପାଳିତ ହୁଏ। ବ୍ୟାୟାମ ଗୃହରେ ଜାଗା ସାଙ୍ଗମାନେ କସରତ କରିବା ସହ ପ୍ରାଚୀନ ଓ କିଛି ଆଧୁନିକ ବ୍ୟାୟାମ ଉପକରଣମାନ ରହିଛି। ଜାଗାର ସମସ୍ୟା ମଧ୍ୟ ଅନେକ ରହିଛି। ଜାଗା ପାଚେରୀ ଅଧାବିଧା ପଡ଼ିଥିବାରେ ଅଧିକ ବର୍ଷା ହେଲେ ନାଳ ପାଣି ଜାଗା ପରିସରରେ ପଶୁଛି। ପିଲାଙ୍କ ଖେଳ ପଡ଼ିଆ, ବୟସ୍କଙ୍କ ଅବସରବିନୋଦନ ପାଇଁ ବ୍ୟବସ୍ଥା ଓ ଆଧୁନିକ ବ୍ୟାୟାମ ଗୃହଟିଏ ଆଦି ଅନେକ ଯୋଜନା ରହିଥିଲେ ମଧ୍ୟ ଅର୍ଥ ବାଧକ ସାଜୁଛି। ସରକାରୀ ପ୍ରୋତ୍ସାହନ ଅଭାବର କିଛି ନିର୍ମାଣ ଅସୁବିଧା ପଡ଼ିଛି। ଜାଗାର ବାର୍ଷିକ ଖର୍ଚ୍ଚ ପରିଚାଳନା ପାଇଁ ସମସ୍ତେ ମିଶି କୁହାବୋଲା କରି ଯାହା କିଛି ଅନୁଦାନ ପାଇଛନ୍ତି ସେଥିରେ କଲ୍ୟାଣ ମଣ୍ଡପ ଓ କିଛି ଦୋକାନ ଘର ଆଦି ତିଆରିଛନ୍ତି। ହେଲେ ଶ୍ରୀକ୍ଷେତ୍ରରେ ଥିବା ପ୍ରାଚୀନ ଐତିହ୍ୟ ଗୁଡ଼ିକର ପୁନରୁଦ୍ଧାର ପାଇଁ ସରକାର ଆବଶ୍ୟକତା ଅନୁସାରେ ତତ୍ପରତା ଦେଖାଉ ନଥିବା ଅଭିଯୋଗ ହୋଇଛି। ଓଡ଼ିଶାର ରାଷ୍ଟ୍ରଦେବତା ଶ୍ରୀଜଗନ୍ନାଥ। ଇତିହାସରୁ ଆଜି ପର୍ଯ୍ୟନ୍ତ ଏହି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ସମେତ ଚତୁର୍ଦ୍ଧାମୂର୍ତ୍ତିଙ୍କ ଉପାସନା ପଦ୍ଧତି ସମସ୍ତଙ୍କ ମନରେ ସୃଷ୍ଟି କରି ଆସିଛି ଅଜସ୍ର ବିସ୍ମୟ ଓ ଉନ୍ମାଦନା। ରହସ୍ୟର ପ୍ରସ୍ଥ ପ୍ରସ୍ଥ ଘେରରେ ଏହି ଚତୁର୍ଦ୍ଧାମୂର୍ତ୍ତିଙ୍କର ମୂଳ, ଉଦ୍ଭବ, ବିକାଶ ଓ ବିବର୍ତ୍ତନ ପ୍ରତିଟି ଗବେଷକ ଓ ଜିଜ୍ଞାସୁ ମନରେ ସୃଷ୍ଟି କରେ ବୁଢ଼ିଆଣୀ ଜାଲ ପରି ଗୋଲକଧନ୍ଦା। ଏହି ଠାକୁର ମାନଙ୍କର ଆକାର ପ୍ରକାର ଓ ପୂଜାପଦ୍ଧତି, ବିରୋଧାଭାସ ଓ ସମନ୍ୱୟର ଯେତେ ମୀମାଂସା କଲେ ମଧ୍ୟ ତାହା ସ୍ପଷ୍ଟ ହୁଏନାହିଁ। ଜଗନ୍ନାଥ ଉକ୍ତିରେ ଠାକୁର, ସେ ରୂପ ହୋଇ ମଧ୍ୟ ଅରୂପ, ଆକାର ପରି ଦିଶୁଥିଲେ ମଧ୍ୟ ନିରାକାର। ସେ ନିର୍ଗୁଣ ହୋଇ ବି ସଗୁଣ। ସେ ଶୂନ୍ୟ ଶୂନ୍ୟ ମହାଶୂନ୍ୟ ହୋଇ ମଧ୍ୟ ମହାକାରୁଣ୍ୟ। ତେଣୁ ସେ କରୁଣାସାଗର, କୃପାସିନ୍ଧୁ।

+ଭୁବନେଶ୍ୱର
ମୋ : ୯୯୩୭୬୫୮୩୬୨



# ନିର୍ବାଚନ କମିଶନ ଓ ରାଜନୈତିକ ଦଳର ବିଭାଜନ

**ଗୋପାଳ ମହାପାତ୍ର**

> ରାଜନୈତିକ ଦଳମାନେ ନିଜ ନିଜର ନିର୍ବାଚନୀ ଘୋଷଣାପତ୍ର ଅଆଧାରରେ ଜିତିଥାନ୍ତି। କିନ୍ତୁ ଘୋଷଣାପତ୍ର ସମ୍ବିଧାନ ଅନୁରୁପ ହେବା ଆବଶ୍ୟକ ରାଜନୈତିକ ଦଳ ମାନଙ୍କୁ ସମ୍ବିଧାନର ସର୍ତ୍ତ ଅନୁସାରେ ନିଜର ସଂରଚନା କରିବାକୁ ପଡିଥାଏ। ଏପରିକି ଗଣତନ୍ତ୍ର ପ୍ରତି ସମର୍ପିତ ହେବାକୁ ପଡିଥାଏ। ରାଜନୈତିକ ଦଳ ମାନଙ୍କ ଏଭଳି ବ୍ୟବସ୍ଥା ବାବଦରେ ଦେଖିବା ତର୍ଜମା କରିବାର ଅଧିକାର ସମ୍ବିଧାନ ନିର୍ବାଚନ କମିଶନଙ୍କୁ ଦେଇଛି। ନିର୍ବାଚନ କମିଶନ ନିରପେକ୍ଷ ରହିବା ସହ ଦଳଙ୍କୁ ସମାନ ବ୍ୟବହାର ଓ ନ୍ୟାୟ ପ୍ରଦାନ କରିବେ ବୋଲି ସମ୍ବିଧାନରେ ଉଲ୍ଲେଖ ରହିଛି।

ଭାରତର ସାମ୍ବିଧାନିକ ପ୍ରଶାସନିକ ବ୍ୟବସ୍ଥା ରାଜନୈତିକ ଦଳମାନଙ୍କ ସଂରଚନାତ୍ମକ ଢାଞ୍ଚା ଉପରେ ହିଁ ଠିଆ ହୋଇଛି। ଏହି କାରଣରୁ ବିଭିନ୍ନ ରାଜନୈତିକ ଦଳ ପ୍ରତି ୫ ବର୍ଷରେ ହେଉଥିବା ନିର୍ବାଚନରେ ଭାଗ ନେଇଥାନ୍ତି ଓ ସଂଖ୍ୟାଗରିଷ୍ଠ ଦଳ ସରକାର ଗଠନ କରି ସମ୍ବିଧାନ ଅନୁସାରେ ଶାସନ ବ୍ୟବସ୍ଥା ଚଳାଇଥାନ୍ତି।

ରାଜନୈତିକ ଦଳମାନେ ନିଜ ନିଜର ନିର୍ବାଚନୀ ଘୋଷଣାପତ୍ର ଅଆଧାରରେ ଜିତିଥାନ୍ତି। କିନ୍ତୁ ଘୋଷଣାପତ୍ର ସମ୍ବିଧାନ ଅନୁରୁପ ହେବା ଆବଶ୍ୟକ ରାଜନୈତିକ ଦଳ ମାନଙ୍କୁ ସମ୍ବିଧାନର ସର୍ତ୍ତ ଅନୁସାରେ ନିଜର ସଂରଚନା କରିବାକୁ ପଡିଥାଏ। ଏପରିକି ଗଣତନ୍ତ୍ର ପ୍ରତି ସମର୍ପିତ ହେବାକୁ ପଡିଥାଏ। ରାଜନୈତିକ ଦଳ ମାନଙ୍କ ଏଭଳି ବ୍ୟବସ୍ଥା ବାବଦରେ ଦେଖିବା ତର୍ଜମା କରିବାର ଅଧିକାର ସମ୍ବିଧାନ ନିର୍ବାଚନ କମିଶନଙ୍କୁ ଦେଇଛି। ନିର୍ବାଚନ କମିଶନ ନିରପେକ୍ଷ ରହିବା ସହ ଦଳଙ୍କୁ ସମାନ ବ୍ୟବହାର ଓ ନ୍ୟାୟ ପ୍ରଦାନ କରିବେ ବୋଲି ସମ୍ବିଧାନରେ ଉଲ୍ଲେଖ ରହିଛି। ଏଥିପାଇଁ ସମ୍ବିଧାନ ନିର୍ବାଚନ କମିଶନଙ୍କୁ ନ୍ୟାୟିକ ଅଧିକାର ମଧ୍ୟ ଦେଇଛି, ଫଳରେ ରାଜନୈତିକ ଦଳ ମାନଙ୍କର ଆଭ୍ୟନ୍ତରୀଣ ବିବାଦ ବା ଅନ୍ୟ ବିବାଦ ସମୟରେ ନିର୍ବାଚନ କମିଶନ ସମ୍ବିଧାନ ବ୍ୟବସ୍ଥା ଅନୁରୁପ ପଦକ୍ଷେପ ନେଇପାରିବେ।

ଦେଶ ସ୍ୱାଧିନ ହେବା ପରଠାରୁ ରାଜନୈତିକ ଦଳ ଗୁଡିକର ଯେ ଆଭ୍ୟନ୍ତରୀଣ ବିବାଦ ନାହିଁ ସେ କଥା ନୁହେଁ। କମ୍ୟୁନିଷ୍ଟ ପାର୍ଟି ଓ ଜନସଂଘ (ବର୍ତ୍ତମାନର ବିଜେପି)କୁ ଛାଡି ଦେଲେ ପ୍ରାୟତଃ ଅନ୍ୟ ସବୁ ଦଳର ଜନ୍ମ ଦେଶକୁ ସ୍ୱାଧିନ କରିବା କଂଗ୍ରେସ ଦଳର ଗର୍ଭରୁହିଁ ହୋଇଛି। ପ୍ରଥମେ କଂଗ୍ରେସ ଦଳର ଡ଼କ୍ଟର ରାମ ମନୋହର ଲୋହିଆ, ଜୟପ୍ରକାଶ ନାରାୟଣ, ଆଚାର୍ଯ୍ୟ କୃପାଳିନୀ ଓ ଆଚାର୍ଯ୍ୟ ନରେନ୍ଦ୍ର ଦେବଙ୍କ ଭଳି ଗାନ୍ଧୀବାଦୀ ନେତା ସମାଜବାଦୀ ଗୋଷ୍ଠୀ ଗଠନ କରିଥିଲେ। ଏହି ନେତା ମାନଙ୍କ ସମାଜବାଦୀ ପାର୍ଟି ଗଠନ ହେବାର କିଛିଦିନ ପରେ ତିନି ଭାଗରେ ବିଭାଜିତ ହୋଇଥିଲା। ରାମ ମନୋହର ଲୋହିଆଙ୍କ ନେତୃତ୍ୱରେ ସଂଯୁକ୍ତ ସୋମାଲିଷ୍ଟ ପାର୍ଟି ଓ ଆଚାର୍ଯ୍ୟ ନରେନ୍ଦ୍ର ଦେବଙ୍କ ନେତୃତ୍ୱରେ ପ୍ରଜା ସମାଜବାଦୀ ପାର୍ଟି ଏବଂ ଆଚାର୍ଯ୍ୟ କୃପାଳିନୀଙ୍କ ନେତୃତ୍ୱରେ ଗଠିତ ହୋଇଥିଲା ପ୍ରଜା ମଜଦୁର ପାର୍ଟି। ଏସବୁ ଦଳକୁ ନିର୍ବାଚନ କମିଶନ ଭିନ୍ନ ଭିନ୍ନ ନାମ ଦେଇ ଭିନ୍ନ ଭିନ୍ନ ନିର୍ବାଚନ ସଙ୍କେତ ମଧ୍ୟ ଦେଇଥିଲେ। ୧୯୬୪ରେ କମ୍ୟୁନିଷ୍ଟ ପାର୍ଟିର ବିଭାଜନ ହେଲା। ଗୋଟିଏ ହେଲା ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଓ ଅନ୍ୟଟି ହେଲା କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ)। ନିର୍ବାଚନ କମିଶନ ମଧ୍ୟ ଦୁଇଦଳଙ୍କୁ ଅଲଗା ଅଲଗା ନିର୍ବାଚନ ଚିହ୍ନ ଆବଣ୍ଟନ କଲେ। କିନ୍ତୁ ଭାରତ ଇତିହାସରେ ସବୁଠାରୁ ବଡ଼ ଦଳୀୟ ବିଭାଜନ ୧୯୬୯ରେ ହୋଇଥିଲା। ସେତେବେଳେ ଥିଲା ଅଖିଳ ଭାରତୀୟ ରାଷ୍ଟ୍ରୀୟ କଂଗ୍ରେସ। ସେତେବେଳେ କଂଗ୍ରେସ ଶାସନରେ ଥିଲା ଓ ପ୍ରଧାନମନ୍ତ୍ରୀ ଥିଲେ ଶ୍ରୀମତୀ ଇନ୍ଦିରା ଗାନ୍ଧୀ। ଇନ୍ଦିରାଗାନ୍ଧୀ ସେହିବର୍ଷ ଦଳ ପକ୍ଷରୁ ରାଷ୍ଟ୍ରପତି ପଦ ପାଇଁ ତତ୍ ?କାଳୀନ ଉପରାଷ୍ଟ୍ରପତି ଭି.ଭି. ଗିରିଙ୍କୁ ସମର୍ଥନ କରିଥିଲେ। ଦଳ କିନ୍ତୁ ଅନ୍ୟ ଜଣଙ୍କୁ ରାଷ୍ଟ୍ରପତି କରିବାପାଇଁ ଚାହୁଁଥିଲା। ଇନ୍ଦିରାଗାନ୍ଧୀ ଭି.ମି. ଗିରିଙ୍କୁ ସମର୍ଥନ କରିବା କାରଣରୁ କଂଗ୍ରେସ ପାର୍ଟିର କାର୍ଯ୍ୟକାରୀ କମିଟି ଇନ୍ଦିରା ଗାନ୍ଧୀଙ୍କୁ ଦଳର ପ୍ରାଥମିକ ସଦସ୍ୟ ପଦରୁ ନିଲମ୍ବିତ କରିଥିଲେ। ଫଳରେ କଂଗ୍ରେସ ଦଳରନେତା ଓ କର୍ମୀ ଦୁଇ ଗୋଷ୍ଠୀରେ ବିଭାଜିତ ହୋଇଥିଲେ ଏବଂ ଦୁଇ ଗୋଷ୍ଠୀ ନିଜକୁ ଅସଲ କଂଗ୍ରେସ ବୋଲି ଦାବି କଲେ। ସେତେବେଳେ ଦେଶର ମୁଖ୍ୟ ନିର୍ବାଚନ କମିଶନର ଥିଲେ ଏସ୍.ପି ସେନବର୍ମା। ସେନବର୍ମା ଉଭୟ ଗୋଷ୍ଠୀଙ୍କ ଯୁକ୍ତିକୁ ଶୁଣିବା ପରେ କଂଗ୍ରେସ ଦଳର ଚିହ୍ନ ଯୋଡି ବଳଦ ଉପରେ ପ୍ରତିବନ୍ଧ ଲଗାଇ ଦେଲେ ଏବଂ ଦୁଇ ଗୋଷ୍ଠୀଙ୍କୁ ନିଜ ନିଜର ଦଳର ନାମ ଓ ଚିହ୍ନ ବାଛିବା ପାଇଁ ପରାମର୍ଶ ଦେଲେ।

ସେତେବେଳେ ଇନ୍ଦିରାଗାନ୍ଧୀଙ୍କ କଂଗ୍ରେସ ଗୋଷ୍ଠୀର ଅଧ୍ୟକ୍ଷ ଥିଲେ ଆର ସଞ୍ଜିବୈୟା ଏଣୁ ନିର୍ବାଚନ ତାଙ୍କ ଗୋଷ୍ଠୀର ନାମ ରଖିଥିଲେ କଂଗ୍ରେସ (ଆର) ଏବଂ କଂଗ୍ରେସ କାର୍ଯ୍ୟକାରୀ କମିଟି ଗୋଷ୍ଠୀଙ୍କୁ କଂଗ୍ରେସ (ସଂଗଠନ) ନାମ ଦେଇଥିଲେ। ସେହିଭଳି କଂଗ୍ରେସ (ଆର)କୁ ଗାଇବାଛୁରୀ ଚିହ୍ନ ଦିଆଯାଇଥିବା ବେଳେ କଂଗ୍ରେସ (ସଂଗଠନ)କୁ ଚରଖା କାଟୁଥିବା ମହିଳା ଚିହ୍ନ ଦେଇଥିଲେ ନିର୍ବାଚନ କମିଶନ। ଲୋକେ ମଧ୍ୟ ଏ ଦୁଇ ଦଳକୁ ନୂଆ କଂଗ୍ରେସ ଏବଂ ପୁରୁଣା କଂଗ୍ରେସ ବୋଲି କହିଲେ । ନିର୍ବାଚନ କମିଶନର ସେନବର୍ମା ପୁର୍ବରୁ କଂଗ୍ରେସ କାର୍ଯ୍ୟାଳୟକୁ କଂଗ୍ରେସ (ସଂଗଠନ)କୁ ଦେଇଥିଲେ। ଏଣୁ ଦଳର ପୁରୁଣା ସମ୍ପତ୍ତି ମଧ୍ୟ କଂଗ୍ରେସ (ସଂଗଠନ) ହାତକୁ ଚାଲିଯାଇଥିଲା। କିନ୍ତୁ କାଳାନ୍ତରରେ କଂଗ୍ରେସ (ସଂଗଠନ) ବା ପୁରୁଣା କଂଗ୍ରେସ ତାର ସ୍ଥିତି ହରାଇଥିଲା ଓ କଂଗ୍ରେସ (ଆର) ବା ନୂଆ କଂଗ୍ରେସ ହିଁ ମୂଳ କଂଗ୍ରେସ ଭାବରେ ବିକଶିତ ହୋଇଥିଲା। ଏସବୁ ଇନ୍ଦିରା ଗାନ୍ଧୀଙ୍କ ବ୍ୟକ୍ତିତ୍ୱର ଚମତ୍କାର ଥିଲା। ୧୯୭୭ରେ ଜରୁରୀକାଳୀନ ପରିସ୍ଥିତି ପରେ ଇନ୍ଦିରାଙ୍କ କଂଗ୍ରେସ ପୁଣି ବିଭାଜିତ ହେଲା। ସେତେବେଳେ କଂଗ୍ରେସ ଦଳର କାର୍ଯ୍ୟକାରି କମିଟି ୧୯୬୯ ଭଳି ଇନ୍ଦିରାଙ୍କୁ ଦଳର ପ୍ରାଥମିକ ସଦସ୍ୟ ପଦରୁ ନିଲମ୍ବିତ କରିଦେଲେ। ଇନ୍ଦିରା ଗାନ୍ଧୀ ଓ ତାଙ୍କୁ ସମର୍ଥନ କରୁଥିବା ଗୋଷ୍ଠୀ ନିଜକୁ ଅସଲି କଂଗ୍ରେସ ବୋଲି ଦାବି କରିଥିଲେ ଓ ମାମଲା ନିର୍ବାଚନ କମିଶନଙ୍କ ନିକଟରେ ପହଞ୍ଚିଲା। ନିର୍ବାଚନ କମିଶନ ପୁର୍ବରୁ ସେଇ ୧୯୬୯ ନୀତିକୁ ଆପଣେଇ ଇନ୍ଦିରାଙ୍କ ଗୋଷ୍ଠୀକୁ କଂଗ୍ରେସ (ଇନ୍ଦିରା) ଏବଂ ଅନ୍ୟ ଗୋଷ୍ଠୀଙ୍କୁ କଂଗ୍ରେସ (ଅର୍ସ)ର ନାମ ଦେଇଥିଲେ। ନିର୍ବାଚନ କମିଶନ କଂଗ୍ରେସର ଗାଇବାଛୁରୀ ଚିହ୍ନକୁ ରଦ୍ଦ କରିଦେଇ ଇନ୍ଦିରାଙ୍କ କଂଗ୍ରେସ ଗୋଷ୍ଠୀଙ୍କୁ ହାତ ଚିହ୍ନ ଆବଣ୍ଟନ କରିଥିଲେ। କାଳାନ୍ତରରେ କଂଗ୍ରେସ (ଅର୍ସ) ମଧ୍ୟ ସ୍ଥିତି ହରାଇଥିଲା ଓ ସେ ଦଳର ନେତା କଂଗ୍ରେସ (ଆଇ)ରେ ସାମିଲ ହୋଇଥିଲେ।

ବର୍ତ୍ତମାନ ପଶ୍ଚିମବଂଗର ମୁଖ୍ୟ ରାଜନୈତିକ ଦଳ ତୃଣମୂଳ କଂଗ୍ରେସର ବିଭାଜନ ମାମଲ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ନିକଟରେ ପହଞ୍ଚିଛି। ଜ୍ଞାନେଶ କୁମାରଙ୍କ ଆଗରେ ପୁର୍ବରୁ ବିଭାଜନର ନଜିର ରହିଛି ଏବଂ ବିଗତବର୍ଷ ମହାରାଷ୍ଟ୍ରର ଆଞ୍ଚଳିକ ଦଳ ଶିବସେନାର ବିଭାଜନ କଥାମଧ ରହିଛି। ଗତ ବର୍ଷ ଶିବସେନା ବିଭାଜିତ ହେବା ପରେ ମୂଳ ଶିବସେନାରୁ ଅଲଗା ହୋଇଥିବା ଅଧିକ ସଂଖ୍ୟକ ବିଧାୟକଙ୍କ ଗୋଷ୍ଠୀକୁ ନିର୍ବାଚନ କମିଶନର ଜ୍ଞାନେଶ କୁମାର ଅସଲ ଶିବସେନା ବୋଲି ଗ୍ରହଣ କରିଥିଲେ ଓ ଶିବସେନାର ଦଳୀୟ ଚିହ୍ନକୁ ମଧ୍ୟ ସେମାନଙ୍କୁ ଆବଣ୍ଟିତ ବର୍ଗଦେଇଥିଲେ। ସେହିଭଳି ଶରଦ ପାଓ୍ୱାରଙ୍କ ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟିଂର ବିଭାଜନ ପରେ ଏକାଭଳି ନିଷ୍ପତ୍ତି ନେଇଥିଲେ ଜ୍ଞାନେଶ କୁମାର। ନିର୍ବାଚନ କମିଶନଙ୍କ ଏଭଳି ନିଷ୍ପତ୍ତିକୁ ସୁପ୍ରିମ କୋର୍ଟରେ ଚାଲେଞ୍ଜ କରାଯାଇଛି। କିନ୍ତୁ ତୃଣମୂଳ କଂଗ୍ରେସ କ୍ଷେତ୍ରରେ ନିର୍ବାଚନ କମିଶନର ୧୯୬୯ ଓ ୧୯୭୭ର ଉଦାହରଣକୁ ଗ୍ରହଣ କରି ତୃଣମୂଳ କଂଗ୍ରେସ ଦଳର ନିର୍ବାଚନ ଚିହ୍ନକୁ ନିଷିଦ୍ଧ କରିଛନ୍ତି ଓ ତୃଣମୂଳ କଂଗ୍ରେସର ଦୁଇ ଗୋଷ୍ଠୀଙ୍କୁ ଭିନ୍ନ ଭିନ୍ନ ନାମ ଓ ନିର୍ବାଚନ ଚିହ୍ନ ବାଛିବା ପାଇଁ କହିଛନ୍ତି।

ଚଳିତ ବର୍ଷର ମେ ମାସରେ ପଶ୍ଚିମ ବଂଗରେ ବିଧାନସଭା ନିର୍ବାଚନ ଶେଷ ହେବା ପରେ ତୃଣମୂଳ କଂଗ୍ରେସର ବିଭାଜନ ଘଟିଛି। ବିଜୟୀ ବିଧାୟକଙ୍କ ମଧ୍ୟରୁ ଅଧିକ ସଂଖ୍ୟକ ବିଧାୟକ ବିଦ୍ରୋହକରି ବିଧାୟକ ରତବ୍ରତ ବାନାର୍ଜୀଙ୍କ ନେତୃତ୍ୱରେ ଭିନ୍ନଗୋଷ୍ଠୀ କରି ନିଜକୁ ଅସଲି ତୃଣମୂଳ କଂଗ୍ରେସ ବୋଲି ଦାବି କରୁଛନ୍ତି। ଏହି କାରଣରୁ ବିଧାନସଭାରେ ବିରୋଧି ଦଳ ନେତା ପଦ ରତବ୍ରତ ବାନାର୍ଜୀଙ୍କ ଗୋଷ୍ଠୀକୁ ମିଳିଛି। ଏହାପରେ ତୃଣମୂଳ କଂଗ୍ରେସର ୨୯ ସାଂସଦଙ୍କ ମଧ୍ୟରୁ ୨୦ ସାଂସଦ ମମତାଙ୍କ ଠାରୁ ଅଲଗା ହୋଇ ଏକ ଅନାମଧେୟ ରାଜନୈତିକ ଦଳର ସଦସ୍ୟ ହୋଇଛନ୍ତି। ଆସନ୍ତା ଅକ୍ଟୋବର ମାସ ୬ତାରିଖରେ ପଶ୍ଚିମବଂଗର ଦୁଇଟି ବିଧାନସଭା ଆସନ ପାଇଁ ଉପନିର୍ବାଚନ ହେବ। ଏଣୁ ଉପନିର୍ବାଚନ ପୁର୍ବରୁ ଦୁଇଗୋଷ୍ଠୀଙ୍କ ପରିଚୟ କ'ଣ ହେବ ସେ କଥା ସ୍ପଷ୍ଟ ହୋଇଯିବ। ଏଣୁ ଏବେ ନିର୍ବାଚନ କମିଶନ ତୃଣମୂଳ କଂଗ୍ରେସକୁ ନେଇ ଯେଉଁ ମଧ୍ୟବର୍ତ୍ତୀ କାଳୀନ ଆଦେଶ ଦେଇଛନ୍ତି ତାହା ଅସ୍ଥାୟୀ ଅଟେ।

ରାମଚନ୍ଦ୍ରପୁର, ରଣପୁର
ମୋ:୯୪୩୮୪୮୫୦୯୪






## ଆକାଶରେ ଲେଖା ବୀରଗାଥା

**ପର୍ଶୁରାମ ଦାସ**

ନୀଳ ଆକାଶର ଛାତିରେ
ହଠାତ୍ ଘନିଳା ବିପଦ,
ମୃତ୍ୟୁ ଠିଆ ଥିଲା ସାମ୍ନାରେ,
ତଥାପି ଅଟଳ କର୍ତ୍ତବ୍ୟବୋଧ।
ରକ୍ତାକ୍ତ ଦେହ,
ଆଖିରେ ଯନ୍ତ୍ରଣା,
ତଥାପି ମନରେ ଥିଲା
ଶତ ଜୀବନର ପ୍ରାର୍ଥନା।
ନିଜ ଜୀବନ ନୁହେଁ,
ପ୍ରଥମେ ଭାବିଲେ ଅନ୍ୟକୁ—
ମୃତ୍ୟୁକୁ ଆଖିରେ ଆଖି ରଖି
ବଞ୍ଚାଇଲେ ଅସଂଖ୍ୟ ଜୀବନକୁ।
ପାଇଲଟ୍ର ପୋଷାକ ଭିତରେ
ଥିଲା ମହାନ ଏକ ମଣିଷ,
କର୍ତ୍ତବ୍ୟର ପଥେ ଚାଲି
ହୋଇଗଲେ ଅମର ଆଦର୍ଶ।
ଆକାଶ ଆଜି ବି ସାକ୍ଷୀ,
ପବନ ଗାଉଛି ତାଙ୍କ ଗାଥା—
ସ୍ମିତଙ୍କ ସାହସ ହୋଇ ରହିବ
ମାନବିକତାର ଅମର କବିତା।

+ବରିଷ୍ଠ ବିଜ୍ଞାନ ଶିକ୍ଷକ, ତାରାପୁର
ସରକାରୀ ଉଚ୍ଚ ବିଦ୍ୟାଳୟ,
ଭୋଗରାଇ, ବାଲେଶ୍ୱର
ମୋ:୯୩୪୮୬୯୭୪୦୪

## ଆସି ଫେରିଛି ଭୋଦୁଅ ମାସ

**ଧ୍ରୁବ ଚରଣ ଘିବେଲା**

ଆସି ଫେରିଛି ଭୋଦୁଅ ମାସ
ଆଦ୍ୟ ଶରତ କାଳ
ଖୁଦୁରୁକୁଣୀ ପୂଜା ହୁଏଟି
ଭୋଦୁଅ ରବିବାର ।
ବରଷା ନାହିଁ କାଦୁଅ ନାହିଁ
ଦିଶେ ସ୍ୱଚ୍ଛତା ଛାପ
ଦେଖାଇ ଛଇ ସବୁଠି ଥାଇ
ହସେ କାଶ ଅଳପ ।
ଭୁଦ ମାସରେ ଗଣେଶ ପୂଜା
ଶୁକ୍ଳ ଚତୁର୍ଥୀ ତିଥି
ସ୍କୁଲରେ ପିଲା ପୂଜାର ମଜା
ସଭିଏଁ ନେଇଥାନ୍ତି ।
ଭୁଦ ପଞ୍ଚମୀ ନୂଆଖାଇର
ଗଣ ପରବ ସେଇ
ଗାଆଁରେ ସଭେ ନୂଆ ଖାଆନ୍ତି
ପୀଠେ ନୂଆ ଲଗେଇ ।
ଭୁଦ ସଂକ୍ରାନ୍ତି ପୁଣ୍ୟ ସେ ତିଥି
ବିଶ୍ୱକର୍ମାଙ୍କ ପୂଜା
ପାର୍ବଣ ଋତୁ ପାଖେଇ ଆସେ
ଆସୁଛି ଦୁର୍ଗାପୂଜା ।
ଆକାଶ ଦେଶେ ବଉଦ ଭାସେ
ଧଳା ନଅର ତୋଳି
ରାତିରେ ଜହ୍ନ ସୁନ୍ଦର ଲାଗେ
ଗଲେ ଆକାଶେ ଚାଲି ।
ଭୋଦୁଅ ଖରା ଆଉ କି ହୁଏ
ଭୋଦୁଅ ଗଲା ଚାଲି
ଅଶିଣ ଆସି କାକର ଭେଟି
ଦେବ ରାତିରେ ଢାଳି ।
ଫେରିସାରିଛି ଭୋଦୁଅ ମାସ
ପୂର୍ଣ୍ଣମୀରେ ଶେଷ
ଭୋଦୁଅ ପରେ ଧରା ଛୁଇଁଛି
ଆସି ଅଶିଣ ମାସ ।

+ବଉଦରାଜ-୭୬୨୦୧୪,
ଜି. ବୌଦ୍ଧ
ମୋ. ୯୪୩୭୪୭୮୪୬୬

## ପେନ୍ଥାଏ ପ୍ରୀତି ଫୁଲ (୨)
### ସୁଜିତ୍ କୁମାର ମିଶ୍ର



(୧)
ଅନ୍ଧାରରେ ଥାଏ ଅବା ଅନ୍ଧତ୍ୱରେ
ଜ୍ୟୋସ୍ନାକୁ ପାରେ ମୁଁ ଛୁଇଁ,
ମୋତେ ତେଣୁ ଲାଗେ ଜହ୍ନ ପରି ଜାଣ
ତୁମ ଓଠ କଳାଜାଇ ।
(୨)
ହସଭରା ତୁମ କାଶତଣ୍ଡୀ ଓଠେ
ହୋଇଛି ଭାବରେ ବନ୍ଦୀ,
ତେଣୁ ଏ ଛାତିକୁ ପ୍ରୀତି ଦଉଡିରେ
ପାରୁଛି ନିତି ମୁଁ ବାନ୍ଧି ।
(୩)
କୋଶେ ଦୂରେ ଥାଅ ଅବା ପାଶେ ଥାଅ
ତୁମେ ମୋର ଅନୁଭବ,
ତୁମ ବିନା ଜାଣ ପ୍ରୀତି ବଗିଚାରେ
ପାରିଜାତ ଅସମ୍ଭବ ।
(୪)
ଅଳ୍ପ ହେଉ ଅବା ଅନଳ୍ପ ଭାବନା
ତୁମେ ମୋର ପ୍ରୀତିଗପ,
ସେ ଗଳ୍ପରେ ଥିବା ପ୍ରତିଟି ଶବ୍ଦ ମୋ
ଜୀବନେ ମଧୁର ତପ ।
(୫)
ହୃଦୟ ତୁମର ଶୁଭ୍ର କାଶତଣ୍ଡୀ
ମନ ଗାଆଁ ନଈପଠା,
ସକାଳେ କି ସଞ୍ଜେ ଯେବେ ଆସ ପାଶେ
ଭାଙ୍ଗେ ମୋର ନୀରବତା ।

+ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର
ମୋ: ୭୬୮୩୮୬୭୭୪୨

## ବର୍ଷା
### ନିହାରିକା ରାୟ ବରାଳ



ବର୍ଷା ବର୍ଷୁଚି
ସାଙ୍ଗରେ ଆଣିଚି ଘଡଘଡି ଓ ବିଜୁଳି
ମୋ ବାଲକୋନୀକୁ ଲାଗି ଆସିଥିବା
ଚମ୍ପାଗଛର ପତ୍ରରେ ଶୁଭୁଚି
ବର୍ଷା ଛିଟାର ସ୍ୱର ଝଙ୍କାର
ଚମ୍ପା ଫୁଲର ବାସ୍ନା ଝରକା ଦେଇ ପଶିଆସୁଚି
ମୋ କୋଠରୀକୁ
ମୁଁ ସ୍ୱପ୍ନରେ ତିଆରୁଚି ଗୋଟେ ନକ୍ସା
ବାରୁଣୀରୁ ବାଲିବନ୍ତ ପର୍ଯ୍ୟନ୍ତ
ଯାହାସବୁ ଘଟି ସାରିଛି
ସେ ସବୁର ଗୋଟେ ଚିଠା ।

ବର୍ଷା ବର୍ଷୁଚି
ବର୍ଷା କାହିଁକି ଏମିତି ବର୍ଷେ ଯେ !
ପୃଥିବୀକୁ ସଂକୁଚିତ କରି
ଭାବନା ମାନଙ୍କୁ ନିଦରୁ ଉଠାଏ
ସ୍ମୃତି ସିନ୍ଦୁକର ତାଲା ଖୋଲି
ଅତୀତକୁ ଦରାଣ୍ଡେ
କ'ଣ ମିଳେ ତାକୁ
କିଛି ମଧୁରତା ତ କିଛି ତିକ୍ତତା
କିଛି ଶିହରଣ ତ କିଛି ସ୍ୱାବୀରପଣ
ଜାମୁକୋଳିଆ ବର୍ଷା ଟୋପା
କେବେ ବେତ ପାହାର କରେ ତ କେବେ ପଶ୍ଚିମା
ପବନରେ ମୁଣ୍ଡ
ସାଉଁଳେଇ ଚୁମାଦିଏ ।

କଳା ଘୁମୁର ବନାରଶି ପାଟପିନ୍ଧି
କେବେ ଚମ୍ପା ଗଛର ପତ୍ରରେ
ମେଘମଲ୍ହାର ଗାଏ ତ
କେବେ ବିଜୁଳିର ଚମକରେ
ନୃତ୍ୟରତା ଅଳସୀ ମୟୂରୀ ସାଜେ ।

ଆକାଶ ଓ ପୃଥିବୀ ମଝିରେ
ବର୍ଷା ହିଁ ତ ଯୋଡୁଥାଏ
ଅତୀତକୁ ବର୍ତ୍ତମାନ ଦେହେ
ଭୋଗୁଥାଏ ବିରହ ବେଦନା
ଚୂପୁଡୁ ଥାଏ ପ୍ରେମରୁ ପ୍ରତାରଣା ।

ବର୍ଷା ଏମିତି ଆସୁ ଥାଉ
ବସୁ ଥାଉ, ହସୁ ଥାଉ
ମନ ଗହିରାରେ
ତନୁମନ ପୁଲକିତ କରି
ବର୍ଷା ଆଜି ଭରିଦେଉ
ପ୍ରୀତିର ପାର୍ବଣ
ସମ୍ପର୍କର ଖାଲି କଳସୀରେ ।

+ ଅନୁରାଗ,ବି /୧୦,
ପ୍ରତିଭା ଏନକ୍ଲେଭ, ବିଜେବି ନଗର
ଭୁବନେଶ୍ୱର

## କବିଙ୍କ ଲେଖାରେ...
### ଦିବାକର ନାୟକ



କବିଙ୍କ ଲେଖାରେ କିଛି କଳପନା
କିଛି ଥାଏ ଅନୁଭୂତି
କିଛି ନିଜ କଥା ଭଳି ଲାଗୁଥାଏ
କିଛି ଲାଗୁଥାଏ ସ୍ମୃତି ।

ଯେଉଁ କବି କେବେ କରିନାହିଁ ପ୍ରେମ
ଲଭି ନାହିଁ ପ୍ରତାରଣା
ପ୍ରେମର ବାଟରେ ଅନ୍ଧ ହୋଇ ଯେବେ
ହୋଇ ନାହିଁ ବାଟବଣା ।

ସେ କାହୁଁ ଲେଖିବ ଆବେଗରେ ଭରା
ସତ ଲାଗୁଥିବା ଗୀତି...
କବିଙ୍କ ଲେଖାରେ କିଛି କଳପନା
କିଛି ଥାଏ ଅନୁଭୂତି ।

କେବେ ଲେଖାହୁଏ କିଛି ଆଖି ଦେଖା
କିଛି କାନ ଶୁଣା କଥା
କେବେ ଲହୁ ଲୁହ କୋହର କାହାଣୀ
ହୁଏ କାଳଜୟୀ ଗାଥା ।

କବିର ଜୀବନ ଗହନ ଅନ୍ଧାରେ
ଅଲିଭା ଦହନ ବତୀ
କବିଙ୍କ ଲେଖାରେ କିଛି କଳପନା
କିଛି ଥାଏ ଅନୁଭୂତି ।

+ ପାଟପୁର, କନିସି
ଗଂଜାମ: ୭୬୧୦୦୮
ମୋ: ୯୯୩୮୬ ୧୯୯୮୧

## ମହାଗୌରୀ ମାଆ ପାପନାଶିନୀ
### ଅନସୂୟା ପଣ୍ଡା



ବୃଷାରୂଢା ମାଆ ଅସୀମ ଶକ୍ତିରେ ଭୂଷିତା
ଚନ୍ଦ୍ରପରି ମୁଖମଣ୍ଡଳେ ଶୀତଳତା
ନିର୍ଲିପ୍ତ ନିର୍ବିକାର ଆସକ୍ତି ବର୍ଜିତା
ପରମଧ୍ୟାନେ ସିଦ୍ଧିପ୍ରାପ୍ତ ଅଲୌକିକ ସତ୍ତା
ଚାମେଲିର ଶୁଦ୍ଧ ଭାବନାରେ ବର୍ଣ୍ଣବିଭା
ଜାଳୁଥାଅ ବଳବତୀ ଭକ୍ତିରେ ସଳିତା ।

ମାନ ସରୋବରେ ସ୍ନାନ କର
ଶୁଭ୍ରାଙ୍ଗୀ ସୁନ୍ଦରୀ
ବ୍ରହ୍ମାଙ୍କ ଆଦେଶେ ଶୁମ୍ଭ ନିଶୁମ୍ଭ ସଂହାରି
ଦେବତାଙ୍କୁ ଉଦ୍ଧାରିଲ ଦୁଷ୍ଟ ନାଶକରି
ହେ ମହାଗୌରୀ ମାଆ ପାପନାଶିନୀ ।

ଶାକମ୍ଭରୀ ରୂପରେ ହରିଲ ଦୂର୍ଭିକ୍ଷ ସବୁରି
ସବୁଜ ଦୁଃଖର ଅବସୋସ ଅବିଧି
ପ୍ରକୃତିର ଅସୁମାରୀ ଇଚ୍ଛାପତ୍ର ସାହାନାଇ
ଅନ୍ଧାର ଦୂର କର ଆଲୋକ ବର୍ତ୍ତିକା ସାଜି ।

ମହାଦେବ ମନୋହରୀ ଶୁଦ୍ଧଭାବ ଧରି
ଦିବ୍ୟ ପ୍ରକାଶରେଶୁଭ୍ର ଶ୍ୱେତାମ୍ବରୀ
ହେ ମାଆ ତ୍ରିଶୂଳଧାରୀ ଅଶାନ୍ତି ପାପକୁ ନିବାରି
ଶବ୍ଦବ୍ରହ୍ମ ଡମ୍ବରୁ ଶୋଭିତା ଅଭୟଦାତ୍ରୀ
ବରଦ ମୁଦ୍ରାରେ ତଥାସ୍ତୁ କରଇଛାକୁ ଆମରି
ପାରିଜାତ ବିନମ୍ରତା ଭାବରେ କରୁ ଗୁହାରି
ଭୂମିଷ୍ଠ ପ୍ରଣାମ ଘେନ ମାଆ ମହାଗୌରୀ ।

+ଭୁବନେଶ୍ୱର
ମୋ: ୯୪୩୯୨୧୧୯୭୧

## କାନ ଖୋଲି ତୁମେ ଶୁଣ
### ନିରଞ୍ଜନ ସାହୁ

ତୁମେ ମୋ ମନରେ ଭରି ଦେଇଗଲ
ସରଳ ପଣିଆ ଗୁଣ
ସେହି ସରଳତା ବିପଦ ଆଣିଲା
କାନ ଖୋଲି ଟିକେ ଶୁଣ ।

ଅତି ସହଜରେ ବିଶ୍ୱାସ କରିଲି
ଶେଷରେ ମିଳିଲା ବିଷ
ତୁମକୁ କହିଲି ତୁମେ କହୁଅଛ
ଦେଖିତାହିଁ କରି ମିଶ
କେମିତି ବୁଝିବି ଗୁଣୀ ଲୋକଙ୍କର
ଏମିତି ରହିଛି ଖୁଣ ?

ଭରସା କରିଲି ସରଳ ପଣରେ
ଭସାଇ ଦେଲା ତ ସିଏ
' କାହିଁକି ଏମିତି କରିଲୁ ' କହିଲେ
ସେ ପଚାରେ ତୁହି କିଏ
କହିବ କି ତୁମେ ସରଳ ପଣିଆ
ଗୁଣ କିମ୍ବା ଏତେ ବୁଣ ?

ନାନା ପରକାରେ ନିଜର ମନକୁ
ବୁଝାଇ ଚାଲିଲି ଯେତେ
ଅବୁଝା ମନଟା ଆଉ ବୁଝିଲାନି
ବୁଝାଇବି ତାକୁ କେତେ
ତୁମରି ବୁଦ୍ଧିର ପ୍ରଂଶସା କରୁଛି
ଖାଇଛି ତୁମରି ଲୁଣ ।

କାହିଁକି ମୋହରି ମନକୁ ବୁଝାଇ
ଏମିତିଆ ଦେଇ କରି
ଠକାମୀରେ ପଡି ଠକିଗଲି ମୁହିଁ
ଭାବି ଭାବି ଯିବି ମରି
ତୁମେ ଯାହା ଦେଲ ତୁମେ ଯାହା କଲ
ଶୁଝି ପାରିବିନି ଋଣ ।

+ ନିହଲପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ -- ୭୫୯୦୧୬
ମୋ : ୯୯୩୮୭୪୧୫୮୩

## ମା 'ଆସୁଛନ୍ତି ପାର୍ବଣ ଆଣି
### ବସନ୍ତ କୁମାର ପ୍ରଧାନ



ମା' ଆସୁଛନ୍ତି ପାର୍ବଣ ଆଣି
ସଜାଇ ହେଲାଣି ଧରଣୀ ରାଣୀ ।
ଶାନ୍ତ ଶୀତଳ ବହେ ସମୀର
କାଶତଣ୍ଡି ଢାଳି ଦିଏ ଚାମର ।

ଅର୍ଘ୍ୟ ଢାଳି ଦିଏ ଗଙ୍ଗ ଶିଉଳି
ଅପରୂପ ଶୋଭା ନ ହୁଏ ଭୁଲି ।
ଶୁଭ୍ର ଝଲକରେ ଧରା ହସଇ
ନାନା ଫୁଲ ଫଳେ ଶୋଭିତ ମହୀ ।

କ୍ଷେତରେ ଶୋଭିତ ସୁନା ଫସଲ
କୃଷିଜୀବୀ ମନେ ଖୁସି ଅତୁଳ ।
ଗହିରୀ ବିଲରେ ବଗ ଗହଣ
ଶୁଭ୍ର ମେଘ ଖଣ୍ଡ ଭାସେ ଗଗନ ।

ଧରାବତରଣ କରିବେ ମାଆ
ଆନନ୍ଦରେ ନାଚି ଉଠଇ ହିଆ ।
ଦଶଭୁଜା ପୀଠେ ପାଇବେ ପୂଜା
ପୂଜା ମଣ୍ଡପର କି ସାଜସଜା !

ଦୁର୍ଗତି ନାଶିନୀ ସିଂହ ବାହିନୀ
ବିପତ୍ତି ଖଣ୍ଡିବେ ଗୁହାରି ଶୁଣି ।
କୁମାର ପୂର୍ଣ୍ଣିମା ଆସେ ଆଗକୁ
ଲକ୍ଷ୍ମୀମାତା ବିଜେ ହେବେ ଧରାକୁ ।

ପାର୍ବଣର ଋତୁ ଅଟେ ଶରତ
ମନ ହୃଦୟକୁ କରେ ପବିତ୍ର ।

+ ହରିହରପୁର, ଛେଣ୍ଡିପଦା, ଅନୁଗୁଳ

## ପ୍ରକୃତି ସୂଚନା
### ଅବିନାଶ ରଥ



ପ୍ରକୃତି ଯେବେବି ଭୟଙ୍କର ହୁଏ
ମଣିଷକୁ ଲାଗେ ଡର,
ସେତେବେଳେ ହୁଏ ବ୍ୟସ୍ତ ବିବ୍ରତ
ଖୋଜଇ ଖାଲି ଈଶ୍ୱର ।

ଭୟରୁ ମନରେ ଭକ୍ତି ଜାତ ହୁଏ
କିଛିତ ସମୟ ପାଇଁ,
ଭୟ ହଟିଗଲେ ଭକ୍ତି ହଜିଯାଏ
ଆଉ କିଛି ଦିଶେ ନାହିଁ ।

ଚେଇଁକି ଶୋଇଲେ କିଏ ଉଠାଇବ
ନିଶ୍ୱାସକୁ ଏଠି ବିଶ୍ୱାସତ ନାହିଁ
ସବୁ ଲୋକ ଜାଣିଥାଏ ।

ମିଛ ମାୟା ମୋହେ ଭୁଲି ଯାଇଥାଏ
ଯିବାବେଳେ ନେବ ନାହିଁ,
ତଥାପି ଅମର ହୋଇଗଲା ପରି
ଲାଗିଥାଏ ତାହା ପାଇଁ ।

ଜନମ ହେଇଛି ମରଣ ନିଶ୍ଚିତ
ଭଲକି ଜାଣିଛି ସିଏ,
ମାନସ ପଟରୁ ମରଣକୁ ଭୁଲି
ଅସତ୍ୟ ପଛରେ ଯାଏ ।

କର୍ମକ୍ଷେତ୍ର ଅଟେ କରିବାକୁ ହେବ
ବାଟ ଆଉ କିଛି ନାହିଁ,
କିକର୍ମ କରିବୁ ଆସିଅଛୁ ଏଠି
ଅନ୍ୟଥା କରିବୁ କାହିଁ ।

ବୟସ ବଢିଲେ ହୁଏ ସେହି ଚିନ୍ତା
ଜପିବାକୁ ହେବ ନାମ,
ଆଉ ସେତେବେଳେ ସମୟ ହୁଏନା
ବ୍ୟଥା ହୋଇଯାଏ ଜନ୍ମ ।

ପ୍ରକୃତି ତାହାର ସୂଚନା ଦିଅଇ
ଏବେଠାରୁ ଜଗିଯାଅ,
ପ୍ରଭୁଙ୍କୁ ଯୋଡ଼ିକି ନିଜର କର୍ମରେ
ସମର୍ପଣ କରି ଦିଅ ।

+ ଶିବାଜୀ ନଗର, କଟକ
ମୋ: ୯୪୩୭୦୩୭୨୮୦

## କାଶତଣ୍ଡି
### ସୁହଂସ ଭୋଇ



ଶରତ ରାତିର ଜହ୍ନ ଆଲୁଅରେ
ନଈ ପରି ଲାଗେ ସତେ
ଘଡିକୁ ଘଡିଏ ଶୃଙ୍ଖଳା ସୁଅରେ
ଲହଡି ଭାଙ୍ଗୁଛି କେତେ ।
ଦେହ ତା' ପତଳୀ ଭାରି ସୁକୁମାରୀ
ହସରୁ ଝରୁଛି ମହୁ
ଭୋଦୁଅ ଗାଆଁର ରୂପା କନିଆଁ ସେ
ଲାଜକୁରୀ ନୂଆବୋହୂ ।
ସରୁ ପାଦେ ତାର ପଟୁଆ ମାଟିର
ଲାଗିଛି ଅଳତା ଧାରେ
ତା ମୁଖକମଳ ସୁଷମାକୁ ଦେଖି
ନୀଳ ଆକାଶ ବି ଝୁରେ ।
ନାଚି କୁଦି ଧାଇଁ ଭଉଁରି ଖେଳୁଛି
ଚଗଲା ପବନ ସାଥେ
ପଡୁଛି ଉଠୁଛି ପୁଣି ସେ ହସୁଛି
ଖୁସିବାସେ ଦିନ ବିତେ ।
ଚହଟଚିକଣ ତୃଣ କାଶତଣ୍ଡି
ଅବସାଦ ନାହିଁ ଟିକେ
ଥିବ ଯଦି କିଛି ଅକୁହା ବେଦନା
ଛାତିତଳେ ତାକୁ ଯାକେ ।
ହସି ହସି ଆସେ ବରଷକେ ଥରେ
ଶରତର ଅବକାଶେ
ଅଳପ ଆୟୁଷ ବୋଲି ଲେଖା ତାର
ଫେରି ଯାଏ ଭାଗ୍ୟ ଦୋଷେ ।

+ ପହଣ୍ଡି, ବିଜେପୁର ବରଗଡ଼
ମୋ: ୯୪୩୭୫୨୨୪୫୫

## କିଏ ହେବ କି ତାହାର ସରି ?
### ପ୍ରାର୍ଥନା ଦାସ୍



କଥା ଆଉ କାହାଣୀ କହୁଥିବା ସହରଟିଏ
ଭାରି ସହଜରେ ଚିହ୍ନା ଅଚିହ୍ନାଙ୍କୁ
ନିଜର କରିନିଏ..
କଳ୍ପନାରୁ ଆରମ୍ଭ ହେଇ
କରିସ୍ମାରେ ଶେଷ ହୁଏ
କେବେ କଟକ ଷ୍ଟେସନରୁ ଆରମ୍ଭ
ହୋଇଥିବା ସ୍ୱପ୍ନ କ୍ଲକ୍ ଟାୱାର
ପାଖେ ଅଟକି ଯାଏ....
ତ ଆଉ କେବେ ମହାନଦୀ
କୂଳ ବଞ୍ଚିବା ଶିଖାଏ....
ଏଠି ପବନ ବି କହେ କଥା
ଏଠି ମାଟି ଗାଏ ବୀରପୁରୁଷଙ୍କ ଗାଥା...
ଯାର ଯାତ୍ରା ବିଶ୍ୱପ୍ରସିଦ୍ଧ ବାଲି ଯାତରା
ଏଠି ଶ୍ରେଷ୍ଠ ମୂଳମନ୍ତ୍ର ଭାଇଚାରା....
କଟକ କେବଳ ନୁହେଁ ସହର
ସ୍ନେହ, ମମତା, ଆବେଗର ଗନ୍ତାଘର....
ସଂଗୀତ ହେଉକି ସଂସ୍କୃତି
ବିଶ୍ୱ ପରିଚିତ କଟକ କଳାକୃତି....
କେବେ କୁଳୁକୁଳ ଗାଏ ମହାନଦୀ
ବାରବାଟୀ ବଜାଏ ବାଜା
ହାଇକୋର୍ଟ ପାଖେ ସମ୍ପର୍କ ଚିହ୍ନନ୍ତି
ମନ କିଣେ ଦଶହରା ସାଜସଜ୍ଜା...
ପାଟି ପେଟ କଥା ବୁଝେ ଦହିବରା
ସଭିଙ୍କ ପସନ୍ଦ ଭାରି...
ସବୁଠୁ ସୁନ୍ଦର ମୋ କଟକ ସହର
କିଏ ହେବ କି ତାହାର ସରି ?

+ ଯାଜପୁର

## ଦୁତିଆ ଓଷାଟି ସାର
### ଜୟନ୍ତ କୁମାର ମଲ୍ଲିକ୍

ଓଡ଼ିଆ ଘରର ଓଷା ବ୍ରତ ମଧ୍ୟେ
ଦୁତିଆ ଓଷାଟି ସାର ।
ଏହି ଓଷା ପାଇଁ ସଭିଙ୍କ ଘରକୁ
ଆସଇ ଦୁତିଆ ଭାର-

ଅତି ନିଷ୍ଠା କାଷ୍ଠା ଭିତରେ ସବୁଠି
ଏ ଓଷା ପାଳିତ ହୁଏ ।
ଗୋପନରେ ଥିବା କଳୁଷ ବିଷକୁ
ଦୁତିଆ ଓଷାଟି ଧୁଏ-

ନିର୍ଜଳା ଉପାସ କରନ୍ତି ସଭିଏଁ
ଓଷାର ନିୟମ ମାନି ।
ନୋହିଲେ ଓଷା ଯେ ହେବ ଅକାରଣ
ଘଟିବ ନିଶ୍ଚୟ ହାନି-

ବନ୍ଧ୍ୟା ନାରୀମାନେ ଏହି ଓଷା କରି
ହୋଇଥାନ୍ତି ଗର୍ଭବତୀ ।
ଦୂତୀ ବାହନଙ୍କ ଶୁଭାଶିଷ ଲଭି
ସାଜିଥାନ୍ତି ଭାଗ୍ୟବତୀ ।

+ଶୂରଡିହ, ନନ୍ଦିପୁର,
ଦଶରଥପୁର, ଯାଜପୁର
ମୋ:-୯୪୩୭୮୬୫୭୨୭

## ଆନମନା ପ୍ରତିକ୍ଷଣ
### ପ୍ରଶାନ୍ତ କୁମାର ନାୟକ

ଜହ୍ନ ଖାଲି ଦେଖେ କଇଁକୁ ଆକାଶୁ
କିନ୍ତୁ ଛୁଇଁପାରେ ନାହିଁ,
ଅନେଇ ବସିଛି ଆଜିଯାଏ ଖାଲି
ବିରହ ବେଦନା ସହି ।।

ଜହ୍ନ କପାଳେତ ଅମାବାସ୍ୟା ଲେଖା
କଇଁ ବୁଝେନା ଜହ୍ନକୁ ,
ଜହ୍ନ ଛାତିତଳେ ହୃଦୟଟେ ଅଛି
ଅଦୃଶ୍ୟ ହୁଏ କଇଁକୁ ।।

ପ୍ରେମଖାଲି ଏକ ଅନୁଭୂତି ବୋଲି
ସାରା ଦୁନିଆଟା କହେ ,
କଇଁ ବୁଝେନାହିଁ ସାସ୍ୱତ ପ୍ରେମକୁ
ଆକାଶ ଭଳି ସେ ନୁହେଁ ।।

ମେଘ ଛାତିଚିରି କଇଁସାଥେ ଦେଖ
ଖୁସୀରେ ପାଗଳ ଜହ୍ନ ,
ଜହ୍ନ ଖୁସୀ ଦେଖି କଇଁ ହୁଏ ଖୁସୀ
ଆନମନା ପ୍ରତିକ୍ଷଣ ।।

+ ୟୁନିଟ-୦୫; ଭୁବନେଶ୍ୱର
ମୋ: ୮୨୪୯୬୫୦୪୧୪

## ଅଲିଖିତ ପ୍ରେମ
### ସ୍ୱାଗତିକା ତରାଇ



ତୁମେ ଆସିଲା ପରେ
ମୋ ନିରବତାର ଅର୍ଥ ବଦଳିଗଲା,
ଯେଉଁ ଶବ୍ଦଗୁଡ଼ିକ
ଓଠ ଯାଏଁ ଆସି ଫେରିଯାଉଥିଲେ,
ସେମାନେ ଆଜି
ଆଖିର ଭାଷାରେ କବିତା ଲେଖଯାଉଛନ୍ତି ।

ତୁମକୁ ପାଇବାର ଆକାଂକ୍ଷା ନାହିଁ,
ତୁମକୁ ହରାଇବାର ଭୟ ବି ନାହିଁ,
କେବଳ ଏତିକି ଚାହେଁ,
ମୋ ଜୀବନର ଶେଷ ପୃଷ୍ଠାରେ
ଯେତେବେଳେ ଆଲୋକ
ଧୀରେ ଧୀରେ ଲିଭିଯିବ,
ସେତେବେଳେ ମଧ୍ୟ ତୁମ ସ୍ମୃତିଟିଏ
ମୋ ମନରେ ଜହ୍ନ ହୋଇ ରହିଥିବ ।

ତୁମେ ମୋର ନୁହଁ
ଏହି ସତ୍ୟଟି ମୁଁ ଜାଣେ,
ତଥାପି ହୃଦୟକୁ ବୁଝାଇ ପାରେନି,
କାରଣ କିଛି ସମ୍ପର୍କ
ନାମରେ ନୁହେଁ,
ନିରବ ଅନୁଭବରେ ବଞ୍ଚିଥାଏ ।

ହୁଏତ ଆମେ
ଏକାଠି ଚାଲିବା ପାଇଁ ଲେଖା ହୋଇନଥିଲୁ,
ତଥାପି ତୁମେ ମୋ ଅଧୁରା କବିତାର
ସବୁଠୁ ସୁନ୍ଦର ଉପମା ।

ସମୟ ବଦଳିବ, ଋତୁ ବଦଳିବ,
ହୁଏତ ଆମ ମଧ୍ୟରେ
ଦୂରତା ମଧ୍ୟ ବଢ଼ିଯିବ,
ତଥାପି ମୋ ହୃଦୟର
ଗୋଟିଏ ଛୋଟ ଘରେ
ତୁମେ ସେମିତି ରହିଥିବ,
ଯେମିତି ପ୍ରଥମ ବର୍ଷା ପରେ
ମାଟିର ଦେହରେ
ରହିଯାଏ ପ୍ରଥମ ସୁଗନ୍ଧ ।

ଆଉ ଯଦି କେବେ ପଚାର
"ମୋତେ କେତେ ଭଲ ପାଅ ?"
ମୁଁ କେବଳ ଏତିକି କହିବି,
ତୁମେ ଯେତେ ଦୂରେ ଯାଅ,
ମୋ ମନ ତୁମକୁ
ସେତେ ନିକଟରେ ରଖିବା ଶିଖିଛି ।

+ ଜେଲ୍ ରୋଡ, ବାଲେଶ୍ୱର

## କାଶତଣ୍ଡୀ ଫୁଲ
### ଦଶରଥ ମାଝୀ

ଧବଳ ସୁନ୍ଦରୀ କାଶତଣ୍ଡୀ ଫୁଲ
ଭାଦ୍ରବ ମାସରୁ ଫୁଟେ
କାଶତଣ୍ଡୀ ଫୁଲ ଅତି ମନୋହର
ଦିଶେ ନଈ କୂଳ ପଟେ ।
ପିନ୍ଧେ ପରିପାଟୀ ମୁକୁଟର ଧରା
ଶୁଭ୍ର କାଶତଣ୍ଡୀ ଫୁଲ
ପୁଷ୍ପ ଦିଶେ ଧଳା ରଙ୍ଗ ମଖମଲି
ଧବଳ ଓଢଣୀ ତୁଲ ।
ଖିଲି ଖିଲି କରି କାଶତଣ୍ଡୀ ହସେ
ନୀଳ ଗଗନର ତଳେ
ଧବଳ ହାସ୍ୟର ବିଶାଳ ବିପଣି
ଧରଣୀ ମାଟିର କୋଳେ ।
ନଦୀ ପଠାଠାରୁ ରାସ୍ତା କଡ଼ ଯାଏଁ
କରିବାକୁ ମଧୁମୟ
ଶୁଭ୍ର କାଶତଣ୍ଡୀ ରଙ୍ଗରେ ଭିଜଇ
ପଥିକର ଏ ହୃଦୟ ।
ଧବଳ ରଙ୍ଗର ଚଦର ସଦୃଶ
ଦୂରୁ ଦୃଶ୍ୟମାନ ହୁଏ
ସୁଲୁ ସୁଲୁ କରି ପବନ ବହିଲେ
ମୁଣ୍ଡକୁ ହଲାଉ ଥାଏ ।

+ କୁରୁମାଟୁଆଁ, ଭବାନୀପାଟଣା,
କଳାହାଣ୍ଡି
ମୋ :୮୨୪୯୨୧୨୪୭୨

## ବସୁନ୍ଧରାରେ ବିଷାକ୍ତ ଜଳ ଆତଙ୍କ : କଳା ପାଣି ସହ ଭାସୁଛି ତେଲ ଓ ଗ୍ରିସ୍, ଚିନ୍ତାରେ ନଦୀକୂଳିଆ ଲୋକେ

ଝାରସୁଗୁଡ଼ା,୦୫/୧୦ (ନି.ପ୍ର): ବସୁନ୍ଧରା ନଦୀରେ ପୁଣି ଥରେ ଦୂଷିତ ଓ ବିଷାକ୍ତ ପାଣି ପ୍ରବାହିତ ହେବା ନେଇ ନଦୀକୂଳିଆ ଅଂଚଳରେ ଆତଙ୍କ ସୃଷ୍ଟି ହୋଇଛି। ଶୁକ୍ରବାର ନଦୀର ପାଣି କଳା ରଙ୍ଗର ହୋଇଥିବା ବେଳେ ପାଣି ଉପରେ ତେଲ ଓ ଗ୍ରିସ୍ ଭାସୁଥିବା ଦେଖାଯାଇଥିଲା। ଏହାକୁ ନେଇ ସ୍ଥାନୀୟ ଲୋକେ ନଦୀ ଜଳର ସୁରକ୍ଷା ନେଇ ଚିନ୍ତା ପ୍ରକାଶ କରିଛନ୍ତି। ସୁନ୍ଦରଗଡ଼ ଜିଲ୍ଲାର ଗୋପାଳପୁରରୁ ବାହାରିଥିବା ବସୁନ୍ଧରା ନଦୀ ରାଜପୁର ଦେଓଗାଁ ନିକଟରେ ଇବ୍ ନଦୀରେ ମିଶିଛି। ରାଜପୁର, ଗୌରମାଳ, ଲୋଇସିଂ ଓ ଚାନ୍ଦିନୀମାଳ ପଂଚାୟତର ହଜାର ହଜାର ଲୋକ ବିଭିନ୍ନ କାର୍ଯ୍ୟ ପାଇଁ ଏହି ନଦୀ ଉପରେ ନିର୍ଭରଶୀଳ। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ସୁନ୍ଦରଗଡ଼ ଅଂଚଳର ବିଭିନ୍ନ କଳକାରଖାନାରୁ ନିର୍ଗତ ଦୂଷିତ ଜଳ ନଦୀରେ ମିଶୁଥିବାରୁ ସମସ୍ୟା ଦେଖାଦେଉଛି। କାରଖାନାରୁ ବାହାରୁଥିବା ଦୂଷିତ ପାଣି ଗଚ୍ଛିତ ରଖାଯାଉଥିବା ଏବଂ ବର୍ଷା ସମୟରେ ଜଳସ୍ତର ବଢ଼ିଲେ ଏହାକୁ ନଦୀକୁ ଛାଡ଼ି ଦିଆଯାଉଥିବା ସେମାନେ ଅଭିଯୋଗ କରିଛନ୍ତି। ନଦୀ ଜଳର ରଙ୍ଗ ବଦଳିବା ସହ ତେଲ ଓ ଗ୍ରିସ୍ ଭାସୁଥିବାରୁ ଏହି ପାଣି ବ୍ୟବହାର କରିବାକୁ ଲୋକେ ଭୟ କରୁଛନ୍ତି। ଏଥିସହ ଗୋରୁଗାଈ ଓ ଅନ୍ୟ ପଶୁପକ୍ଷୀଙ୍କ ପାଇଁ ମଧ୍ୟ ବିପଦ ଆଶଙ୍କା କରାଯାଉଛି। ଏହି ସମସ୍ୟା ନେଇ ସ୍ଥାନୀୟ ଲୋକେ ବାରମ୍ବାର ଜିଲ୍ଲା ପ୍ରଶାସନ ନିକଟରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ସ୍ଥାୟୀ ସମାଧାନ ହୋଇନଥିବା ଅଭିଯୋଗ ହୋଇଛି।

ଗତବର୍ଷ ମଧ୍ୟ ଏହି ସମସ୍ୟାକୁ ନେଇ ୪ଟି ପଂଚାୟତର ଲୋକେ ରାଜପୁର-ସୁନ୍ଦରଗଡ଼ ମୁଖ୍ୟ ରାସ୍ତାକୁ ପ୍ରାୟ ୧୦ ଘଂଟା ଧରି ଅବରୋଧ କରିଥିଲେ। ଘଟଣାସ୍ଥଳ ପରିଦର୍ଶନ କରି ଝାରସୁଗୁଡ଼ା ତହସିଲଦାର ସଦାକର କୁମ୍ଭାର ରାଜପୁର ପଂଚାୟତ କାର୍ଯ୍ୟାଳୟରେ ସ୍ଥାନୀୟ ଲୋକଙ୍କ ସହ ବୈଠକ କରିଥିଲେ। ସମସ୍ୟାର ତୁରନ୍ତ ସମାଧାନ ପାଇଁ ପ୍ରତିଶ୍ରୁତି ମିଳିବା ପରେ ରାସ୍ତାରୋକ ହଟିଥିଲା। ତେବେ ଦୀର୍ଘ ସମୟ ପରେ ମଧ୍ୟ ସମସ୍ୟାର ସ୍ଥାୟୀ ସମାଧାନ ହୋଇନଥିବାରୁ ଏବେ ପୁଣି ଅସନ୍ତୋଷ ଦେଖାଦେଇଛି। ନଦୀ ଜଳ ପ୍ରଦୂଷଣର ପ୍ରକୃତ କାରଣ ଚିହ୍ନଟ କରି ଦାୟୀ ସଂସ୍ଥା ବିରୋଧରେ ତୁରନ୍ତ ପଦକ୍ଷେପ ନେବା ସହ ନଦୀ ଜଳର ଗୁଣବତ୍ତା ପରୀକ୍ଷା କରିବାକୁ ନଦୀକୂଳିଆ ଲୋକେ ଦାବି କରିଛନ୍ତି।

## ଝାରସୁଗୁଡ଼ା ପୌରପରିଷଦରେ ସେବା ପକ୍ଷ - ୨୦୨୬: ବୃକ୍ଷରୋପଣ ସହ ସ୍ୱାସ୍ଥ୍ୟ ଶିବିର

ଝାରସୁଗୁଡ଼ା,୦୫/୧୦ (ନି.ପ୍ର): ସେପ୍ଟେମ୍ବର ୧୭ ରୁ ଅକ୍ଟୋବର ୧୭ ପର୍ଯ୍ୟନ୍ତ ପାଳନ କରାଯାଉଥିବା ସେବା ପକ୍ଷ ଅବସରରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ସେବାମୂଳକ କାର୍ଯ୍ୟକ୍ରମ ଜାରି ରହିଛି। ଏହି କ୍ରମରେ ରବିବାର ବିଧାୟକ ଟଙ୍କଧର ତ୍ରିପାଠୀ ପ୍ରଥମେ ଝାଡ଼େଶ୍ୱର ମନ୍ଦିରରେ ପୂଜା କରିବା ସହ ମନ୍ଦିର ପରିସରରେ ବୃକ୍ଷ ରୋପଣ କରିଥିଲେ। ପରେ ପୌରପରିଷଦ ଅନ୍ତର୍ଗତ ପୁରୁଣାବସ୍ତି ଏମପିଏଲ ହାଇସ୍କୁଲରେ ଅନୁଷ୍ଠିତ ସ୍ୱାସ୍ଥ୍ୟ ଶିବିରରେ ଯୋଗଦେଇଥିଲେ। ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଶିବିର ପରିଦର୍ଶନ କରିବା ସହ ସେବାକାରୀଙ୍କୁ ଉତ୍ସାହିତ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୀର୍ଘାୟୁ ଓ ସୁସ୍ଥ ଜୀବନ କାମନା କରି ଏହି କାର୍ଯ୍ୟକ୍ରମ ପରିଚାଳିତ ହେଉଥିବା ବେଳେ ସ୍ଥାନୀୟ ଲୋକ ସ୍ୱତଃପ୍ରବୃତ ଭାବେ ଏଥିରେ ଯୋଗଦାନ କରି ସେବା ଯୋଗାଇ ଦେଉଛନ୍ତି ବୋଲି ବିଧାୟକ ମତବ୍ୟକ୍ତ କରିଥିଲେ। ଏହାସହ ଅଂଚଳର ଗରିବ ସାଧାରଣ ଜନତାଙ୍କ ନିକଟରେ ସ୍ୱାସ୍ଥ୍ୟ ସେବାକୁ ପହଂଚାଇବା ଏହି ଏହି ଶିବିରର ମୁଖ୍ୟ ଉଦ୍ଦେଶ୍ୟ ବୋଲି ବିଧାୟକ ମତ ରଖିଥିଲେ। ଅନୁଷ୍ଠିତ ସ୍ୱାସ୍ଥ୍ୟ ଶିବିରରେ ଜିଲ୍ଲା ମୁଖ୍ୟ ଡାକ୍ତରଖାନାର ଶିଶୁ ବିଭାଗ ଡାକ୍ତର ବି. ଏନ. କଶ୍ୟପ, ମେଡ଼ିସିନ ବିଭାଗ ଡାକ୍ତର ଶିବ ପ୍ରସାଦ ଶତପଥି ଏବଂ ସଂଜୀବନୀ ହସ୍ପିଟାଲ ର ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତର ଡେନ୍ସି ପଟେଲ ଓ ଡାକ୍ତର ବିଶ୍ୱାକେଶ ସାମନ୍ତରାୟ ପ୍ରମୁଖ ବିଶେଷଜ୍ଞ ଡାକ୍ତର ମାଗଣାରେ ରୋଗୀ ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହି ଶିବିରରେ ମୋଟ ୧୦୨ ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ବଂଟନ କରାଯାଇଥିଲା। ସେହିପରି ମହାନଦୀ ନେତ୍ର ଚିକିତ୍ସାଳୟ ପକ୍ଷରୁ ଡାକ୍ତର ଜୟରାମ ମେହେର ଉପସ୍ଥିତ ରହି ୧୫୦ ଜଣ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେଥି ମଧ୍ୟରୁ ୫୦ ଜଣଙ୍କୁ ମାଗଣା ଚଷମା ବଂଟନ କରାଯାଇଥିଲା। ଏହାସହ ୪୫ ଜଣ ରୋଗୀଙ୍କ ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ରେଜିଷ୍ଟ୍ରେସନ କରାଯାଇଥିଲା ଓ ଯେଉଁ ରୋଗୀ ମାନଙ୍କର ଆଗାମୀ ଦିନରେ ଅସ୍ତ୍ରୋପଚାର ମାଗଣାରେ କରାଯିବ। ସ୍ୱାସ୍ଥ୍ୟ ଶିବିରରେ ଅନ୍ୟ ମାନଙ୍କ ମଧ୍ୟରେ ବିମଳେନ୍ଦୁ ଭୋଳ, ରାଜେନ୍ଦ୍ର ସା, ଅନମୋଲ ମାଲହୋତ୍ର, ମମତା ପଟେଲ, ମୁନକୁ ପାଣ୍ଡେ, ରୁବି ମହାନ୍ତି, ଯୋଶୀଳା ମାଝୀ, ବିବେକ ଶ୍ରୀବାସ, ସୁବ୍ରତ ସରାଫ ପ୍ରମୁଖଙ୍କ ସମେତ ବହୁ ସଂଖ୍ୟାରେ ଜନସାଧାରଣ ସହଯୋଗ କରିଥିଲେ ଓ ଏହି ଶିବିରରେ ପୁରୁଣାବସ୍ତି ତଥା ଆଖପାଖ ଅଂଚଳର ଲୋକେ ମଧ୍ୟ ନିଜର ଚିକିତ୍ସା କରାଇଥିଲେ।

## ଆନ୍ଧ୍ରରେ ଓଡ଼ିଆ ଶ୍ରମିକଙ୍କ ସନ୍ଦେହଜନକ ମୃତ୍ୟୁ

ଜୟପୁର,୦୫/୧୦ (ନି.ପ୍ର): ଆନ୍ଧ୍ରପ୍ରଦେଶର ଅନକାପାଲି ଅଂଚଳରେ ଦାଦନ ଖଟିବାକୁ ଯାଇଥିବା ଜଣେ ଓଡ଼ିଆ ଶ୍ରମିକଙ୍କ ସନ୍ଦେହଜନକ ପରିସ୍ଥିତିରେ ମୃତ୍ୟୁକୁ ନେଇ ଆଜି ବାର୍ଲାହାଣ୍ଡି ରେ ଉତେଜନା ଦେଖଯାଇଥିଲା । ମୃତକ ହେଲେ ବାର୍ଲାହାଣ୍ଡି ଗ୍ରାମର ପ୍ରେମରାଜ ବିଶୋଇ(୪୦)। ମୃତଦେହ ଆମ୍ବୁଲାନ୍ସ ଯୋଗେ ଗାଁରେ ପହଂଚିବା ପରେ ମୃତ୍ୟୁର କାରଣକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ସନ୍ଦେହ ଦେଖାଦେବା ସହ ଆମ୍ବୁଲାନ୍ସକୁ ଅଟକ ରଖାଯାଇଥିବା ଜଣାପଡ଼ିଛି।

ଜୟପୁର ସଦର ଥାନା ଅନ୍ତର୍ଗତ , ବାର୍ଲାହାଣ୍ଡି ଗ୍ରାମର ପ୍ରେମରାଜ ଅନକାପାଲିରେ ସିଭିଲ୍ କାମ କରିବା ପାଇଁ ଯାଇଥିଲେ। ସେଠାରେ ସେ ଘାଟବାଘ୍ରା ଗାଁର ନବୀନ ମାଳିଙ୍କ ସହ ଗୋଟିଏ ଘରେ ରହୁଥିଲେ। ସେମାନଙ୍କ ସହ ଝାଡ଼ଖଣ୍ଡର ଜଣେ ଯୁବକ ମଧ୍ୟ ରହୁଥିଲେ। ଗତକାଲି ରାତି ପ୍ରାୟ ୯ଟା ୧୫ରେ ଖାଇସାରିବା ପରେ ପ୍ରେମରାଜଙ୍କୁ ହଠାତ୍ ଝାଡ଼ାବାନ୍ତି ହୋଇଥିବା କୁହାଯାଉଛି। ପରେ ଆମ୍ବୁଲାନ୍ସ ଯୋଗେ ମୃତଦେହକୁ ଗାଁକୁ ପଠାଯାଇଥିଲା। ପ୍ରେମରାଜଙ୍କ ମୃତ୍ୟୁ ଖବର ପାଇବା ପରେ ପରିବାର ଲୋକ ଭାଙ୍ଗି ପଡ଼ିଛନ୍ତି। ତାଙ୍କ ବଡ଼ଭାଇ ସୁରେନ୍ଦ୍ର ବିଶୋଇ ଦିବ୍ୟାଙ୍ଗ ହୋଇଥିବାରୁ ପରିବାରର ଭରଣପୋଷଣକୁ ନେଇ ଏବେ ଚିନ୍ତା ବଢ଼ିଛି। ପରିବାରର ମୁଖ୍ୟ ଆଧାରଙ୍କୁ ହରାଇବା ପରେ ଆଗକୁ କିପରି ଚଳିବେ, ସେନେଇ ପରିବାର ଚିନ୍ତାରେ ରହିଛି। ଅନ୍ୟପକ୍ଷରେ, ମୃତ୍ୟୁ ପରେ ହଠାତ୍ ମୃତଦେହକୁ ଆମ୍ବୁଲାନ୍ସ ଯୋଗେ ଗାଁକୁ ପଠାଯିବା ଘଟଣାକୁ ନେଇ ଗ୍ରାମବାସୀ ହଲ୍ଲା କରିଥିଲେ । ପ୍ରେମରାଜଙ୍କ ମୃତ୍ୟୁ କେଉଁ ପରିସ୍ଥିତିରେ ଓ କିପରି ହେଲା, ତାହାର ନିରପେକ୍ଷ ତଦନ୍ତ କରାଯିବାକୁ ଦାବି ହୋଇଛି। ପରେ ଠିକା ସଂସ୍ଥା ୧ ଲକ୍ଷ ଟଙ୍କା ଦେବାକୁ ପ୍ରତିଶୃତି ଦେବା ସହ ଘଟଣା ସ୍ଥଳ ରେ ୫୦ ହଜାର ଟଙ୍କା ଦେବାରୁ ଶବ ସତକାର କରାଯାଇଛି ।

## ଶିଳାନ୍ୟାସରେ ଅଟକି ଗଲା ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ

ଘଟଗାଁ,୦୫/୧୦ (ନି.ପ୍ର): ଶିଳାନ୍ୟାସରେ ଅଟକି ଗଲା ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ। ଚାରି ମାସରୁ ଉର୍ଦ୍ଧ ସମୟ ବିତି ଯାଇଥିଲେ ସୁଧା ଆଗକୁ ଆଗେଇ ପାରୁ ନାହିଁ କାର୍ଯ୍ୟ। କେବଳ ଭିତି ପ୍ରସ୍ତର ସ୍ଥାପନରେ ଅଟକି ରହିଛି ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ। ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶିକ୍ଷାର ମୂଳଦୁଆ ସୁଦୃଢ ଏବଂ ଉନ୍ନତ ମାନର ଜ୍ଞାନ କୌଶଳ ମାଧ୍ୟମରେ ଛାତ୍ରଛାତ୍ରୀ ମାନଙ୍କୁ ଶିକ୍ଷା ପ୍ରଦାନ ଲାଗି ବିଭିହ୍ନ ପଂଚାୟତ ଗୁଡିକରେ ପାଂଚ ଏକର ଜାଗାରେ ଖେଳ ପଡିଆ, ଫୁଲ ବଗିଚା ପାର୍କ ସାଙ୍ଗକୁ ଅତ୍ୟାଧୁନିକ ଶ୍ରେଣୀ ଲାଗି ପଂଚାୟତ ଗୁଡିକରେ ସ୍ଥାନ ନିରୂପଣ ପରେ ଅର୍ଥ ମଞ୍ଜୁର କରିଥିଲେ। ଦୁଃଖର ବିଷୟ ଦ୍ୱିତୀୟ ପର୍ଯ୍ୟାୟରେ ଘସିପୁରା ନିର୍ବାଚନ ମଣ୍ଡଳୀ ଘଟଗାଁ ବ୍ଲକ ବିନିଦା ପଂଚାୟତ ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବିନିଦା ଠାରେ ସ୍ଥାନ ନିରୂପଣ କରାଯାଇ ଗତ ଜୁନ ମାସ ୭ ତାରିଖ ଭିତି ପ୍ରସ୍ତର ସ୍ଥାପନା କରାଯାଇଥିଲେ ସୁଧା ଦୀର୍ଘ ଚାରି ମାସ ପରେ ସୁଧା ଶିଳା ନିଶ୍ୟା କାର୍ଯ୍ୟରୁ ଆଗକୁ ଆଗେଇ ପାରୁ ନାହିଁ।ଉକ୍ତ ସମସ୍ୟା କୁ ନେଇ ଘଟଗାଁ ବ୍ଲକ ଶିକ୍ଷା ମଣ୍ଡଳ ଅଧିକାରୀଙ୍କୁ ପଚାରି ବୁଝିବା ପରେ ମଣ୍ଡଳ ଅଧିକାରୀ କହିଛନ୍ତି ଉକ୍ତ ବିଦ୍ୟାଳୟରେ ଆବଶ୍ୟକ ଜାଗା ଅଭାବ କାରଣରୁ ପ୍ରକଳ୍ପ କାର୍ଯ୍ୟ ଆଗକୁ ଆଗେଇ ପାରୁ ନାହିଁ। ତେବେ ସମସ୍ୟାକୁ ନେଇ ସାଧାରଣରେ ଆଲୋଚନା ପୂର୍ବରୁ କଣ ମାପଚୁପ ହେଇ ନଥିଲାକି ଯଦିଓ ହୋଇଥିଲା କେମିତି ଜାଣି ପାରିଲେ ନାହିଁ।

## ଭୋଟର ତାଲିକାରୁ ବାଦ୍ ପଡ଼ିଥିବା ଯୁବ ଭୋଟରଙ୍କୁ ପଞ୍ଜୀକରଣ ପାଇଁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ

ଖୋର୍ଦ୍ଧା,୦୫/୧୦ (ନି.ପ୍ର): ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର) ପ୍ରକ୍ରିୟା ଯେଉଁ ଉଁ ସବୁ ରାଜ୍ୟ/କେନ୍ଦ୍ରଶାସିତ ଅଂଚଳଗୁଡ଼ିକରେ ସମାପ୍ତ ହୋଇଛି, ସେଠାରେ ଚୂଡ଼ାନ୍ତ ଭୋଟର ତାଲିକାରୁ ବାଦ୍ ପଡ଼ିଥିବା ଭୋଟର ଏବଂ ପ୍ରଥମ ଥର ପାଇଁ ଭୋଟର ତାଲିକାରେ ସାମିଲ ହେଉଥିବା ଯୁବ ଭୋଟରଙ୍କୁ ପଞ୍ଜୀକରଣ ପାଇଁ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିବାକୁ ଭାରତ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ନିର୍ଦ୍ଦେଶ ଆସିଛି। ଏହି କ୍ରମେ ଓଡ଼ିଶାରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ ଯାନ ଆରମ୍ଭ ହୋଇଛି। ଏଥିପାଇଁ ଯୋଗ୍ୟ ନାଗରିକମାନେ ପୂର୍ବଭଳି ଫର୍ମ-୬ ମାଧ୍ୟମରେ ଆବେଦନ କରିପାରିବେ। ଏସଆଇଆର ସମୟରେ ଯଦି କୌଣସି ଯୋଗ୍ୟ ନାଗରିକଙ୍କ ନାମ କୌଣସି କାରଣରୁ ଭୋଟର ତାଲିକାରୁ ବାଦ୍ ପଡ଼ିଥାଏ, ତେବେ ପୁନର୍ବାର ନାମ ସାମିଲ କରାଇବା ପାଇଁ ଫର୍ମ-୬ ଦାଖଲ କରିବା ସମୟରେ ୨୦୦୨ ମସିହାର ଭୋଟର ତାଲିକା ସମ୍ବନ୍ଧୀୟ ତଥ୍ୟ ଦେବା ଆବଶ୍ୟକ ହେବ ନାହିଁ। ସେହିପରି, ଆବେଦନକାରୀଙ୍କ ପିତାମାତା କିମ୍ବା ଜେଜେବାପା/ଜେଜେମାଆଙ୍କ ନାମ ୨୦୦୨ ମସିହାର ଭୋଟର ତାଲିକାରେ ଥିଲା କି ନାହିଁ, ସେ ସମ୍ପର୍କିତ ତଥ୍ୟ ମଧ୍ୟ ଦାଖଲ କରିବାକୁ ପଡ଼ିବ ନାହିଁ। ଏ ସମ୍ପର୍କିତ ଅତିରିକ୍ତ ଘୋଷଣାନାମାକୁ ଭାରତ ନିର୍ବାଚନ ଆୟୋଗ (ଇସିଆଇ) ଫର୍ମ-୬ରୁ ହଟାଇ ଦେଇଛନ୍ତି । ଏହା ଫଳରେ ଏସଆଇଆର-୨୦୨୬ ପରେ ଭୋଟର ତାଲିକାରେ ନାମ ସାମିଲ କରାଇବାକୁ ଇଚ୍ଛୁକ ଯୋଗ୍ୟ ନାଗରିକମାନେ ୨୦୦୨ ମସିହାର ଭୋଟର ତାଲିକା ସମ୍ବନ୍ଧୀୟ ଅତିରିକ୍ତ ତଥ୍ୟ କିମ୍ବା ଘୋଷଣାନାମା ବିନା ସାଧାରଣ ପ୍ରକ୍ରିୟାରେ ଫର୍ମ-୬ ଦାଖଲ କରିପାରିବେ। ତେବେ କେବଳ ଫର୍ମ -୭ ଦାଖଲ କରିବା ଦ୍ୱାରା ଆବେଦନକାରୀଙ୍କ ନାମ ସ୍ୱତଃସ୍ଫୁର୍ତ୍ତ ଭାବେ ଭୋଟର ତାଲିକାରେ ସାମିଲ ହେବ ନାହିଁ। ନାମ ସାମିଲ ପୂର୍ବରୁ ଆବେଦନକାରୀଙ୍କ ଯୋଗ୍ୟତା ଏବଂ ଆବେଦନରେ ଦିଆଯାଇଥିବା ତଥ୍ୟର ନିର୍ଦ୍ଧାରିତ ଯାଂଚ୍ ପ୍ରକ୍ରିୟା ପୂର୍ବଭଳି ଜାରି ରହିବ । ସମ୍ପୃକ୍ତ ନିର୍ବାଚନ କର୍ତ୍ତୃପକ୍ଷ ଆବେଦନରେ ଦିଆଯାଇଥିବା ତଥ୍ୟ ଏବଂ ଆବଶ୍ୟକୀୟ ଦସ୍ତାବିଜ ଯାଂଚ୍ କରିବା ପରେ ଆଇନ ଓ ନିର୍ଦ୍ଧାରିତ ନିୟମ ଅନୁଯାୟୀ ନାମ ଅନ୍ତର୍ଭୁକ୍ତି ସମ୍ପର୍କରେ ନିଷ୍ପତି ନେବେ । ଯାଂଚ୍ ପ୍ରକ୍ରିୟା ସମ୍ପୂର୍ଣ୍ଣ ନକରି କୌଣସି ବ୍ୟକ୍ତିଙ୍କ ନାମ ଭୋଟର ତାଲିକାରେ ସାମିଲ କରାଯିବ ନାହିଁ। ଏଥିସହିତ ଫର୍ମ-୬ ମାଧ୍ୟମରେ ନାମ ସାମିଲ କରିବାର ସାଧାରଣ ବ୍ୟବସ୍ଥା ଅବ୍ୟାହତ ରହିଛି । ତେଣୁ, ଯେଉଁ ଯୋଗ୍ୟ ନାଗରିକଙ୍କ ନାମ ବର୍ତମାନର ଭୋଟର ତାଲିକାରେ ନାହିଁ, ସେମାନେ ନିର୍ଦ୍ଧାରିତ ପ୍ରକ୍ରିୟା ଅନୁସରଣ କରି ଫର୍ମ-୬ ଦାଖଲ କରି ଭୋଟର ଭାବେ ପଞ୍ଜୀକରଣ ପାଇଁ ଆବେଦନ କରିପାରିବେ । ଏକ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତ କରିବା ଏବଂ ଏହାର ଶୁଦ୍ଧତା, ସ୍ୱଚ୍ଛତା ବଜାୟ ରଖିବା ସହିତ ସମସ୍ତ ଯୋଗ୍ୟ ନାଗରିକଙ୍କୁ ଭୋଟର ଭାବେ ପଞ୍ଜୀକରଣର ସୁଯୋଗ ଦେବା ଉଦ୍ଦେଶ୍ୟରେ ପ୍ରାପ୍ତ ସମସ୍ତ ଆ ଆବେଦନର ନିର୍ଦ୍ଧାରିତ ନିୟମ ଅନୁଯାୟୀ ଯାଂଚ୍ କରାଯିବ। ଖୋର୍ଦ୍ଧା ଜିଲ୍ଲାର ବୁଥ୍ ଲେଭେଲ୍ ଅଧିକାରୀ (ବିଏଲ୍ଓ) ମାନେ ନେ ଚୂଡ଼ାନ୍ତ ଭୋଟର ତାଲିକାରୁ ବାଦ୍ ପଡ଼ିଥିବା ଭୋଟର ଏବଂ ପ୍ରଥମ ଥର ପାଇଁ ଭୋଟର ତାଲିକାରେ ପଞ୍ଜୀକୃତ ହେବାକୁ ଥିବା ଯୁବବର୍ଗଙ୍କ ପାଖରେ ପହଂଚି ଯାଂଚ୍ ଆରମ୍ଭ କରିବେ । ବିଶେଷ କରି ଏସ୍ଆଇଆର୍ ପ୍ରକ୍ରିୟା ଚାଲିଥିବା ସମୟରେ ଅନେକ ଭୋଟରଙ୍କ ଅନୁପସ୍ଥିତି, ସ୍ଥାନାନ୍ତରଣ, ମୃତ୍ୟୁ ଏବଂ ନକଲି ଭୋଟର ପରିଚୟପତ୍ର ଥିବା ବ୍ୟକ୍ତିବିଶେଷ ଚୂଡ଼ାନ୍ତ ଭୋଟର ତାଲିକାରୁ ବାଦ୍ ପଡ଼ିଛନ୍ତି। ଏହି ଭୋଟରଙ୍କ ତଥା ତାଙ୍କ ପରିବାରଙ୍କ ପାଖରେ ବିଏଲ୍ଓମାନେ ପୁଣି ପହଂଚିବେ । ସେମାନଙ୍କ କାଗଜପତ୍ର ସାନି ଯାଂଚ୍ କରିବା ସହ ଆବଶ୍ୟକ ସ୍ଥଳେ ଭୋଟର ତାଲିକାରେ ସାମିଲ କରିବାରେ ସାହାଯ୍ୟ କରିବେ । ଅନ୍ୟପଟେ ୨୦୨୬ ଅକ୍ଟୋବର ୧ ସୁଦ୍ଧା ୧୮ ବର୍ଷରେ ପଦାର୍ପଣ କରୁଥିବା ସମସ୍ତ ବ୍ୟକ୍ତି ବିଶେଷଙ୍କୁ ଫର୍ମ-୬ରେ ଭୋଟର ତାଲିକାରେ ସାମିଲ କରାଯିବ ।

## ଏମପିଭି-୨୯ ରେ ତ୍ରିଶକ୍ତି କ୍ରିକେଟ୍ ଟୁର୍ଣ୍ଣାମେଂଟ ଉଦ୍‌ଘାଟିତ

ମାଲକାନଗିରି,୦୫/୧୦ (ନି.ପ୍ର): ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଅନ୍ତର୍ଗତ ଏମପିଭି-୨୯ ଗ୍ରାମ ଖେଳ ପଡ଼ିଆରେ ରବିବାର ୧୬ଟି ଦଳକୁ ନେଇ ତ୍ରିଶକ୍ତି କ୍ରିକେଟ୍ ଟୁର୍ଣ୍ଣାମେଂଟ ଆରମ୍ଭ ହୋଇଛି । ମୁଖ୍ୟ ଅତିଥି ଭାବେ ବିଜେପିର ବରିଷ୍ଠ ନେତା ଉତମ ଓଝା ଓ ଆଡମା ରାବା ଯୋଗ ଦେଇ ଏହି ଟୁର୍ଣ୍ଣାମେଂଟକୁ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ଅତିଥିମାନେ ସ୍ଥାନୀୟ ଅଂଚଳରେ ଏଭଳି ଟୁର୍ଣ୍ଣାମେଂଟ ଯୁବକମାନଙ୍କୁ କ୍ରୀଡ଼ା ପ୍ରତି ଆକୃଷ୍ଟ କରିବ ବୋଲି ଆଶା ପ୍ରକାଶ କରିଥିଲେ । ଉଦଘାଟନୀ ମ୍ୟାଚ୍ ବିବେକାନନ୍ଦ ଇଂଲିଶ ମିଡିଅମ ସ୍କୁଲ ଏମଭି-୭୯ ଓ ଲିଜେଣ୍ଡ ଏମଭି-୭୨ ମଧ୍ୟରେ ଖେଳାଯାଇଥିଲା । ଏଥିରେ ବିବେକାନନ୍ଦ ଇଂଲିଶ ମିଡିଅମ ସ୍କୁଲ ଏମଭି-୭୯ ଟସ୍ ଜିତି ପ୍ରଥମେ ଫିଲ୍ଡିଂ କରିବାକୁ ନିଷ୍ପତି ନେଇଥିଲା ।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ମୋନାର୍କ ଛକରେ ଗୋଷ୍ଠୀ ସଂଘର୍ଷ, ୬ ଗିରଫ

ଗଞ୍ଜାମ,୦୫/୧୦ (ନି.ପ୍ର): ଗଣେଶ ପୂଜା ଭସାଣି ଶତ୍ରୁତାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ। କେସ ୫୭୨/୨୬ ଓ ୫୭୩/୨୬ - ତା ୦୧.୧୦.୨୬ ରାତି ୧.୩୦ରେ ମୋନାର୍କ ଛକ ନିକଟରେ ପାଣି କ୍ୟାନ ଗାଡି ନମ୍ବର ଓଡି୦୭ଏକ୍ୟୁ୩୮୯୨ ଖରାପ ହେବାରୁ ବଚସା, ମାରଣାସ୍ତ୍ରରେ ଆକ୍ରମଣ, ଦୁଇ ପକ୍ଷରୁ ଗୋପାଳଥାନାରେ ଲିଖିତ ଅଭିଯୋଗ ପରେ କେସ ନମ୍ବର ୫୭୨ରେ ମାମଲା ରୁଜୁ କରାଯାଇ ଅଖୟ ଦାସ (୨୦), ରାକେଶ ନାୟକ (୨୬), ହେମନ୍ତ ଗୌଡ (୨୩) - ବାଲାଜୀ ନଗରଙ୍କୁ ଗିରଫକରି ସେମାନଙ୍କ ଠାରୁ ଷ୍ଟିଲ ରଡ, ବାଉଁଶ ବାଡି, ସ୍କୁଟି ନମ୍ବର ଓଡି-୦୭-ଏକେ-୮୩୧୨ ଜବତ ହୋଇଛି। କେସ ୫୭୩ (କ୍ରସ କେସ) ରେ ଗିରଫ ହୋଇଛନ୍ତି ଡି ମନୋଜ ପାତ୍ର (୨୬), ଶିବ ପ୍ରସାଦ ନାୟକ (୨୬), ରବୀନ୍ଦ୍ର ନାୟକ (୩୯)। ସେମାନଙ୍କ ଠାରୁ ଲୁହା ରଡ ଜବତ ହୋଇଛି। ସମସ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।୧୪ ଦିନ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି।

## ଶିକ୍ଷକ ନିଯୁକ୍ତି ଦାବିରେ ତାତିଲେ ଅଭିଭାବକ: ସ୍କୁଲ ଗେଟରେ ଖୋଲିବାକୁ ଦେଲେ ନାହଁ ତାଲା

ବାଲିଆପାଳ ,୦୫/୧୦ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ପ୍ରତାପପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଦାବି ନେଇ ଅଭିଭାବକ ଏବଂ ପରିଚାଳନା କମିଟିର ସଦସ୍ୟ ମାନେ ସୋମବାର ସ୍କୁଲ ଗେଟରେ ତାଲା ଖୋଲିବାକୁ ଦେଇ ନଥିଲେ ସୁଚାରୁ ପ୍ରକାଶ ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ଚାରି ଜଣ ଶିକ୍ଷକ ପିଲାଙ୍କୁ ପାଠ ପଢାଇଆସୁଥିଲେ । ଦୁଇ ମାସ ତଳେ ଜଣେ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ଆସନ୍ତା ମାସରେ ଅନ୍ୟ ଜଣେ ଶିକ୍ଷୟିତ୍ରୀ ମାତୃତ୍ୱ ଛୁଟିରେ ରହିବେ । ଆଜି ଠାରୁ ପିଲାଙ୍କ ଅର୍ଦ୍ଧବାର୍ଷିକ ପରୀକ୍ଷା ଆରମ୍ଭ ହୋଇଛି।



ପିଲା ମାନେ ପାଠ ପଢ଼ାରୁ ବଞ୍ଚିତ ହେଉଛନ୍ତି ତେଣୁ ପରୀକ୍ଷାରେ କଣ ଲେଖିବେ ଏବଂ ସାତ ଦିନ ମଧ୍ୟରେ ଶିକ୍ଷକ ନିଯୁକ୍ତି ଦାବି ନେଇ ୯.୩୦ ରୁ ସ୍କୁଲର ଗେଟ ଖୋଲିବା ପାଇଁ ଦେଇନଥିଲେ ଅଭିଭାବକ ଏବଂ ପରିଚାଳନା କମିଟି। ଖବର ପାଇ ବାଲିଆପାଳ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବଂଶଧର ନାୟକ ଏବଂ ପ୍ରତାପପୁର ସିଆରସିସି ଜଗନ୍ନାଥ ମହାନ୍ତି ପହଞ୍ଚିଥିଲେ। ଏବିଷୟରେ ବାଲିଆପାଳ ବିଓ ଏବଂ ବାଲେଶ୍ୱର ଜିଲ୍ଲାପାଳଙ୍କୁ ଅବଗତ କରାଯାଇଛି ବୋଲି ପ୍ରତିଶ୍ରୁତି ଦେଇଥିଲେ । ପରେ ୧୦.୩୦ ରେ ସ୍କୁଲର ଗେଟରେ ତାଲା ଖୋଲିଥିଲା ଏବଂ ଛାତ୍ର ଛାତ୍ରୀ ପରୀକ୍ଷା ଦେଇଥିଲେ।

## ଝାରସୁଗୁଡ଼ା ଜମି ଅନିୟମିତତା: ଆରଡିସିଙ୍କ ୪ ଜଣିଆ ତଦନ୍ତ କମିଟି

ଝାରସୁଗୁଡ଼ା,୦୫/୧୦ (ନି.ପ୍ର): ଝାରସୁଗୁଡ଼ା ଜିଲାରେ ସରକାରୀ ଜମିର କଥିତ ବେଆଇନ ମ୍ୟୁଟେସନ୍, ଅନୁସୂଚିତ ଜାତି (ଏସ୍ସି) ଓ ଅନୁସୂଚିତ ଜନଜାତି (ଏସ୍ଟି) ବର୍ଗର ଜମି ନିୟମବିରୋଧୀ ହସ୍ତାନ୍ତର ଏବଂ ଜମି ସମ୍ପର୍କିତ ଅନୁମତି ପ୍ରଦାନରେ ଅନିୟମିତତା ଅଭିଯୋଗର ଉଚ୍ଚସ୍ତରୀୟ ତଦନ୍ତ ଆରମ୍ଭ ହୋଇଛି। ଏନେଇ ସମ୍ବଲପୁର ଉତରାଚଂଳ ରାଜସ୍ୱ କମିଶନର (ଆର୍ଡିସି) ୨୯ ସେପ୍ଟେମ୍ବରରେ ୪ ଜଣିଆ ତଦନ୍ତ କମିଟି ଗଠନ କରିଛନ୍ତି। ଝାରସୁଗୁଡ଼ା ଜିଲାପାଳଙ୍କ ୩ ଅଗଷ୍ଟ ୨୦୨୬ର ପତ୍ର ଏବଂ ଆଞ୍ଚଳିକ ପରିବେଶ ସୁରକ୍ଷା ସଂଘର ସଭାପତି ସତ୍ୟନାରାୟଣ ରାଓଙ୍କ ୧୧ ସେପ୍ଟେମ୍ବରର ଅଭିଯୋଗକୁ ଆଧାର କରି ଏହି ପଦକ୍ଷେପ ନିଆଯାଇଛି। ବିଶେଷକରି ମ୍ୟୁଟେସନ୍ କେସ୍ ନମ୍ବର ୫୯୫୦/୨୦୨୩ ଓ ୮୩୪୬/୨୦୨୩ ଏବେ ତଦନ୍ତର ମୁଖ୍ୟ କେନ୍ଦ୍ରରେ ରହିଛି।

ଅଭିଯୋଗ ଅନୁଯାୟୀ, ଉକ୍ତ ଦୁଇ ମାମଲାରେ ସରକାରୀ ଜମିର ମ୍ୟୁଟେସନ୍ ରେ ନିୟମ ଉଲ୍ଲଂଘନ ହୋଇଥିବା ସହ ଏସ୍ସି/ଏସ୍ଟି ବର୍ଗର ଜମି ହସ୍ତାନ୍ତରରେ ମଧ୍ୟ ଅନିୟମିତତା ହୋଇଛି। ଏଥିରେ ଜିଲାର ପୂର୍ବତନ ଓ ବର୍ତମାନର କେତେକ ରାଜସ୍ୱ ଅଧିକାରୀଙ୍କ ସମ୍ଭାବ୍ୟ ସମ୍ପୃକ୍ତି ନେଇ ମଧ୍ୟ ପ୍ରଶ୍ନ ଉଠିଛି। ତେବେ ତଦନ୍ତ ଶେଷ ହେବା ପରେ ହିଁ ଅଭିଯୋଗର ସତ୍ୟାସତ୍ୟ ସ୍ପଷ୍ଟ ହେବ। ଆର୍ଡିସିଙ୍କ ନିର୍ଦ୍ଦେଶକ୍ରମେ ଗଠିତ କମିଟିର ଅଧ୍ୟକ୍ଷ ଭାବେ ଉତରାଚଂଳ ଆରଡିସିଙ୍କ ସଚିବଙ୍କୁ ଦାୟିତ୍ୱ ଦିଆଯାଇଛି। ଅନୁଗୋଳ ଅତିରିକ୍ତ ଜିଲାପାଳ (ରାଜସ୍ୱ), ସମ୍ବଲପୁର ଅତିରିକ୍ତ ଜିଲାପାଳ (ରାଜସ୍ୱ) ଏବଂ ସମ୍ବଲପୁର ଡେପୁଟି ଇନ୍ସପେକ୍ଟର ଜେନେରାଲ୍ ଅଫ୍ ରେଜିଷ୍ଟ୍ରେସନ୍‌ଙ୍କୁ ସଦସ୍ୟ ଭାବେ ସାମିଲ କରାଯାଇଛି।

କମିଟି ଗଠନ ତାରିଖ ଠାରୁ ଦୁଇ ମାସ ମଧ୍ୟରେ ତଦନ୍ତ ଶେଷ କରି ଆର୍ଡିସିଙ୍କ ନିକଟରେ ରିପୋର୍ଟ ଓ ସୁପାରିଶ ଦାଖଲ କରିବ। ତଦନ୍ତରେ ଆବଶ୍ୟକ ସହଯୋଗ ଯୋଗାଇବାକୁ ଝାରସୁଗୁଡ଼ା ଜିଲାପାଳ, ଅତିରିକ୍ତ ଜିଲାପାଳ, ଉପଜିଲାପାଳ, ତହସିଲଦାର ଓ ଜିଲା ସବ୍-ରେଜିଷ୍ଟ୍ରାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କମିଟି ଆବଶ୍ୟକ କଲେ ଜମିର ମୂଳ ରେକର୍ଡ, ରେଜିଷ୍ଟର, କେସ୍ ଫାଇଲ୍, ଆବେଦନପତ୍ର, ଚିଠିପତ୍ର ଓ ସମ୍ପୃକ୍ତ ରେଜିଷ୍ଟ୍ରି ଦଲିଲ୍ ଯୋଗାଇଦେବାକୁ କୁହାଯାଇଛି। ଏଥିସହ ସମ୍ପୃକ୍ତ ପକ୍ଷଙ୍କୁ ଶୁଣାଣି ଓ ଦଲିଲ୍ ଦାଖଲର ସୁଯୋଗ ମଧ୍ୟ ଦିଆଯିବ।

ଅନ୍ୟପକ୍ଷରେ, ଝାରସୁଗୁଡ଼ାରେ ଜମି ଅନିୟମିତତା ଅଭିଯୋଗ ମଧ୍ୟରେ ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀଙ୍କ ଦୁର୍ନୀତି ବିରୋଧୀ ଆଭିମୁଖ୍ୟ ମଧ୍ୟ ଚର୍ଚ୍ଚାରେ ରହିଛି। ସମ୍ବଲପୁରରେ ରାଜସ୍ୱ ବିଭାଗର ସମୀକ୍ଷା ବୈଠକରେ ସେ ଅଧିକାରୀମାନଙ୍କୁ ସ୍ୱଚ୍ଛତା ଓ ସଜାଗତାର ସହ କାର୍ଯ୍ୟ କରିବାକୁ ପରାମର୍ଶ ଦେବା ସହ ଦୁର୍ନୀତିରେ ସମ୍ପୃକ୍ତତା ପ୍ରମାଣିତ ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନର ଚେତାବନୀ ଦେଇଥିଲେ। ଅଧିକାରୀଙ୍କ କାର୍ଯ୍ୟଦକ୍ଷତା ମାପିବାକୁ 'ପରଫର୍ମାନ୍ସ ରିପୋର୍ଟ କାର୍ଡ' ପ୍ରସ୍ତୁତ କରିବାକୁ ମଧ୍ୟ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟରେ ଜମି ରେଜିଷ୍ଟ୍ରେସନ୍ ଓ ମ୍ୟୁଟେସନ୍ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ କରିବା ଲକ୍ଷ୍ୟରେ ସିସି କ୍ୟାମେରା ଆଧାରିତ ସ୍ମାର୍ଟ ସର୍ଭେଲାନ୍ସ, ତହସିଲ ଓ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟର ଆଧୁନିକୀକରଣ ଏବଂ ଭୂଦାନ ଜମିର ଡିଜିଟାଇଜେସନ୍ ଭଳି ପଦକ୍ଷେପ ନିଆଯାଉଛି। ଏଭଳି ପରିସ୍ଥିତିରେ ଆର୍ଡିସିଙ୍କ ତଦନ୍ତ ରିପୋର୍ଟକୁ ନେଇ ଏବେ ନଜର ରହିଛି।

## ୟୋନେକ୍ସ-ସନରାଇଜ ସମ୍ବଲପୁର ଜିଲ୍ଲା ବ୍ୟାଡ଼ମିଂଟନ ଚାମ୍ପିୟାନସିପ ଉଦ୍‌ଯାପିତ : ପୁରୁଷ ସିଙ୍ଗିଲ୍ସରେ ଆରଣ୍ୟକ ଦାସ ଓ ମହିଳା ସିଙ୍ଗିଲ୍ସରେ ଲିଜୁନ ସ୍ୱାଇଁ ଚମ୍ପିୟାନ

ସମ୍ବଲପୁର,୦୫/୧୦ (ନି.ପ୍ର): ସମ୍ବଲପୁର ଜିଲ୍ଲା ବ୍ୟାଡ଼ମିଂଟନ ସଂଘ ପକ୍ଷରୁ ସମ୍ବଲପୁର ଜିଲ୍ଲା ବ୍ୟାଡ଼ମିଂଟନ ଚାମ୍ପିୟାନସିପ ବିଜୁ ପଟ୍ଟନାୟକ ମଲ୍ଟି ପରପଜ ଇଣ୍ଡୋର ଷ୍ଟାଡିଅମ, ବୁର୍ଲା ଠାରେ ଉଦ୍‌ଯାପିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ଉଦଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ବୁର୍ଲା ଏମସିଏଲର ଅର୍ଥ ବିଭାଗ ଜିଏମ୍ ସଞ୍ଜୟ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ପୂର୍ବତନ ଖେଳାଳି ଦେବେନ୍ଦ୍ର ମିଶ୍ର, ଭିସୁଟ, ବୁର୍ଲା ସହକାରୀ ପ୍ରଫେସର ଡ଼. ପ୍ରିୟଦର୍ଶୀ ତାପସ ରଞ୍ଜନ ସ୍ୱାଇଁ ଓ ମାନଭଞ୍ଜନ ପଣ୍ଡା, ଏମସିଏଲ ଅଧିକାରୀ ସରୋଜ କୁମାର ସୋରେନ, ନନ୍ଦ କିଶୋର, ସମ୍ବଲପୁର ଜିଲ୍ଲା ଉପସଭାପତି ପ୍ରବୀଣ ବେହେରା, ଟୁର୍ନାମେଂଟ ମ୍ୟାଚ ରେଫରୀ ଲକ୍ଷପତି ନନ୍ଦ, ଟୁର୍ନାମେଂଟ ସଂଯୋଜକ ଅଭିଷେକ ବିଶ୍ୱାସ ଓ ରାଜେଶ ଶର୍ମା ପ୍ରମୁଖ ଯୋଗ ଦେଇଥିଲେ । ଜାତୀୟ ସ୍ତରୀୟ ଅମ୍ପାୟାର ଟିକେଶ୍ୱର ସାହୁଙ୍କର ସଂଯୋଜନାରେ ଆୟୋଜିତ ଉଦ୍ଘାଟନୀ ସଭାରେ ଅତିଥି ମାନେ କହିଥିଲେ ଯେ, ନିଜକୁ ସୁସ୍ଥ ମାନସିକ ସ୍ତରରେ ସୁସ୍ଥ ରଖିବା ପାଇଁ କ୍ରୀଡାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ଏହି ଟୁର୍ନାମେଂଟରେ ସମ୍ବଲପୁର ଜିଲ୍ଲା ର କୁଚିଣ୍ଡା, ହୀରାକୁଦ, ରେଢ଼ାଖୋଲ, ରେଙ୍ଗାଲି, ବୁର୍ଲା ଓ ସମ୍ବଲପୁରର ୨୩୨ ଜଣ ବାଳକ ଓ ବାଳିକା ଖେଳାଳି ଅଂଶଗ୍ରହଣ କରିଛନ୍ତି, ଯେଉଁଥିରେ ବାଳକ ଓ ବାଳିକା ବିଭାଗର ୯, ୧୧, ୧୩, ୧୫, ୧୭ ଓ ୧୯ ବର୍ଷରୁ କମ୍ ତଥା ସିନିଅର ବର୍ଗରେ ପ୍ରତିଯୋଗିତା ଗୁଡିକ ଆୟୋଜିତ ହୋଇଥିଲା । ଏହି ପ୍ରତିଯୋଗିତାରେ ବିଭିନ୍ନ ବର୍ଗରେ ୨୪ ଗୋଟି ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଶେଷରେ ଅତିଥି ମାନଙ୍କ ଦ୍ୱାରା ବିଜେତା ଓ ଉପ ବିଜେତା ଖେଳାଳି ମାନଙ୍କୁ ପୁରସ୍କୃତ କରାଯାଇଥିଲା । ଆୟୋଜିତ ପ୍ରତିଯୋଗିତାରେ ବିଶେଷ ଭାବରେ ପୁରୁଷ (ସିନିଅର) ବର୍ଗରେ ଆରଣ୍ୟକ ଦାସ ବିଜୟୀ ହୋଇଥିବା ବେଳେ ରେହାନ ପ୍ରଧାନ ରନର୍ସ ଅପ୍ ହୋଇଥଲେ । ମହିଳା (ସିନିଅର ) ବର୍ଗରେ ଲିଜୁନ ସ୍ୱାଇଁ ବିଜେତା ଓ ସାନଭି ଗଥାନି ରନର୍ସ ଅପ୍ ହୋଇଥିଲେ ।

## ବରିଷ୍ଠ ପୂଜକଙ୍କ ଦେହାନ୍ତ : ସ୍ଥାନୀୟ ଅଂଚଳରେ ଶୋକ

ଧର୍ମଶାଳା,୦୫/୧୦ (ନି.ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ ମଙ୍ଗରାଜପୁର ପଂଚାୟତ ମଙ୍ଗରାଜପୁର ଗ୍ରାମର ବରିଷ୍ଠ ପୂଜକ ଦୀନବନ୍ଧୁ ପଣ୍ଡାଙ୍କର ପରଲୋକ ଘଟିଛି । ପରଲୋକ ବେଳକୁ ତାଙ୍କୁ ୭୬ବର୍ଷ ବୟସ ହୋଇଥିଲା । ସେ ସବୁ ଦିନ ପରି ସକାଳୁ ଘର ନିଟକସ୍ଥ ନଦୀ ବନ୍ଧରୁ ଫୁଲ ତୋଳିବାକୁ ଯାଇଥିଲେ । ଫୁଲ ତୋଳି ଫେରିବା ପରେ ସେ ହଠାତ୍ ଅସୁସ୍ଥ ଅନୁଭବ କରିବାରୁ ତୁରନ୍ତ ଘର ଫେରି ଆସିଥିଲେ । ଘରେ ପଂହଚିବାର କିଛି ସମୟ ପରେ ସେ ଟଳି ପଡିଥିଲେ । ପରିବାର ଲୋକେ ତାଙ୍କୁ ତୁରନ୍ତ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମେଡିକାଲ ପକ୍ଷରୁ ଏହି ମୃତ ଖବର ବ୍ରହ୍ମବରଦା ଥାନାକୁ ଦିଆ ଯାଇଥିଲା । ପୁଲିସ ମେଡିକାଲରେ ପଂହଚି ଏକ ମାମଲା ରୁଜୁ କରିବା ସହିତ ଶବ ବ୍ୟବଚ୍ଛେଦ ପରେ ପରିବାରକବର୍ଗଙ୍କୁ ହସ୍ତାନ୍ତରିତ କରି ଥିଲା । ତାଙ୍କ ମରଶରୀର ମଙ୍ଗରାଜପୁରସ୍ଥ ବାସଭବନଠାରେ ପଂହଚିବା ପରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା ।

# ବନ୍ୟାରେ କ୍ଷତିଗ୍ରସ୍ତ ଚାଷ ଜମିର କ୍ଷୟକ୍ଷତି ଆକଳନ କଲେ ସଦର ବିଧାୟକ ମାନସ ଦତ୍ତ: ଚାଷୀଙ୍କୁ ଶୀଘ୍ର ସହାୟତା ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ



ବାଲେଶ୍ୱର, ୦୫/୧୦ (ନି.ପ୍ର): ବନ୍ୟା ଯୋଗୁଁ ବାଲେଶ୍ୱର ସଦର ଅଞ୍ଚଳରେ ବ୍ୟାପକ ଭାବେ ପ୍ରଭାବିତ ହୋଇଥିବା ଚାଷ ଜମି ଓ ଫସଲର କ୍ଷୟକ୍ଷତି ଆକଳନ ପାଇଁ ସଦର ବିଧାୟକ ଶ୍ରୀ ମାନସ କୁମାର ଦତ୍ତ ତହସିଲଦାର ଓ ବ୍ଲକ କୃଷି ଅଧିକାରୀଙ୍କ ସହ ବୁଆଁଳ ଓ ନଗ୍ରମ ପଞ୍ଚାୟତର ବିଭିନ୍ନ ଚାଷ ଜମି ପରିଦର୍ଶନ କରିଛନ୍ତି। ଲଗାତାର ବନ୍ୟା ଓ ବର୍ଷା ଯୋଗୁଁ ଅନେକ ଅଞ୍ଚଳରେ ଚାଷ ଜମି ଦୀର୍ଘ ସମୟ ଧରି ଜଳମଗ୍ନ ରହିବାରୁ ଧାନ ସମେତ ବିଭିନ୍ନ ଫସଲ ନଷ୍ଟ ହୋଇଛି। ଚାଷ ଜମିରେ ପାଣି ଜମି ରହିବା ଫଳରେ ଅନେକ ଚାଷୀଙ୍କ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହେବା ସହ ଆଉ କେତେକ ସ୍ଥାନରେ ଫସଲର ବ୍ୟାପକ କ୍ଷତି ଘଟିଛି। ଫଳରେ ଚାଷୀମାନେ ଚଳିତ ଋତୁର ଫସଲ ହରାଇ ଆର୍ଥିକ କ୍ଷତିର ସମ୍ମୁଖୀନ ହୋଇଛନ୍ତି। ପରିଦର୍ଶନ ସମୟରେ ବିଧାୟକ ଶ୍ରୀ ଦତ୍ତ କ୍ଷତିଗ୍ରସ୍ତ ଚାଷୀମାନଙ୍କ ସହ ଆଲୋଚନା କରି ଫସଲର ବାସ୍ତବ କ୍ଷୟକ୍ଷତି, ଚାଷ ଜମିର ସ୍ଥିତି ଏବଂ ବନ୍ୟା ପାଣି ଯୋଗୁଁ ହୋଇଥିବା କ୍ଷତି ସମ୍ପର୍କରେ ସିଧାସଳଖ ତଥ୍ୟ ସଂଗ୍ରହ କରିଥିଲେ। ବିଧାୟକ କହିଛନ୍ତି ଯେ, ବନ୍ୟାରେ ଫସଲ ନଷ୍ଟ ହେବା ଚାଷୀଙ୍କ ପାଇଁ କେବଳ ଏକ ଫସଲର କ୍ଷତି ନୁହେଁ, ଏହା ତାଙ୍କର ଅନେକ ମାସର ପରିଶ୍ରମ ଓ ଆର୍ଥିକ ଆଶାର କ୍ଷତି। ଏହି ପରିପ୍ରେକ୍ଷୀରେ କ୍ଷତିଗ୍ରସ୍ତ ପ୍ରତ୍ୟେକ ଚାଷ ଜମିର ବାସ୍ତବ ସ୍ଥିତି ଅନୁଧ୍ୟାନ କରି ତୁରନ୍ତ ଓ ସଠିକ୍ ଭାବେ କ୍ଷୟକ୍ଷତି ଆକଳନ କରିବାକୁ ବିଧାୟକ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ସରକାରୀ ନିୟମ ଅନୁଯାୟୀ ଯୋଗ୍ୟ ଓ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ଶୀଘ୍ର ସହାୟତା ପ୍ରଦାନ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ କହିଛନ୍ତି। ବିଧାୟକ ଶ୍ରୀ ଦତ୍ତ କହିଛନ୍ତି ଯେ ରାଜ୍ୟ ସରକାର ଚାଷୀଙ୍କ ସ୍ୱାର୍ଥ ଓ ସୁରକ୍ଷା ପ୍ରତି ପ୍ରତିବଦ୍ଧ। କ୍ଷୟକ୍ଷତିର ସଠିକ୍ ଆକଳନ ହେବା ପରେ ନିୟମାନୁସାରେ ଚାଷୀଙ୍କୁ ଆବଶ୍ୟକ ସହାୟତା ଯୋଗାଇଦେବା ଆମର ପ୍ରାଥମିକତା। ବନ୍ୟା ପରେ ଚାଷୀଙ୍କ ଫସଲ କ୍ଷୟକ୍ଷତିର ଆକଳନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରି କ୍ଷତିଗ୍ରସ୍ତ ଚାଷୀଙ୍କ ପାଖରେ ସରକାରୀ ସହାୟତା ଶୀଘ୍ର ପହଞ୍ଚାଇବା ଉପରେ ଗୁରୁତ୍ୱ ଦିଆଯାଉଛି। ଏହି ଅବସରରେ ଜିଲ୍ଲା ପରିଷଦ ସଦସ୍ୟ ଗୟାଧର ବେହେରା, ସରପଞ୍ଚ ଜିତେନ ଜେନା ଓ ବନିତା ଭୂୟାଁ, ସମିତି ସଭ୍ୟ ରଞ୍ଜନ ପାଣି ଓ ମାୟାଧର ମହାଳିକ, ନାଏବ ସରପଞ୍ଚ ସୁଜାତା ଦାସ, ରବିନାରାୟଣ ମହାପାତ୍ର, କାହ୍ନୁ ମହାଳିକ, ଶ୍ରୀକାନ୍ତ ମହାପାତ୍ର, ସର୍ବେଶ୍ୱର ମହାନ୍ତି, ପିତାମ୍ବର ଭୂୟାଁ, ସୁଶାନ୍ତ ମହାପାତ୍ର, ସୁଶାନ୍ତ ନାୟକ, ସଂଗୀତା ସିଂ, ମେଘରାଇ ହାଂସଦା, ମୁରଲୀ ମହାପାତ୍ର, ଜନ୍ମଞ୍ଜୟ ମହାପାତ୍ର, ଗଜେନ୍ଦ୍ର ଜେନା, କାବୁଲି ପାଢ଼ୀ, ନିରଞ୍ଜନ ପଣ୍ଡା, ମନ୍ମଥ ମିସ୍ତ୍ରୀ, ବାପି ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଭିଜିଲାନ୍ସ ଜାଲରେ...

ହୋଇଥିବା କୋଠା, ଫାର୍ମହାଉସ୍ ଓ ପ୍ଲଟ୍‌ଗୁଡ଼ିକର ମାପଚୁପ ସହ ମୂଲ୍ୟାୟନ କାର୍ଯ୍ୟ ଭିଜିଲାନ୍ସର ଟେକ୍ନିକାଲ ୱିଙ୍ଗ୍ ପକ୍ଷରୁ ଜାରି ରହିଛି। ଚଢ଼ଉ ବେଳେ ନଗଦ ୨ ଲକ୍ଷ ୭୭ ହଜାର ଟଙ୍କା ମଧ୍ୟ ଜବତ ହୋଇଛି। ଏହାଛଡ଼ା ଶ୍ରୀ ମହାନ୍ତିଙ୍କ ପତ୍ନୀଙ୍କ ନାମରେ ଥିବା ଗୋଟିଏ ଏବଂ ଜଣେ ସହଯୋଗୀଙ୍କ ନାମରେ ଥିବା ଆଉ ଗୋଟିଏ ଲକରର ସନ୍ଧାନ ମିଳିଛି। ବିଭିନ୍ନ ବ୍ୟାଙ୍କ ଜମା ଓ ଅନ୍ୟାନ୍ୟ ଆର୍ଥିକ ନିବେଶ ସମ୍ପର୍କରେ ମଧ୍ୟ ଭିଜିଲାନ୍ସ ପକ୍ଷରୁ ତଥ୍ୟ ଯାଞ୍ଚ କରାଯାଉଛି। ଚଢ଼ଉ ବେଳେ ଗୋଟିଏ ବ୍ରେଜା କାର ସମେତ ୨ଟି ଦୁଇଚକିଆ ଯାନ ମଧ୍ୟ ଠାବ ହୋଇଛି। ସମ୍ପତ୍ତିର ମାପଚୁପ, ମୂଲ୍ୟାୟନ ଓ ଅନ୍ୟାନ୍ୟ ଯାଞ୍ଚ ଜାରି ରହିଥିବା ବେଳେ ଚଢ଼ଉ ଶେଷ ହେବା ପରେ ଅଧିକ ତଥ୍ୟ ସାମ୍ନାକୁ ଆସିବ ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି।

### କ୍ୟାମ୍ପସରେ ବାଜିଲା...

ଦୀର୍ଘ ସମୟ ପରେ କଲେଜଗୁଡ଼ିକରେ ଛାତ୍ର ସଂସଦ ନିର୍ବାଚନ ହେବାକୁ ଥିବାରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ସାହ ବଢ଼ିଛି। ବିଭିନ୍ନ ଛାତ୍ର ସଂଗଠନ ମଧ୍ୟ ନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି।

### ନଭେମ୍ବର ୩ ପରେ...

ଏବଂ ପୂର୍ବରୁ ମୁତୟନ ପ୍ରାୟ ୫୦ ହଜାର ଆମେରିକୀୟ ସୈନିକ ରହିଛନ୍ତି। ଏହି ବିପୁଳ ସାମରିକ ମୁତୟନ ଟ୍ରମ୍ପଙ୍କୁ ଅଧିକ ବିକଳ୍ପ ଦେବ ବୋଲି ପେଣ୍ଟାଗନ୍ କହିଛି। ଇରାନ ପକ୍ଷରୁ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ଖୋଲିବା ଏବଂ ପରମାଣୁ ଆଲୋଚନା ଆରମ୍ଭ କରିବା ନେଇ ଯୁଦ୍ଧବିରତି ପ୍ରସ୍ତାବ ଦିଆଯାଇଥିବା କୁହାଯାଉଛି। କିନ୍ତୁ ଏହାକୁ ଟ୍ରମ୍ପ ପର୍ଯ୍ୟାପ୍ତ ମନେ କରୁନାହାନ୍ତି। ଉଭୟ ଦେଶ ଯୁଦ୍ଧ ଯୋଗୁ ଆର୍ଥିକ କ୍ଷତି ସହୁଥିବା ବେଳେ ତେଲ ଦର ବୃଦ୍ଧି ଏବଂ ଇରାନର ବନ୍ଦରଗୁଡ଼ିକ ଉପରେ ନାକାବନ୍ଦୀର ପ୍ରଭାବ ମଧ୍ୟ ବଢୁଛି। ତେବେ ନଭେମ୍ବର ନିର୍ବାଚନ ପରେ ଟ୍ରମ୍ପ କଣ ନିଷ୍ପତ୍ତି ନେବେ, ତାହା ଏବେ ବଡ଼ ପ୍ରଶ୍ନ। ସେ ପୁଣି ହାଇଆକ୍ରମଣ ବଢାଇବେ ନା କୂଟନୀତିର ରାସ୍ତା ବାଛିବେ, ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ନୁହେଁ। ତିନିଟି ବିମାନବାହୀ ଯୁଦ୍ଧଜାହାଜର ଉପସ୍ଥିତି କେବଳ ଆକ୍ରମଣ ପାଇଁ ନୁହେଁ, ବରଂ ପ୍ରତିରକ୍ଷା ଓ ଚାପ ସୃଷ୍ଟି ପାଇଁ ମଧ୍ୟ ହୋଇପାରେ ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି। ତେଣୁ ନଭେମ୍ବର ପରେ ଇରାନ-ଆମେରିକା ଯୁଦ୍ଧ କେଉଁ ଦିଗକୁ ଯିବ, ତାହା ଉପରେ ସାରା ବିଶ୍ୱର ନଜର ରହିଛି।

### ଲିଗାଲ ହେୟାର ସାର୍ଟିଫିକେଟ ...

ଏହାପରେ ଖୋର୍ଦ୍ଧା ବୁଢ଼ୀବଗିଚାସ୍ଥିତ ତାଙ୍କ ଭଡ଼ା ଘରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ ଜାରି ରହିଛି। ଅନ୍ୟପକ୍ଷରେ ଅଭିଯୁକ୍ତ ନିରଞ୍ଜନ ସିଂଙ୍କୁ ଭୁବନେଶ୍ୱର ପୁରୁଣା ପାସପୋର୍ଟ ଅଫିସ୍ ନିକଟସ୍ଥ ଭିଜିଲାନ୍ସ କାର୍ଯ୍ୟାଳୟରେ ଅଟକ ରଖାଯାଇଛି। ଚଢ଼ାଉ ଓ ତଦନ୍ତ ଶେଷ ହେବା ପରେ ଘଟଣା ସମ୍ପର୍କରେ ଅଧିକ ତଥ୍ୟ ସ୍ପଷ୍ଟ ହେବ।

### ଏସଆଇଆରକୁ ନେଇ...

ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ । ସେପ୍ଟେମ୍ବର ୩୦ରେ ୧୯ଟି ବିରୋଧୀ ଦଳର ବୈଠକ ପରେ ଅକ୍ଟୋବର ୬ରେ ନିର୍ବାଚନ କମିଶନଙ୍କ ନିକଟକୁ ଯିବା ପାଇଁ ନିଷ୍ପତ୍ତି ହୋଇଥିଲା। ଏହାସହ ରାଷ୍ଟ୍ରପତିଙ୍କୁ ଭେଟି ଏସଆଇଆର ଓ ଭୋଟର ତାଲିକା ସମ୍ପର୍କିତ ଅଭିଯୋଗ ଉଠାଇବାକୁ ମଧ୍ୟ ଯୋଜନା ହୋଇଥିଲା । ଏପଟେ ଏସଆଇଆର ପ୍ରସଙ୍ଗକୁ ନେଇ କଂଗ୍ରେସ ନିଜର ଆନ୍ଦୋଳନକୁ ଆହୁରି ଜୋରଦାର କରିବାକୁ ଯୋଜନା କରିଛି । ସୋମବାର କଂଗ୍ରେସର ଏକ ବଡ଼ ବୈଠକ ବସିଥିଲା । ବୈଠକରେ ରାହୁଲ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଓ ବରିଷ୍ଠ ନେତାମାନେ ଉପସ୍ଥିତ ଥିଲେ । ବୈଠକରେ ରାହୁଲ ଗାନ୍ଧୀ ନେତା ଓ କର୍ମୀଙ୍କୁ ଏସଆଇଆର ପ୍ରସଙ୍ଗକୁ ଗାଁ ଗାଁରେ ପହଞ୍ଚାଇବାକୁ କହିଥିବା ଜଣାପଡ଼ିଛି। ଭୋଟର ତାଲିକା ଓ ଭୋଟ ଚୋରି ପ୍ରସଙ୍ଗରେ ଲୋକଙ୍କୁ ସଚେତନ କରିବାକୁ ସେ ଆହ୍ୱାନ ଦେଇଛନ୍ତି। ଏହି ଆନ୍ଦୋଳନ କେବଳ ଗୋଟିଏ ଦିନରେ ସୀମିତ ନରହି ଆଗକୁ ଜାରି ରହିବ ବୋଲି କଂଗ୍ରେସ କହିଛି । କଂଗ୍ରେସ ସଂଗଠନ ସାଧାରଣ ସମ୍ପାଦକ କେସି ଭେନୁଗୋପାଳ କହିଛନ୍ତି ଯେ ନିର୍ବାଚନ କମିଶନଙ୍କ ବିରୋଧରେ ଦଳ ଦେଶବ୍ୟାପୀ ଅଭିଯାନ ଚଳାଇବ। ଏହି ଅଭିଯାନର ସ୍ଲୋଗାନ ରହିବ 'ଭୋଟ ବଚାଅ, ଦେଶ ବଚାଅ'। ଅକ୍ଟୋବର ୬ରୁ 'ଦିଲ୍ଲୀ ଚଲୋ ଯାତ୍ରା' ଆରମ୍ଭ ହେବ । ଏହାପରେ ଅକ୍ଟୋବର ୧୦ରୁ ୨୦ ତାରିଖ ମଧ୍ୟରେ 'ଦେଶ ବଞ୍ଚାଅ, ଭୋଟ ବଞ୍ଚାଅ' ଅଭିଯାନ ଚାଲିବ ।

# ଓୟୁଜେ ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ନିଷ୍ପତ୍ତି: ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ




ବାଲେଶ୍ୱର, ୦୫/୧୦ (ନି.ପ୍ର): ରାଜ୍ୟର ସାମ୍ବାଦିକଙ୍କ ଦାବୀ ପୂରଣ ନ ହେବା ପର୍ଯ୍ୟନ୍ତ ଓଡ଼ିଶା ସାମ୍ବାଦିକ ୟୁନିଅନର ତାର ସଂଗ୍ରାମ ଜାରି ରଖିବ ବୋଲି ବାଲେଶ୍ୱର ଜିଲ୍ଲା ର ଚାନ୍ଦିପୁର ଠାରେ ଆୟୋଜିତ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ରେ ନିଷ୍ପତ୍ତି ନିଆଯାଇଛି। ଏହି ନିଷ୍ପତ୍ତିକୁ ରାଜ୍ୟର ୩୦ ଟି ଜିଲ୍ଲା ରୁ ଆସିଥିବା ୪୦୦ ଜଣ ସଦସ୍ୟ ଓ ପ୍ରତିନିଧି ଏକ ସ୍ୱରରେ ସମର୍ଥନ ଜଣାଇଛନ୍ତି। ବାଲେଶ୍ୱର ଜିଲ୍ଲା ର ଚାନ୍ଦିପୁର ବେଳାଭୂମି ସ୍ଥିତ ହୋଟେଲ ଇଣ୍ଟର ନ୍ୟାସନାଲ ଟୁରିଜିମ ରିସୋର୍ଟ ସମ୍ମିଳନୀ କକ୍ଷରେ ୟୁନିଅନର ରାଜ୍ୟ ସଭାପତି ପ୍ରସନ୍ନ କୁମାର ମହାନ୍ତି ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ବୈଠକ ରେ ବହୁ ଗୁରୁତ୍ୱ ପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଏହି ଦୁଇ ଦିନିଆ କାର୍ଯ୍ୟକାରିଣୀ ବୈଠକ ରେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଜିଲ୍ଲା ଯୋଜନା ବୋର୍ଡ ର ଅଧକ୍ଷ ପଦ୍ମଲୋଚନ ପଣ୍ଡା, ସରକାରୀ ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ ,ବିଧାୟକ ମାନସ କୁମାର ଦତ୍ତ ,ବିଜେପି ଉତ୍ତର ବାଲେଶ୍ୱର ଜିଲ୍ଲା ସଭାପତି ତଥା ପ୍ରଭାରୀ ଉମାକାନ୍ତ ମହାପାତ୍ର ,ଶିଳ୍ପପତି ସଂଗ୍ରାମ କୁମାର ଦାସ, ୟୁନିଅନର ସାଧାରଣ ସମ୍ପାଦକ କିଶନ ରାଉତ ପ୍ରମୁଖ ଯୋଗଦେଇ ସାମ୍ବାଦିକଙ୍କ ଦାବୀ ଓ ସମସ୍ୟା ଉପରେ ବିଶେଷ ଭାବେ ଗୁରୁତ୍ୱ ଆରୋପ କରିଥିଲେ। ଦାବି ହାସଲ ପାଇଁ ଅହରହ ଲଢେଇ ଓ ସଂଗ୍ରାମ ସହ ସଧାରଣ ଜନତାଙ୍କ ବିଶ୍ୱାସ ଏବଂ ଭରସା କୁ ବଜାୟ ରଖିବା ସାମ୍ବାଦିକଙ୍କ ଗୁରୁଦାୟିତ୍ୱ ରହିବା ଦରକାର ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଯେତେବେଳ ଜନତା ପ୍ରଶାସନ ଓ ରାଜନେତାଙ୍କ ଉପରୁ ଭରସା ହରାଇ ମୁଁହ ଫେରାଇ ନିଏ ସେତେବେଳେ ହିଁ ସାମ୍ବାଦିକ ଟି ତାଙ୍କ ପାଇଁ ଦେବ ଦୂତ ଭଳି ବିଶ୍ୱାସ ର ସହ କାର୍ଯ୍ୟ କରିଥାଏ। ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ହିଁ ପାଉଁଶ ତଳର ନିଆଁ ଭଳି କାର୍ଯ୍ୟ କରୁଥିବାରୁ ଦେଶରେ ଗଣତନ୍ତ୍ରର ମର୍ଯ୍ୟାଦା ଅକ୍ଷୁର୍ଣ୍ଣ ରହିଛି। ଗଣ ମାଧ୍ୟମ ରେ କାର୍ଯ୍ୟକରୁଥିବା ବନ୍ଧୁ ମାନେ ତାଙ୍କ ପ୍ରତିଥିବା ସମାଜ ର ବିଶ୍ୱାସ ଯେଭଳି ତ୍ରୁଟି ନଯାଏ ସେଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ ବୋଲି ବକ୍ତା ମାନେ ପରାମର୍ଶ ଦେଇଥିଲେ। ଓୟୁଜେ ଖାଲି ସାମ୍ବାଦିକ ଙ୍କ ଦାବି ହାସଲ ପାଇଁ କାର୍ଯ୍ୟ କରେ ନାହିଁ ବରଂ ଏହାର ଆଦର୍ଶ ହେଉଛି ସାମାଜିକ ଦାୟିତ୍ୱ ବୋଧତା ପାଳନ କରିବା। ଆଗାମୀ ବଂଶଧର ଓ ଯୁବ ସମାଜକୁ ସଚେତନ କରିବା, ସ୍ୱାଧୀନତା ସଂଗ୍ରାମୀ ଓ ବରପୁତ୍ର ଙ୍କୁ ସ୍ମରଣ କରାଇବା ଓଡ଼ିଆ ଭାଷା ସାହିତ୍ୟ ଓ ଅସ୍ମିତା କୁ ବଜାୟ ରଖିଥିବାରୁ ରାଜ୍ୟରେ ଓୟୁଜେ ଅଗ୍ରଣୀ ସାମ୍ବାଦିକ ସଂଗଠନ ର ସୁନାମ ବଜାୟ ରଖିଛି ବୋଲି ବକ୍ତା ମାନେ କହିଥିଲେ। ମଞ୍ଚ ଆବାହନ ବରିଷ୍ଠ ସଦସ୍ୟ ଶିଶିର କୁମାର ଦାସ କରିଥିବା ବେଳେ ସ୍ୱାଗତ ଭାଷଣ ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ରାମନାରାୟଣ ଶତପଥି, ପ୍ରାକ୍ ଅଭିଭାଷଣ ସଭାପତି ଗଙ୍ଗାଧର ରାଉତ ଓ ଧନ୍ୟବାଦ ସାଧାରଣ ସମ୍ପାଦକ ବିବେକାନନ୍ଦ ଦାସ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଓୟୁଜେ ଜୋନାଲ ସମ୍ପାଦକ ରବିନ୍ଦ୍ର କୁମାର ମହାକୁଡ଼, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅନାମ ଚରଣ ପଣ୍ଡା , ବରିଷ୍ଠ ସଦସ୍ୟ ମଧୁସୂଦନ ଦାସ, ତୃପ୍ତିକାନ୍ତ ପାଢ଼ୀ, ଉତ୍କଳ ବନ୍ଧୁ ପଣ୍ଡା, ଅରୂପ କୁମାର ଦାସ, କହ୍ନେଇ ଚରଣ ପ୍ରଧାନଙ୍କ ସମେତ ଅନ୍ୟ ସଦସ୍ୟ ମାନେ ପରିଚାଳନା କରିଥିଲେ।

## ବିଷ ପାନ କରି ମହିଳାଙ୍କ ମୃତ୍ୟୁ

ଜୟପୁର, ୦୫/୧୦ (ନି.ପ୍ର): ବିଷ ପାନ କରି ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି । ମୃତ ମହିଳା ଜଣକ ହେଲେ ଜୟପୁର ସଦର ଥାନା ଅନ୍ତର୍ଗତ ଜବାକନାଡି ଗ୍ରାମର ଦେବକି ଡୁରୁ । ସୁଚନା ଅନୁଯାଇ ଜୟପୁର ସଦର ଥାନା ଅନ୍ତର୍ଗତ ଜବାକନାଡି ଗ୍ରାମର ଦେବକି ଡୁର ଗତ ୧୦ ବର୍ଷ ହେବ ବିବାହ କରିଥିଲେ। ଗତ ୨୯ ତାରିଖ ୧୨ ଟା ସମୟରେ କୌଣସି କାରଣରୁ ବିଷ ପାନ କରିଥିଲେ । ଏହା ଜାଣି ପରିବାର ଲୋକେ ଜୟପୁର ଜୟପୁର ସ୍ଥିତ ଜିଲା ମୁଖ୍ୟ ଚିକିସାଳୟରେ ଭର୍ତି କରିଥିଲେ । ଅବସ୍ଥା ଗୁରୁତର ହେବାରୁ କୋରାପୁଟ ସ୍ଥିତ ଶହଦି ଲକ୍ଷ୍ମ ନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତରିତ କରାଯାଇଥିଲା । ଚିକିସା ଧିନ ଅବସ୍ଥାରେ ମହିଳା ଙ୍କ ମୃତ୍ୟୁ ହୋଇଛି । ଏନେଇ ମହିଳା ଙ୍କ ମହିଳା ଙ୍କ ଭଉଣି ଜୟପୁର ସଦର ଥାନା ରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ କୁ ଭିତି କରି ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ବିଷୟ ଜୟପୁର ସଦର ଥାନା ଅଧିକାରି ସଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି ।

# ବେତନଟୀ ଡିଗ୍ରୀ କଲେଜରେ ଏବିଭିପି ପକ୍ଷରୁ ବିଧାୟକଙ୍କୁ ଦାବିପତ୍ର ପ୍ରଦାନ: ପ୍ରତିଶ୍ରୁତି ପରେ ବିକ୍ଷୋଭ ପ୍ରତ୍ୟାହୃତ



ବେତନଟୀ,୫/୧୦(ନି.ପ୍ର): ବେତନଟୀ ଡିଗ୍ରୀ ମହାବିଦ୍ୟାଳୟରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ପକ୍ଷରୁ ଛାତ୍ରଛାତ୍ରୀମାନଙ୍କ ବିଭିନ୍ନ ମୌଳିକ ସମସ୍ୟା ନେଇ ବଡ଼ସାହି ବିଧାୟକ ସନାତନ ବିଜୁଳିଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଏବିଭିପି ନେତୃତ୍ୱରେ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ସାମିଲ ହୋଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଦାବିଗୁଡ଼ିକ ମଧ୍ୟରେ ମୁଖ୍ୟତଃ ଛାତ୍ରଛାତ୍ରୀଙ୍କ ଆଡମିଶନ ଫି ଫେରସ୍ତ, ଛାତ୍ର ଓ ଛାତ୍ରୀମାନଙ୍କ ପାଇଁ ପୃଥକ ଶୌଚାଳୟ ବ୍ୟବସ୍ଥା, କଲେଜ ଜମିର ସରକାରୀ ରେକର୍ଡ ନାମାନ୍ତରଣ, କ୍ୟାମ୍ପସରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଏବଂ ଛାତ୍ର ସଂସଦ ନିର୍ବାଚନ ପୁନଃ ଆରମ୍ଭ କରିବା ଅନ୍ତର୍ଭୁକ୍ତ ଥିଲା। ମାନ୍ୟବର ବିଧାୟକ ଶ୍ରୀ ବିଜୁଳି ଛାତ୍ରଛାତ୍ରୀଙ୍କ ସମସ୍ତ ଯୁକ୍ତିଯୁକ୍ତ ଦାବିକୁ ଗ୍ରହଣ କରିବା ସହ ଖୁବ୍ ଶୀଘ୍ର ଏହାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବିଧାୟକ ପ୍ରକାଶ କରିଥିଲେ ଯେ, ପୂର୍ବରୁ ପ୍ରାୟ ଦୁଇରୁ ଅଢ଼େଇ କୋଟି ଟଙ୍କାର ଅନୁଦାନରେ କଲେଜର ଅନେକ ଉନ୍ନୟନମୂଳକ କାର୍ଯ୍ୟ ହୋଇଛି ଏବଂ ଆଗାମୀ ଦିନରେ ମଧ୍ୟ ଏହି ବିକାଶ ଧାରା ଅବ୍ୟାହତ ରହିବ। ବିଧାୟକଙ୍କ ସକାରାତ୍ମକ ଆଶ୍ୱାସନା ପରେ ଛାତ୍ରଛାତ୍ରୀମାନେ ନିଜର ଆନ୍ଦୋଳନ ପ୍ରତ୍ୟାହାର କରିଥିଲେ। ଏଥିସହିତ ଆଜି ରାଜ୍ୟ ସରକାରଙ୍କ ତରଫରୁ ରାଜ୍ୟର ପ୍ରତ୍ୟେକ ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ଅନୁଷ୍ଠିତ ହେବା ନେଇ ବିଧିବଦ୍ଧ ବିଜ୍ଞପ୍ତି (ନୋଟିଫିକେସନ୍) ପ୍ରକାଶ ପାଇବା ପରେ ଛାତ୍ରଛାତ୍ରୀ ମାନଙ୍କ ମହଲରେ ଖୁସିର ଲହରୀ ଖେଳିଯାଇଥିଲା। ଏହି ଐତିହାସିକ ନିଷ୍ପତ୍ତି ପାଇଁ ବେତନଟୀ ଡିଗ୍ରୀ ମହାବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ମାନ୍ୟବର ବିଧାୟକଙ୍କୁ କୃତଜ୍ଞତା ଓ ଧନ୍ୟବାଦ ଜଣାଇବା ସହ କଲେଜ ପରିସରରେ ଆତସବାଜି (ବାଣ) ଫୁଟାଇ ଉତ୍ସବ ପାଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏବିଭିପି ଶାଖା ସଭାପତି ନଳିନକାନ୍ତ ସିଂହ, ସମ୍ପାଦକ ଓମପ୍ରକାଶ ହେମ୍ବ୍ରମ, ଉପସଭାପତି ସରୋଜ କୁମାର ସାହୁ, ମଙ୍ଗଳ ସିଂହ, ସିଦ୍ଧାର୍ଥ ମାଝୀ, ଯୁଗ୍ମ ସମ୍ପାଦକ ଚନ୍ଦ୍ରାଇ ମାରାଣ୍ଡି, ମୋହିତ କୁମାର ଦାସ, ଆକାଶ କୁମାର ବାରିକ ଏବଂ ରାଜେଶ କୁମାର ମହାନ୍ତିଙ୍କ ସମେତ ଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ଆଶ୍ରୟ ଗୃହରେ ଥିବା ବୃଦ୍ଧଙ୍କ ମୃତ୍ୟୁ

ଜୟପୁର, ୦୫/୧୦ (ନି.ପ୍ର): ଜୟପୁର ସ୍ଥିତ ଜିଲା ମୁଖ୍ୟ ଚିକିସାଳୟ ରେ ଜଣେ ବୃଦ୍ଧ ଙ୍କ ଚିକିସାଧିନ ଅବସ୍ଥାରେ ମୃତ୍ୟୁ ହୋଇଛି । ମୃତ ବୃଦ୍ଧ ଜଣକ ହେଲେ ନକୁ ଜାନୀ (୬୨) । ସୂଚନା ଅନୁଯାଇ ବୃଦ୍ଧ ଜଣକ ଜୟପୁର ଦୈନିକ ବଜାରରେ ଉଦ୍ଧାର କରାଯାଇ ବିକାଶ ନିଳୟ ରେ ଆଶ୍ରୟ ଯତ୍ନ ପ୍ରଦାନ କରାଯାଇଥିଲା। ସେ ବିକାଶ ନିଳୟ ରେ ଦୀର୍ଘ ୬ ମାସ ହେବ ରହୁଥିଲେ । ତାଙ୍କ ବାୟସ ପାଖା (୬୨) ହେବ । ଗତ ୧ ତାରିଖରେ ଦେହ ଅସୁସ୍ଥ ହେବାରୁ ଜୟପୁର ସ୍ଥିତ ଜିଲା ମୁଖ୍ୟ ଚିକିସାଳୟରେ ଭର୍ତି କରିଥିଲେ । ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ବିକାଶ ନିଳୟ ରେ ମ୍ୟାନେଜର ବିରଞ୍ଚି ସେନାପତି ଅଭିଯୋଗ କରିଛନ୍ତି ।

# ଖାଦ୍ୟ ସୁରକ୍ଷାରୁ ବାଦ ପଡ଼ିଛନ୍ତି ଗରିବ ପରିବାରର ଛାତ୍ରଛାତ୍ରୀ



ଉଦଳା , ୦୫/୧୦ (ନି.ପ୍ର): ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ମାନଙ୍କରେ ଅଧ୍ୟୟନରତ ବହୁ ଗରିବ ପରିବାରର ଛାତ୍ର ଛାତ୍ରୀ ଖାଦ୍ୟ ସୁରକ୍ଷା ଯୋଜନାରୁ ବାଦ ପଡ଼ିଥିବାର ଖବର ଆମର ହସ୍ତଗତ ହୋଇଛି । ଉଦଳା ବ୍ଲକର ଖଲାଡ଼ି ପଂଚାୟତ ଅନ୍ତର୍ଗତ ନରହରିପୁର ଗ୍ରାମର ବାସିନ୍ଦା ସ୍ୱର୍ଗତଃ ହେମେନ୍ଦ୍ର ଟୁଡୁଙ୍କର ୧୬ ବର୍ଷ ବୟସର ପୁତ୍ର ସୁରେଶ ଟୁଡୁ ବର୍ତମାନ ରାଢ଼ୋଗ୍ରାମସ୍ଥିତ ଲୁଇପା କନିଷ୍ଠ ମହାବିଦ୍ୟାଳୟର +୨ ପ୍ରଥମବର୍ଷ କଳାର ଛାତ୍ର ଅଟନ୍ତି । ଖାଦ୍ୟ ସୁରକ୍ଷା ଯୋଜନାରୁ ସୁରେଶ ବାଦ ପଡ଼ିଥିବା ଯୋଗୁଁ ସରକାର ଯୋଗାଇ ଦେଉଥିବା ମୁଣ୍ଡପିଛା ୫ କିଗ୍ରା ଚାଉଳ ପାଇପାରୁନଥିବାର ଜଣାଇଛନ୍ତି । ପିଲାଟି ଦିନରୁ ସୁରେଶଙ୍କର ପିତା ଓ ମାତା ଉଭୟଙ୍କର ଦେହାନ୍ତ ହୋଇଯାଇଥିବାରୁ ସେ ସମ୍ପୂର୍ଣ୍ଣ ଅନାଥ ଅଟନ୍ତି । ସେହିପରି ଏହି ପଂଚାୟତର ବେଗୁନିଆଡ଼ିହା ଗ୍ରାମର ବାସିନ୍ଦା ହାଡ଼ିବନ୍ଧୁ ହାଁସଦାଙ୍କର ୨୧ବର୍ଷ ବୟସର କନ୍ୟା ସୁଚିତ୍ରା, ୧୮ବର୍ଷ ବୟସର ପୁତ୍ର ଜୟନ୍ତ ଓ ୧୩ ବର୍ଷ ବୟସର କନ୍ୟା ସୁଜାତା ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ପାଠପଢୁଛନ୍ତି । କିନ୍ତୁ ପରିବାରକୁ ମିଳିଥିବା ରାସନ କାର୍ଡ଼ରେ ନାମ ଯୋଡ଼ାଯାଇ ନଥିବାରୁ ସରକାର ଯୋଗାଇ ଦେଉଥିବା ମୁଣ୍ଡପିଛା ୫ କିଗ୍ରା ଚାଉଳ ପାଇବାରୁ ବଂଚିତ ଥିବାର ଜଣାଇଛନ୍ତି । ଏ ବାବଦରେ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟରେ ବାରମ୍ବାର ଗୁହାରି ଜଣାଇଥିଲେ ମଧ୍ୟ କେହି ଶୁଣୁନଥିବାର ଅଭିଯୋଗ କରିଛନ୍ତି । ତାଛଡ଼ା ଆଦିବାସୀ ଭାଇ ଭଉଣୀ ମାନଙ୍କର ସବୁପ୍ରକାର ସୁଖ ଦୁଃଖ ବୁଝିବା ପାଇଁ ଏଠାରେ ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟ କରୁଛି । ଯାହାର କାର୍ଯ୍ୟାଳୟ ଉଦଳାଠାରେ ରହିଛି । ଏହିସବୁ ଆଦିବାସୀ ଛାତ୍ର ଛାତ୍ରୀ ମାନଙ୍କର ଦୁଃଖ ବୁଝିବା ପାଇଁ ଉକ୍ତ ପ୍ରକଳ୍ପ ତତ୍ପରତା ପ୍ରକାଶ ନକରି କାହିଁକି ଚୁପମାରି ବସିଛି ବୋଲି ଅନେକ ପ୍ରଶ୍ନ ଉଠାଇଛନ୍ତି । ରାଜ୍ୟ ସରକାର ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ବହୁ ସ୍ୱେଚ୍ଛାସେବି ସଂଗଠନ ଅନୁରୋଧ ଜଣାଇଛନ୍ତି ।

# ବେତନଟୀ ଦୁର୍ଗାପୂଜା ଶାନ୍ତି କମିଟି ବୈଠକ



ବେତନଟୀ, ୦୫/୧୦ (ନି.ପ୍ର): ବେତନଟୀ ଦୁର୍ଗାପୂଜା ଶାନ୍ତି କମିଟି ବୈଠକ ଆଜି ଅପରାହ୍ନ ୫ଘଣ୍ଟା ସମୟରେ ସ୍ଥାନୀୟ ଧର୍ମଶାଳା ଠାରେ ଅନୁଷ୍ଠିତ ହୋଇଯାଇଛି । ବେତନଟୀ ପୋଲିସ ବିଭାଗ ଦ୍ୱାରା ଆହୁତ ୫ ଗୋଟି ପୂଜା କମିଟି ସମେତ ସ୍ଥାନୀୟ ସିଭିଲ ସୋସାଇଟି, ବରିଷ୍ଠ ନାଗରିକ ସଂଘ, ଓକିଲ ସଂଘ, ସମସ୍ତ ବିଦ୍ୟୁତ୍ ଓ ପ୍ରିଣ୍ଟ ମିଡିଆର ପ୍ରତିନିଧି ଗଣ ଏବଂ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ଆଦିର କମକର୍ତ୍ତା ଗଣ ସଭାରେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ବିଶେଷ ଭାବେ ଅଷ୍ଟମୀ ଠାରୁ ଦଶହରା ଓ ରାବଣ ପୋଡି ପର୍ଯ୍ୟନ୍ତ ଶାନ୍ତି ଶୃଙ୍ଖଳା ରକ୍ଷା ଓ ଡିଜେ ନ ବଜାଇ ପାରମ୍ପରିକ ବାଦ୍ୟ ବଜାଇବା ନିମନ୍ତେ ପୋଲିସ ଉପଖଣ୍ଡ ଅଧିକାରୀ ମିନତି ବିଶ୍ୱାଳ ଗୁରୁତ୍ୱାରୋପ କରିଥିଲେ । ଅତିରିକ୍ତ ତହସିଲଦାର ହିତାଂଶୁ ଜେନା ରାସ୍ତା ଅବରୋଧ ଓ ରାସ୍ତାରେ ଖାଲ ଖମାର ମରାମତି ସହ ଆଲୋକୀକରଣ ଉପରେ ଗୁରୁତ୍ୱ ଦେଇଥିଲେ । ଅତିରିକ୍ତ ବି.ଡ଼ି.ଓ ଗଗନ କୁମାର ବେହେରା ଚଣ୍ଡୀ ଛକ ଓ ହାଟଛକରେ ଅଚଳ ବିଦ୍ୟୁତ ଆଲୋକ ସଜାଡିବାକୁ ଚେଷ୍ଟା କରାଯିବାର ପ୍ରତିଶ୍ରୁତି ଦେଇଥିଲେ। ଏତଦବ୍ୟତୀତ ବର୍ଷା ବାଧକ ହେଲେ ,ମେଳା ଓ ମଣ୍ଡପ ଉପରେ ତାର ପ୍ରଭାବ, ଅଗ୍ନି ନିରାପତ୍ତା, ପାନୀୟଜଳର ବ୍ୟବସ୍ଥା, ପ୍ରତ୍ୟେକ ପୂଜା ମଣ୍ଡପରେ ସିସିଟିଭି କ୍ୟାମେରା ଲଗାଇବା, ବିଦ୍ୟୁତ ସୁରକ୍ଷା ବ୍ୟବସ୍ଥା, ବଜାରଠାରୁ ରାବଣ ପୋଡି ପର୍ଯ୍ୟନ୍ତ ଏବଂ ବଜାରର ରାସ୍ତା ପାର୍ଶ୍ୱରେ ଅସ୍ଥାୟୀ ଆଲୋକର ବ୍ୟବସ୍ଥା ଇତ୍ୟାଦି ସଂପର୍କରେ ବିଷଦ ଆଲୋଚନା କରାଯାଇଥିଲା । ବିଦ୍ୟୁତ ବିଭାଗ,ଅଗ୍ନିଶମ ବିଭାଗ ଭଳି ଅନ୍ୟ କେତେକ ସରକାରୀ କାର୍ଯ୍ୟାଳୟର ପ୍ରତିନିଧି ଯୋଗ ଦେଇ ନଥିବାରୁ ସେମାନଙ୍କୁ ଭାରପ୍ରାପ୍ତ ଥାନାଧିକାରୀ କ୍ରିଷ୍ଣା ପିଙ୍ଗୁଆ ଚିଠିକରି ଆଲୋଚନାର ସିଦ୍ଧାନ୍ତ ଓ କାର୍ଯ୍ୟକାରୀତା ସମ୍ବନ୍ଧରେ ଜଣାଇବାର ଦାୟିତ୍ୱ ନେବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

# ହାତିଆଡିହା ଶିବମୁନି ଯୋଗାଶ୍ରମରେ ଶୁଭ ଜନ୍ମଦିନ ପାଳନ

ରୂପସା , ୦୫/୧୦ (ନି.ପ୍ର): ହାତିଆଡିହା ଶିବମୁନି ଯୋଗାଶ୍ରମ ରେ,ଆଶ୍ରମର ବରିଷ୍ଠ ଯୋଗ ସାଧକ ଆତ୍ମଜ୍ଞାନୀ ଯୋଗୀ ପରମାନନ୍ଦ ମୁନି ଜୀ-ମୁନିରାଜ୍ଞୀ ଗୀତାଞ୍ଜଳୀ ବାରିକଙ୍କ ମଧ୍ୟମା ସୁ କନ୍ୟା ଆୟୁଷ୍ମତୀ ପ୍ରମୋଦିନୀ ବାରିକଙ୍କର ୪୭ ତମ ଶୁଭ ଜନ୍ମଦିନ ଏବଂ ମୁନି ରାଜ ଅନାଦୀ ବାରିକଙ୍କ ଆଦର୍ଶ ସୁ ପୁତ୍ର ମୁନି ଧନଞ୍ଜୟ ବାରିକଙ୍କ ୩୨ ତମ ଶୁଭ ଜନ୍ମଦିନ ପାଳନ,ଆଶ୍ରମର ବରିଷ୍ଠ ଆତ୍ମଜ୍ଞାନୀ ଯୋଗୀ ଭିକାରୀ ଚରଣ ମୁନିଜୀ ଙ୍କ,ସଭାପତିତ୍ୱରେ ମହା ସମାରୋହରେ ପାଳିତ ହୋଇଯାଇଛି ।ମୁନି ସଙ୍ଗୀତ ଗାନ କରିଥିଲେ,ମୁନିମତୀ ଯମୁନା ପାତ୍ର ମହୋଦୟା ।ଉପସ୍ଥିତ ଥିଲେ ମୁନି ମତୀ କାଞ୍ଚନ ସାହୁ,ମିନତୀ ବର,ପ୍ରମିଳା ବେହେରା,ଗଉରୀ ସାହୁ,ମୁନି ସତ୍ୟ ସେନାପତି,ମୁନି ଜଗଦିଶ ପରିଡ଼ା ପ୍ରମୁଖ ବହୁ ମୁନି ମୁନିମତୀ ମାନେ ।ପ୍ରଥମେ ସମୂହ ପ୍ରଣବ, ଶୁଭ ଭାବନା, ବେଦ ପାଠ, ଶାନ୍ତି ପାଠ କରାଯାଇ, ଉଭୟଙ୍କର ଦୀର୍ଘ ନିରୋଗ ନିରାମୟ ଆନନ୍ଦମୟ ଶାନ୍ତିମୟ ଜୀବନ ଯାପନ ର ସମୂହ ଶୁଭ ଆଶୀର୍ବାଦ ପ୍ରଦାନ କରାଯାଇଥିଲା। ମୁନି ସମାଜର ଯମ ନିୟମ ପାଳନ ପୂର୍ବକ,ପ୍ରତିଦିନ ଜଣେ ଯଦି କ୍ରୀୟାତ୍ମକ ଯୋଗ ସାଧନ କରି ଚାଲେ,ତେବେ ସେ ନିଶ୍ଚୟ ସର୍ବଦା ନିରୋଗ ନିରାମୟ ଆନନ୍ଦମୟ ଶାନ୍ତିମୟ ଜୀବନ ଯାପନ କରି ଚାଲିବ ହିଁ ଚାଲିବ ।ଶେଷରେ ପିତା ଯୋଗୀ ପରମାନନ୍ଦ ମୁନି,ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି ଏକାତ୍ମ ସ୍ୱାଦିଷ୍ଟ ସୁସ୍ୱାଦୁ ବ୍ୟଞ୍ଜନରେ ଆପ୍ୟାୟିତ କରିଥିଲେ।

# ସୁବର୍ଣ୍ଣରେଖା ସେବା ସଂଗଠନ ପକ୍ଷରୁ ଅନ୍ତେବାସୀଙ୍କୁ ରନ୍ଧନ ଖାଦ୍ୟ ବଣ୍ଟନ

ଲଙ୍ଗଳେଶ୍ୱର , ୦୫/୧୦ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ବାଲିକୁଟି ପଞ୍ଚାୟତ ଛଡା ଗ୍ରାମରେ ଥିବା ଶ୍ରଦ୍ଧା ବୃଦ୍ଧା ଆଶ୍ରମରେ ବାଲିଆପାଳ ସୁବର୍ଣ୍ଣରେଖା ସେବା ସଂଗଠନ ପକ୍ଷରୁ ଆଶ୍ରମରେ ରହୁଥିବା ଅନ୍ତେବାସୀ ଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦେଇଛନ୍ତି। ସଂଗଠନର ମୁଖ୍ୟ ସୁମନ୍ତ କୁମାର ଜେନାଙ୍କ ଚେଷ୍ଟା ସଦସ୍ୟ ମାନଙ୍କ ପରିଶ୍ରମ ବଳରେ ପେଟକୁ ଭଲିଏ ଖାଦ୍ୟ ଓ କିଛି ସମୟ ମିଶିବାରେ ଖୁସି ଦେଇଥିଲେ। କଳିଯୁଗର ମଣିଷ ମାନେ ନିଜେ ବଞ୍ଚିବା ପାଇଁ ଉଦ୍ୟମ କରୁଥିବା ବେଳେ ମା ବାପା କୁ ଅଣଦେଖା କରି ବୃଦ୍ଧାଶ୍ରମ ରେ ଛାଡି ଦେଉଥିବା ଫେସନ ହୋଇଗଲାଣି। ସଂଗଠନର ସଦସ୍ୟ ମାନେ ରବିବାର ଦିନ ଶ୍ରଦ୍ଧା ବୃଦ୍ଧାଶ୍ରମ ରେ ରୋଷେଇ କରି ଖାଇବାକୁ ଦେଇଥିଲେ । ବାଲିକୁଟି ପଂଚାୟତର ସରପଞ୍ଚ ଯଶୋଦା ମଣୀ ଧଳ, ସମିତି ସଦସ୍ୟ ସୁଚିସ୍ମିତା ଦେ, ସମାଜସେବୀ ରାଜେନ୍ଦ୍ର ଧଳ, ବିମଳ ଲୋଚନ ଦେ ସଂଗଠନ ର ସଦସ୍ୟ ପଙ୍କଜ କୁମାର ସାହୁ, ପର୍ଶୁରାମ ସାହୁ, ଜିତେନ୍ଦ୍ର ମହାନ୍ତି, ଅମନ ବିଶ୍ୱାଳ, ବିଶ୍ୱଜିତ ଦଳାଇ, ଜୟଦେବ ମଲ୍ଲିକ, ବଳରାମ ସାହୁ,ଲଳିତ ଭୁୟାଁ, ପ୍ରଶାନ୍ତ ଜେନା, ଅଶ୍ୱିନୀ ଧଳ, ମାନସ ରଞ୍ଜନ ପିଳା, ନକୁଳ ସିଂ ପ୍ରମୁଖ ସଦସ୍ୟ ଉପସ୍ଥିତ ରହିଥିଲେ।



ସୁବର୍ଣ୍ଣରେଖା ସେବା ସଂଗଠନର ଏହି ଭଳି ମହାନ କାର୍ଯ୍ୟକୁ ନେଇ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି ।

# ବିଶ୍ୱ ଗୁରୁଦିବସ ଉପଲକ୍ଷେ ପୂଜ୍ୟପୂଜା ଓ ଆତ୍ମଚିନ୍ତନ କାର୍ଯ୍ୟକ୍ରମ ଅନୁଷ୍ଠିତ



ନୀଳଗିରି, ୦୫/୧୦ (ନି.ପ୍ର): ଜ୍ଞାନ, ଶ୍ରଦ୍ଧା ଓ ସଂସ୍କାରର ଅମର ସେତୁ ହେଉଛି ଗୁରୁଶିଷ୍ୟ ସମ୍ପର୍କ। ଏହି ସମ୍ପର୍କକୁ ଉଦ୍ଜୀବିତ କରିବାପାଇଁ ଆଜି ବିଶ୍ୱଗୁରୁଦିବସ ଉପଲକ୍ଷେ ନୀଳଗିରିର ଅଗ୍ରଣୀ ସ୍ୱେଚ୍ଛାସେବୀ ଶିକ୍ଷାନୁଷ୍ଠାନ ଡିଭାଇନ ଏଜୁକେସନାଲ ଏଣ୍ଡ ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ଡିଭାଇନ ଟ୍ୟୁଟୋରିଆଲ୍ ପ୍ରାଙ୍ଗଣରେ ପୂଜ୍ୟପୂଜା ଓ ଆତ୍ମଚିନ୍ତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପ୍ରଦୀପ ପ୍ରଜ୍ଜଳନ ଓ ବେଦମନ୍ତ୍ରରୁ ଆରମ୍ଭ ହୋଇଥିବା କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ଓ ଦକ୍ଷ ଅବସରପ୍ରାପ୍ତ ଗୁରୁଜୀ ଗୁରୁମା ତଥା କାର୍ଯ୍ୟରତ ଗୁରୁଜୀ ଉପସ୍ଥିତରହି ଏହି ଆଲୋଚନାରେ ଅଂଶଗ୍ରହଣ କରିଥିଲ।ଗୁରୁ ଓ ଶିଷ୍ୟଙ୍କ ମଧ୍ୟରେ ଜ୍ଞାନ ଓ ଶ୍ରଦ୍ଧାର ସମ୍ପର୍କକୁ ସୁଦୃଢକରିବା ହେଉଛି ଏହି କାର୍ଯ୍ୟକ୍ରମର ମୁଖ୍ୟଉଦ୍ଦେଶ୍ୟ।ଟ୍ରଷ୍ଟର ପ୍ରତିଷ୍ଠାତା ତଥା ଡିଭାଇନ ଶିକ୍ଷାଅନୁଷ୍ଠାନର ଅଧ୍ୟକ୍ଷ ଶ୍ରୀଯୁକ୍ତ ସୁଶାନ୍ତ କୁମାର ମହାପାତ୍ର ଉକ୍ତ ସମାରୋହରେ ସ୍ୱାଗତ ଅଭିଭାଷଣ ଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଶିଷ୍ଟକବି ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ ଶରତ ଚନ୍ଦ୍ର ମହାପାତ୍ର, ମୁଖ୍ୟବକ୍ତା ଭାବେ ରତ୍ନାକର ଟାଉନ୍ ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ ବିନୋଦବିହାରୀ ପଣ୍ଡାଙ୍କ ସମେତ ବହୁ ମାନ୍ୟଗଣ୍ୟ ଓ ପ୍ରତିଭାଧାରୀ ଅଧିକାରୀ ଉପସ୍ଥିତରହି ଉପରୋକ୍ତ ପ୍ରସଙ୍ଗ ବିଷୟରେ ଆଲୋଚନା କରିଥିଲେ। ପରେ ଛାତ୍ରଛାତ୍ରୀମାନେ ନିଜର ମତାମତ ସହିତ ପ୍ରଶ୍ନଉତ୍ତର କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।ଆଜିର ସମାଜରେ ଗୁରୁ ଓ ଶିଷ୍ୟଙ୍କ ମଧ୍ୟରେ କିପରି ସମ୍ପର୍କ ସୁଦୃଢ଼ କରାଯାଇପାରିବ ଏଥିନିମନ୍ତେ ସମାଧାନର ସୂତ୍ରବିଷୟରେ ଆଲୋଚନା ହୋଇଥିଲା।ଏହି ସଭାରେ ସମସ୍ତ ଉପସ୍ଥିତ ଶିକ୍ଷକ ମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା । ଶେଷରେ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ନୃତ୍ୟ ଏବଂ 'ଯେମିତି ବୁଣିବ ସେମିତି ପାଇବ' ନାଟକ ଉପସ୍ଥାପନା କରାଯାଇଥିଲା । ପରିଶେଷରେ ପ୍ରବନ୍ଧ , ସାଧାରଣ ଜ୍ଞାନ ଓ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ସୁଶାନ୍ତ କୁମାର ମହାପାତ୍ରଙ୍କ ଦ୍ୱାରା ଧନ୍ୟବାଦ୍ ଅର୍ପଣ କରାଯାଇଥିଲା ବେଳେ ପୂଜ୍ୟପୂଜା କାର୍ଯ୍ୟକ୍ରମରେ ସୁବାସିନୀ ଜୀ , ଶ୍ରୀଯୁକ୍ତ ଦୈତାରୀ ବାରିକ୍,ଶ୍ରୀଯୁକ୍ତ ଭରତଚନ୍ଦ୍ର ମହାନ୍ତି, ଶ୍ରୀଯୁକ୍ତ ବାମନଚନ୍ଦ୍ର ମହାନ୍ତି ଡ଼.କହ୍ନେଇଚରଣ ସ୍ୱାଇଁ, ଶ୍ରୀଯୁକ୍ତ ସୁଶାନ୍ତ କୁମାର ମହାପାତ୍ର ,ଶ୍ରୀମତୀ ଜ୍ୟୋତିର୍ମୟୀ ନାୟକ, ଶ୍ରୀଯୁକ୍ତ କାର୍ତ୍ତିକଚନ୍ଦ୍ର ସାହୁ , ଶ୍ରୀମତୀ ଅର୍ଚ୍ଚନା ପଣ୍ଡା ,ଶ୍ରୀଯୁକ୍ତ ପ୍ରଭାକର ମହାନ୍ତି, ଶ୍ରୀଯୁକ୍ତ ପ୍ରଭାକର ସାହୁ , ଡ. ଶରତ ଚନ୍ଦ୍ର ମିଶ୍ର , ଶ୍ରୀଯୁକ୍ତ ଅଞ୍ଜନକୁମାର ଦାସ, ଶ୍ରୀମତୀ ଜୟନ୍ତୀ ପ୍ରଧାନ,ଶ୍ରୀଯୁକ୍ତ ରବିନାରାୟଣ ବେହେରା , ଶ୍ରୀଯୁକ୍ତ ବୀରକିଶୋର ଦାସବାବୁ ,ଶ୍ରୀଯୁକ୍ତ ବିଶ୍ୱନାଥ ନାୟକ ,ଶ୍ରୀଯୁକ୍ତ ଉତ୍ତମ କୁମାର ବିଶ୍ୱାଳ, ଶ୍ରୀଯୁକ୍ତ ଭାସ୍କର ଚନ୍ଦ୍ର ଜେନା, ଶ୍ରୀମତୀ ମନସ୍ୱିନୀ ବେହେରା , ଶ୍ରୀମତୀ ହରପ୍ରିୟା ମହାପାତ୍ର ଆଶୀର୍ବାଦ ପ୍ରଦାନ କରିଥିଲେ।

# ଜରାଜୀର୍ଣ୍ଣ ଅବସ୍ଥାରେ ବିଏସଏନଏଲ ସେବା : ଉପଭୋକ୍ତା ହନ୍ତସନ୍ତ




ବୈଶିଙ୍ଗା, ୦୫/୧୦ (ନି.ପ୍ର): ଦୂରସଂଚାର କ୍ଷେତ୍ରରେ ଭାରତ ସଂଚାର ନିଗମ ଲିମିଟେଡ଼ ଏକ ଅଗ୍ରଣୀ ସରକାରୀ ଅନୁଷ୍ଠାନ ଭାବେ ସାରା ଭାରତ ବର୍ଷରେ ଗ୍ରାହକଙ୍କ ପ୍ରଥମ ପସନ୍ଦ ଥିବା ବେଳେ ବର୍ତ୍ତମାନ କୋମାରେ ଥିବା ଭଳି ମନେହୁଏ । କାରଣ ନା ଅଛନ୍ତି କର୍ମଚାରୀ ନା ଅଛି ଗ୍ରାହକ ସେବା । ବୈଶିଙ୍ଗା ଠାରେ ଥିବା ବିଏସଏନଏଲ ର ଟେଲିଫୋନ ଏକ୍ସଚେଞ୍ଜର ପରିବେଶ ଓ କର୍ମଚାରୀ ବିହୀନ କ୍ରୀୟା କଳାପ ଗ୍ରାହକ ଙ୍କୁ ଧୋକା ଦେଇଥିବାର ଚିନ୍ତା କରାଯାଏ । ବୈଶିଙ୍ଗା ଓ ଏହାର ଆଖ ପାଖ ରେ ୨୫ ହଜାର ମୋବାଇଲ ଗ୍ରାହକ ଥିବା ବେଳେ ତାଙ୍କ ପାଇଁ ୨୪ ଘଣ୍ଟିଆ ସେବା ଯୋଗାଇବା ସାତସପନ ପାଇଟିଛି । ଏକ୍ସଚେଞ୍ଜ ରେ କର୍ମଚାରୀ ନ ଥିବାରୁ ବିଦ୍ୟୁତ କାଟ୍ ହେଲେ ମୋବାଇଲ ସେବା ଠପ୍ ହୋଇଯାଉଛି । କାଷ୍ଟମର କେୟାର କୁ ଫୋନ କରିଲେ ଉତ୍ତର ଆସେ ଆମେ ସଜାଗ ଅଛୁଁ । ଖୁବ୍ ଶୀଘ୍ର ହେବା ଉପଲବ୍ଧ ହୋଇଯିବ। ମାତ୍ର ସେବା ମିଳେ ନାହିଁ, ପରବର୍ତ୍ତୀ ସମୟରେ ଫୋନ କରିଲେ ସମାନ ଉତ୍ତର ଆସେ । ଏମିତି ବାରମ୍ବାର ଫୋନ କରିଲେ ବିଫଳ ହୋଇ ନିରାଶ ହୁଅନ୍ତି । ବହୁ ବି ଏସ ଏନ ଏଲ୍ ଗ୍ରାହକ ଏବେ ଘରୋଇ ସଂଚାର କମ୍ପାନୀ ଉପରେ ନିର୍ଭର କରି ନମ୍ବର ପୋର୍ଟିଂ କରିବାରେ ଲାଗି ପଡ଼ିଛନ୍ତି । ଆଗାମୀ ଦିନରେ ବି ଏସ ଏନ୍ ଏଲ ଯଦି ସେବା ନ ଯୋଗାଏ ତେବେ ଗ୍ରାହକ ଏହି ସଂସ୍ଥାକୁ ଭୁଲିଯିବେ ଏଥିରେ ସନ୍ଦେହ ନାହିଁ ।

# ଗାଁ ରାସ୍ତାକୁ କେନାଲ ରାସ୍ତା ଦେଖାଇ ଉଠାଇ ନେଲେ ୧୯ଲକ୍ଷ



ଖଇରା , ୦୫/୧୦ (ନି.ପ୍ର): ବିଦ୍ୟାଧରପୁର ସବଡିଭିଜନ ଖଇରା ସବଡିଭିଜନ ଅଧିନସ୍ଥ ସାଳନ୍ଦୀ ବାମପାର୍ଶ୍ୱ ଆନ୍ଧହତା କେନାଲର ବାଘୁଆ ଡିଷ୍ଟ୍ରିବ୍ୟୁଟୋରୀ ର ପାର୍ଶ୍ୱରାସ୍ତା ନିର୍ମାଣ ପାଇଁ ଆସିଥିବା ଅର୍ଥକୁ ଠିକାଦାର ଗାଁରାସ୍ତାରେ ବିନିଯୋଗ କରି ବିଲ ଉଠାଇ ନେଇଥିବା ଅଭିଯୋଗ ହୋଇଛି । ଉକ୍ତ ଅନିୟମିତତା ର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଗ୍ରାମର ରବିନ୍ଦ୍ର ନାୟକ,ଗୌତମ ଦାସ,ହରିହର ନାୟକ,ଦେବେନ୍ଦ୍ର ନାୟକ ଓ ରମାକାନ୍ତ ପଣ୍ଡା ପ୍ରମୁଖ ଦାବୀ କରିଛନ୍ତି । ୨୦୨୫-୨୬ ଆର୍ଥିକ ବର୍ଷରେ ବାଘୁଆ ଡିଷ୍ଟ୍ରିବ୍ୟୁଟୋରୀ ଅଧୀନରେ ସାଧାରଣ ଲୋକଙ୍କ ଯାତାୟାତକୁ ସୁବିଧା ନିମନ୍ତେ କେନାଲ ପାର୍ଶ୍ୱ ରାସ୍ତା ଉନ୍ନତିକରଣ ପାଇଁ ୧୯ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା । ହେଲେ ଉକ୍ତ ଅର୍ଥ କେନାଲ ରାସ୍ତା ପାଇଁ ଖର୍ଚ୍ଚ କରାଯିବା ପରିବର୍ତ୍ତେ ଗାଁରାସ୍ତାରେ ପୁଣି ରକ୍ଷିତ ଗୋଚର ଜମି ଉପରେ ବ୍ୟୟ କରାଯାଇଥିବା କୁହାଯାଉଛି । କାଁଭାଁ ମୋରମ ଓ ମେଟାଲ ବିଛାଯିବାରେ ମାତ୍ର ଅଳ୍ପ କିଛି ଟଙ୍କା ବ୍ୟୟ କରାଯାଇ ଏହି ଅର୍ଥ ହେରଫେର କରାଯାଇଛି । ଆଶ୍ଚର୍ଯ୍ୟର କଥା ଯେ ଉକ୍ତ ଟେଣ୍ଡର କାମରେ ଅର୍ଦ୍ଧାଧିକ ବିଲ ଉଠାଣ ହୋଇ ସାରିଥିବା ବେଳେ କୌଣସୀ ସ୍ଥାନରେ ସୂଚନା ଫଳକ ଲଗାଯାଇ ନଥିବାରୁ ଗ୍ରାମବାସୀ ଏବେ ଅନ୍ଧାରରେ ରହିଛନ୍ତି । ଏଭଳିକି ଏକ ପୁରୁଣା ପୋଲ ପାଚେରୀରେ ସିମେଣ୍ଟ ବୋଲି ପୁରା ଅର୍ଥ ଉଠାଇବାର ସମସ୍ତ ବନ୍ଦୋବସ୍ତ କରାଯାଇଛି । ୯ଶହ ମିଟର ରାସ୍ତା ନିର୍ମାଣ ପାଇଁ ବିଭାଗ ସହ ଚୁକ୍ତି ହୋଇଥିବା ବେଳେ ମାତ୍ର ୧୫୦ମିଟର ରାସ୍ତା ନିର୍ମାଣ ପାଇଁ ଏହି ଅର୍ଥ ଖର୍ଚ୍ଚ କରାଯାଇଛି । ଏ ସମ୍ପର୍କରେ ବର୍ତ୍ତମାନ ବିଦ୍ୟାଧରପୁର ସବଡିଭିଜନ ଦାୟିତ୍ୱରେ ଥିବା ସାଳନ୍ଦୀ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ହିତେଶ ସାହୁଙ୍କୁ ଯୋଗାଯୋଗ କରିବାରେ କାର୍ଯ୍ୟସ୍ଥଳକୁ ସହକାରୀ ଯନ୍ତ୍ରୀ ଯାଇଥିଲେ । ସେ ଏ ବିଷୟରେ କହି ପାରିବେ ବୋଲି ପ୍ରକାଶ କରିଛନ୍ତି ।

# ବ୍ୟାଙ୍କ ଲୋନ ନଶୁଝିବାରୁ ଘର ସିଲ୍ କଲା ୟୁକୋ ବ୍ୟାଙ୍କ



ଲଙ୍ଗଳେଶ୍ୱର, ୫/୧୦(ନିପ୍ର): ବାଲେଶ୍ୱର ଜିଲ୍ଲା ସିଂଲା ଥାନା ବଣିଆଡିହା ପଞ୍ଚାୟତ ଅନ୍ତର୍ଗତ ବିଶ୍ୱନାଥପୁର ଗ୍ରାମର ପ୍ରଦୀପ ଜେନା ୨୦୦୬ମସିହାରେ ଲଙ୍ଗଳେଶ୍ୱର ୟୁକୋ ବ୍ୟାଙ୍କ ଶାଖାରୁ ଘର ଡିହ ଜମା କରି ଦେଢ ଲକ୍ଷ ଟଙ୍କା ଋଣ ନେଇ ଥିଲେ, ମାତ୍ର ଦୀର୍ଘ ବର୍ଷ ପରେ ମଧ୍ୟ ଋଣ ନଶୁଝିବାରୁ ବ୍ୟାଙ୍କ ପକ୍ଷରୁ ତାଙ୍କୁ ବାରମ୍ବାର ନୋଟିସ କରା ଯାଇଥିଲା, ସୂଧ ମୂଳ ସମେତ ମୋଟ୍ ୧୪ ଲକ୍ଷ ନଶୁଝିବାରୁ ଆଜି ବ୍ୟାଙ୍କ ପକ୍ଷରୁ ତାଙ୍କ ଘରକୁ ସିଲ୍ କରା ଯାଇଛି, ମାଜିଷ୍ଟ୍ରେଟ ଭାବରେ ବସ୍ତା ଅତିରିକ୍ତ ତହସିଲଦାର ପିଜ୍ୟୁସକାନ୍ତ ପ୍ରଧାନ ଉପସ୍ଥିତ ରହିଥିବା ବେଳେ ଲଙ୍ଗଳେଶ୍ୱର ୟୁକୋ ବ୍ୟାଙ୍କ ଶାଖା ର ମ୍ୟାନେଜର ଚନ୍ଦନ ମାଝୀଙ୍କ ସମେତ ବ୍ୟାଙ୍କ ର ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ, ଘଟଣା ସ୍ଥଳରେ ସିଂଲା ଥାନା ପୋଲିସ ସମେତ ଆଇନ ଶୃଙ୍ଖଳା ଦୃଷ୍ଟି ରୁ ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରା ଯାଇ ଥିଲା।

# ଭଦ୍ରକ ବ୍ଲକର ସାହାଡ଼ା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ



ଭଦ୍ରକ, ୦୫/୧୦ (ନି.ପ୍ର): ଭଦ୍ରକ ବ୍ଲକର ସାହାଡ଼ା ପଂଚାୟତ ସମିତି ସମ୍ମିଳନୀ କକ୍ଷ ପରିସରଠାରେ ଆଜି ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଶୁଣାଣିରେ ମୋଟ ୨୦୫ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ଏଥିରୁ ୧୭୬ଟି ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ଥିବାବେଳେ ୨୯ଟି ଗ୍ରାମୀଣ ସମସ୍ୟା ସମ୍ବନ୍ଧୀୟ ଓ ରେଡ କ୍ରଶ ଅଧିନସ୍ଥ ୬ଟି ଅଭିଯୋଗ ରହିଥିଲା। ଶୁଣାଣି ସମୟରେ ୨୮ଟି ଅଭିଯୋଗର ସ୍ଥଳୀୟ ସମାଧାନ କରାଯାଇଥିବାବେଳେ ଜିଲ୍ଲା ରେଡକ୍ରସ ପାଣ୍ଠି ମାଧ୍ୟମରେ ୬ଜଣ ଅଭିଯୋଗକାରୀଙ୍କୁ ମୋଟ ୬୪,୦୦୦/- ଟଙ୍କା ମଞ୍ଜୁର କରାଯାଇଛି।ଏହି ଜନ ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ , ଆରକ୍ଷୀ ଅଧିକ୍ଷକ ମନୋଜ ରାଉତ, ମୁଖ୍ୟ ଉନ୍ନୟନ ଅଧିକାରୀ, ଉଜଉଇ, ଶୁଭେନ୍ଦ୍ର ସାମଲ, ଜ଼ିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରମୋଦ ପ୍ରହରାଜ, ଉପ ଜ଼ିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଶ୍ମିରଂଜନ ମଲ୍ଲିକ, ଭଦ୍ରକ ବ୍ଲକ ଅଧ୍ୟକ୍ଷ। ଉର୍ମିଳା ନାୟକ ଓ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।




# ବସ୍ତାରେ ବିଜେପିର ସେବା ସଂକଳ୍ପ ସମାବେଶ: ପ୍ରାକ୍ତନ ସାଂସଦ ରବୀନ୍ଦ୍ର ଓ ରାଜ୍ୟ ଉପସଭାନେତ୍ରୀ ସିପ୍ରାଙ୍କ ଉଦ୍‌ବୋଧନ




ବସ୍ତା, ୦୫/୧୦ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୬ ତମ ଜନ୍ମ ଜୟନ୍ତୀ ପାଳନ ଅବସରରେ ସେବା ସଂକଳ୍ପ ସମାବେଶ ଆୟୋଜନ ହେବା ସହିତ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ହୋଇଥିଲା। ବସ୍ତାର ବାହାର୍ଦ୍ଦା ଡାକବଙ୍ଗଳା ନିକଟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପୂର୍ବତନ ସାଂସଦ ଇଂ ରବୀନ୍ଦ୍ର କୁମାର ଜେନା ଓ ରାଜ୍ୟ ଉପସଭାନେତ୍ରୀ ସିପ୍ରା ବାଜପେୟୀ ବୃକ୍ଷ ରୋପଣ କରିବା ସହିତ ବିଜେପି ନୀତି ଏବଂ ଆଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରଧାନ ମନ୍ତ୍ରୀ ମୋଦି ତାଙ୍କ ଜନ୍ମ ଦିନକୁ ଜନସାଧାରଣଙ୍କ ସେବା ପାଇଁ ବିଭିନ୍ନ ଯୋଜନା ସମ୍ପର୍କରେ ଅଭିହିତ କରିବା ତଥା ସଚେତନତା ସକାଶେ ପରାମର୍ଶ ଦେଇଥିବା କହିଥିଲେ।ମୋଦିଙ୍କ ଶାସନ କାଳରେ ରାଜ୍ୟକୁ ରେଳବାଇ କ୍ଷେତ୍ରରେ ପର୍ଯ୍ୟାପ୍ତ ଅନୁଦାନ ଦିଆଯିବା କ୍ଷେତ୍ରରେ ଇତିହାସ ରଚିଥିବା ବେଳେ ଖଣି ଆଇନ ସଂଶୋଧନ କରି ରାଜସ୍ୱ ଆୟ ୫ ହଜାର କୋଟିରୁ ୫୦ ହଜାର କୋଟି ଟଙ୍କାକୁ ବୃଦ୍ଧି କରାଇଥିବା ସମେତ ବିଭିନ୍ନ ଯୋଜନାର ସଫଳତା ବିଷୟରେ କହିଥିଲେ।ଅନ୍ୟମାନଙ୍କ ମଧ୍ୟରେ ବସ୍ତା ବ୍ଲକ ଅଧକ୍ଷା ଅଞ୍ଜଳୀ ଦାସ, ବାଲେଶ୍ୱର ସଦର ବ୍ଲକ ଅଧକ୍ଷା ସୁନିତା ବେହେରା, ପୂର୍ବତନ ଜିଲା ପରିଷଦ ସଦସ୍ୟ ଅଜୟ କୁମାର ସାହୁ, ପ୍ରାକ୍ତନ ସାଂସଦଙ୍କ ବ୍ଲକ ପ୍ରତିନିଧି ବ୍ରଜମୋହନ ମିଶ୍ର, ସୁବଳ ଦାସ, ପ୍ରଦୀପ ବିଶ୍ୱାଳ,ନିଶାକର ସେଠୀ, ଅଜୟ ସାମଲ, ବେଣୁଧର ଜେନା, କମଳ ଲୋଚନ ଜେନା,ରବୀନ୍ଦ୍ର ଦତ୍ତ,ରାଧାଶ୍ୟାମ ମହାପାତ୍ର,ତପନ ପାତ୍ର ପ୍ରମୁଖ ଉଦବୋଧନ ଦେଇଥିଲେ।ବିଜେପି ନେତା ଶିବାନନ୍ଦ ଦାସଙ୍କ ଆବାହକତ୍ୱରେ ଓ ସ୍ଥାନୀୟ ସଭାପତି ଅଜୟ ଜେନାଙ୍କ ଅଧକ୍ଷତାରେ ଧୀରେନ କୁମାର ସେଠୀ ସଭା ପରିଚାଳନା କରିଥିବା ବେଳେ ପ୍ରକାଶ କୁଣ୍ଡୁ ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ ଦିଲ୍ଲୀପ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ରିଷିଆ ଡ୍ୟାମରେ ରକ୍ଷଣାବେକ୍ଷଣ, ସୁରକ୍ଷା ଓ ବିକାଶପାଇଁ ପହଞ୍ଚିଲେ କେନ୍ଦ୍ରୀୟ ଟିମ୍

ନୀଳଗିରି, ୦୫/୧୦ (ନି.ପ୍ର): ଡ୍ୟାମ, ନଦୀବନ୍ଧର ସୁରକ୍ଷା ଯାଞ୍ଚ କରିବାପାଇଁ କେନ୍ଦ୍ର ଜଳଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ସମଗ୍ର ଦେଶରେ ନିର୍ଦ୍ଦେଶାବଳୀ ଜାରି କରାଯାଇଛି। ଏହିକ୍ରମରେ ବାଲେଶ୍ୱର ଜିଲ୍ଲା ନୀଳଗିରିର ପ୍ରସିଦ୍ଧ କୁଲଡିହା ବନ୍ୟପ୍ରାଣୀ ଅଭୟାରଣ୍ୟର ପାଦଦେଶରେ ଅବସ୍ଥିତ ରିଷିଆ ଡେମର ଜଳଭଣ୍ଡାର ଯାଞ୍ଚ ପାଇଁ ପହଂଚିଛନ୍ତି କେନ୍ଦ୍ରୀୟ ଟିମ୍। ଏହି ଡ୍ୟାମଟି କ୍ଷୁଦ୍ରଜଳସେଚନ ଉପ-ବିଭାଗ ଦ୍ୱାରା ରକ୍ଷଣାବେକ୍ଷଣ କରାଯାଉଥିବା ବେଳେ ଡ୍ୟାମର ସୁରକ୍ଷା, ଜଳଭଣ୍ଡାର ଓ ଏହାର ଆଖପାଖ ଅଞ୍ଚଳ ସହିତ ଭିତ୍ତିଭୂମିର ଯାଞ୍ଚପାଇଁ ସୋମବାର ପୂର୍ବାହ୍ନରେ ପହଞ୍ଚିଥିଲେ କେନ୍ଦ୍ରୀୟ ଟିମର ତିନିଜଣ ଅଧିକାରୀ। ଟିମର ଅଧ୍ୟକ୍ଷ ଲିଙ୍ଗରାଜ ଗୌଡ଼ ଏବଂ ଅନ୍ୟଦୁଇଅଧିକାରୀ ଶକ୍ତିପଦ ବାନାର୍ଜୀ, ଏସ୍.ଏନ୍.ଗୁପ୍ତାଙ୍କ ସମେତ ବାଲେଶ୍ୱର କ୍ଷୁଦ୍ରଜଳସେଚନ ବିଭାଗର ଅଧୀକ୍ଷଣଯନ୍ତ୍ରୀ ସୁଶୀଲ ବିଶ୍ୱାଳ, ନୀଳଗିରୀ କ୍ଷୁଦ୍ରଜଳସେଚନ ବିଭାଗର ସହକାରି ନିର୍ବାହୀଯନ୍ତ୍ରୀ ନିମାଇଁ ନାୟକ, କନିଷ୍ଠଯନ୍ତ୍ରୀ କଳ୍ପନା ସିଂ, ନୀଳଗିରି ସେକ୍ସନର ଅନ୍ୟ ଫିଲ୍ଡ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଚଳଚ୍ଚିତ୍ର ନିର୍ଦ୍ଦେଶକ ଏସକେ ମୁରଲୀଧରନଙ୍କ ମୃତ୍ୟୁ



ଭୁବନେଶ୍ୱର, ୦୫/୧୦ (ନି.ପ୍ର): ଓଡ଼ିଆ ଚଳଚ୍ଚିତ୍ର ନିର୍ଦ୍ଦେଶକ ତଥା ନୃତ୍ୟ ନିର୍ଦ୍ଦେଶକ ଏସ କେ ମୁରଲୀଧରନଙ୍କ ମୃତ୍ୟୁ ଘଟିଛି। ଭୁବନେଶ୍ୱର ଭରତପୁର ଅଂଚଳରେ ଏକ ହୋଟେଲ ରେ ଥିବାବେଳେ ହଟାତ ଅସୁସ୍ଥ ହୋଇପଡ଼ିଥିଲେ। ନଂ ସରକାରୀ ଡାକ୍ତରଖାନା ଆଣିବା ପରେ ଡାକ୍ତର ମୃତ ଘୋଷଣା କରିଥିଲେ। ତାଙ୍କ ବିୟୋଗରେ ଓଲିଉଡ୍ ରେ ଶୋକର ଛାୟା ଖେଳିଯାଇଛି। ନେଇଯାରେ ମେଘମତେ, ଆକାଶେ କି ରଙ୍ଗ ଲାଗିଲା, ସ୍ଥାଇଲ ପ୍ଲିଜ ଭଳି ଅନେକ ହିଟ ଚଳଚ୍ଚିତ୍ର ର ନିର୍ଦ୍ଦେଶନା ଦେଇ ଚର୍ଚ୍ଚାରେ ଥିଲେ। ତାଙ୍କ ମୃତ୍ୟୁରେ ମୁଖ୍ୟମନ୍ତ୍ରୀ, ସଂସ୍କୃତି ମନ୍ତ୍ରୀ, ନିର୍ଦ୍ଦେଶକ ସଂଘ ସଭାପତି ସବ୍ୟସାଚୀ ମହାପାତ୍ର, ନିର୍ଦ୍ଦେଶକ ବବି ଇସଲାମ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❐ Editor: Sairindhree Sahoo
❐ Managing & Executive Editor : Srustidhar Parida